ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୭ବର୍ଷ ■ସଂଖ୍ୟା-୨୪୪● କଟକ ● ଗୁରୁବାର ●୧୮ ଏପ୍ରିଲ-୨୦୨୪ ● ମେଷ-୪ ● ସାଲ୍ ୧୪୩୧
CUTTACK●Thursday ● 18 April-2024 ● RNI Regd.No.4001/
ମୂଲ୍ୟ: ₹ ୫ ଟଙ୍କା

## ରାମ ନବମୀର ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ରାମ ନବମୀର ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସୋସିଆଲ୍ ମିଡିଆ ଏକ୍ସରେ ସେ ରାମ ନବମୀ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସେ ଲେଖିଛନ୍ତି, ଏହି ପବିତ୍ରପର୍ବ ସତ୍ୟ ଓ ଧର୍ମ ମାର୍ଗରେ ଚାଲିବାର ବାର୍ତ୍ତା ଦେଇଥାଏ। ପ୍ରଭୁ ଶ୍ରୀରାମଙ୍କ ସମ୍ପୂର୍ଣ୍ଣ ଜୀବନ ମାନବ ଜାତି ପାଇଁ ପ୍ରେରଣାର ସ୍ରୋତ। ଆଜିର ଦିନରେ ରାଷ୍ଟ୍ରନିର୍ମାଣର ସଂକଳ୍ପ ନେବାକୁ କହିଛନ୍ତି ରାଷ୍ଟ୍ରପତି । ସମସ୍ତଙ୍କ ଜୀବନ ଗାରିମାପୂର୍ଣ୍ଣ ସହ ସର୍ବତ୍ର ସମୃଦ୍ଧିର ସଂକଳ୍ପ ନେବା ଉଚିତ। ସେହିପରି ରାମ ନବମୀର ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଟୁଇଟ କରି ସେ ଦେଶବାସୀଙ୍କୁ ଏହି ପବିତ୍ର ଦିନର ଶୁଭେଚ୍ଛା ଜଣାଇଛନ୍ତି। ସେ ଲେଖିଛନ୍ତି, ଅଯୋଧ୍ୟାର ଭବ୍ୟ ଓ ଦିବ୍ୟ ମନ୍ଦିରରେ ରାମଲାଲା ବିରାଜମାନ। ଏହା ପ୍ରଥମ ରାମ ନବମୀ, ଅଯୋଧ୍ୟା ଏବେ ଆନନ୍ଦମୟ ହୋଇଛି। ୫ ଶତାବ୍ଦୀର ପ୍ରତୀକ୍ଷା ପରେ ଅଯୋଧ୍ୟାରେ ଉତ୍ସବ ପାଳିବାର ସୌଭାଗ୍ୟ। ଏହା ଦେଶବାସୀଙ୍କ ବହୁ ବର୍ଷର ତପସ୍ୟା, ତ୍ୟାଗ ଓ ବଳିଦାନ୍‌ର ଫଳ।

## ଗରିବଙ୍କୁ ମିଳିବ ୩ କୋଟି ନୂଆ ଘର: ପ୍ରଧାନମନ୍ତ୍ରୀ

ଅଗରତାଲା : ତ୍ରିପୁରାର ଅଗରତାଲା ଠାରେ ଏକ ନିର୍ବାଚନ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ବଡ଼ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସେ ଦେଶର ଗରିବ ଲୋକଙ୍କ ପାଇଁ ୩ କୋଟି ନୂଆ ଘର ନିର୍ମାଣ କରିବାକୁ ଯାଉଛନ୍ତି। ଏଥିରୁ ତ୍ରିପୁରାର ଲୋକମାନେ ବହୁତ ଉପକୃତ ହେବେ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସେ ଉତ୍ତର-ପୂର୍ବରେ ସଂଯୋଗ ବୃଦ୍ଧି ଉପରେ ଧ୍ୟାନ ଦେଉଛନ୍ତି। ଏହି ସମୟରେ ପ୍ରଧାନମନ୍ତ୍ରୀ ଅଯୋଧ୍ୟାରେ ରାମ ମନ୍ଦିର ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ୫୦୦ ବର୍ଷର ଦୀର୍ଘ ଅପେକ୍ଷା ପରେ ଶେଷରେ ରାମ ଲାଲା ଏକ ତମ୍ବୁ ପରିବର୍ତ୍ତେ ଏକ ବିଶାଳ ଭବ୍ୟ ମନ୍ଦିରରେ ଅଛନ୍ତି। ପ୍ରଧାନମନ୍ତ୍ରୀ ଜନତାଙ୍କୁ ସମ୍ବୋଧିତ କରି କହିଛନ୍ତି, ଆଜି ସମଗ୍ର ଦେଶରେ ମୋଦିଙ୍କ ଗ୍ୟାରେଣ୍ଟି ଚାଲିଛି। ଉତ୍ତର-ପୂର୍ବ ନିଜେ ମୋଦିଙ୍କ ଗ୍ୟାରେଣ୍ଟିର ସାକ୍ଷୀ। କଂଗ୍ରେସ କେବଳ ସମସ୍ୟା ଦେଇଥିବା ଉତ୍ତର-ପୂର୍ବକୁ ସମ୍ଭାବନାର ସ୍ରୋତ କରିପାରିଛି। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଯେତେବେଳେ ମୋଦି ୨୦୧୪ରେ ଆସିଥିଲେ, ସେତେବେଳେ ସେ ତାଙ୍କ ସହ କିଛି ଆଶା ଆଣିଥିଲେ, ୨୦୧୯ରେ ଯେତେବେଳେ ମୋଦି ଆସିଲେ ସେ ତାଙ୍କ ସହ ବିଶ୍ୱାସ ଆଣିଥିଲେ। ୨୦୨୪ରେ ସେତେବେଳେ ମୋଦି ଏଠାରେ ଥିବେ ସେତେବେଳେ ସେ ତାଙ୍କ ସହ ଗ୍ୟାରେଣ୍ଟି ଆଣିବେ। ମୋଦିଙ୍କ ଗ୍ୟାରେଣ୍ଟି ଅର୍ଥ ହେଉଛି 'ଗ୍ୟାରେଣ୍ଟି ପୂରଣର ଗ୍ୟାରେଣ୍ଟି'।

## କଲବଲ କଲାଣି ତାତି
### ୪୦ ଡିଗ୍ରୀ ଉପରେ ୩୦ ସହର

ଭୁବନେଶ୍ୱର: ରାଜ୍ୟରେ ଗ୍ରୀଷ୍ମଲହରି ଜାରି ରହିଛି। ସକାଳ ୭ଟାରୁ ସୂର୍ଯ୍ୟଙ୍କ ପ୍ରଖର କିରଣ ଲୋକଙ୍କୁ ଅସ୍ତବ୍ୟସ୍ତ କରିପକାଉଛି। ଶରୀରରୁ ଗମ୍‌ଗମ୍ ଝାଳ ବାହାରିପଡୁଛି। ଦିନସାରା ତତଲା ଝାଞ୍ଜି ବହୁଛି। ଆଜି ରାଜ୍ୟର ୩୦ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଏଥିରେ ତାଳଚେରରେ ସର୍ବାଧିକ ତାପମାତ୍ରା ରେକର୍ଡ ହୋଇଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି ।ତାଳଚେରରେ ଆଜି ତାପମାତ୍ରା ୪୩.୨ ଡିଗ୍ରୀ ରେକର୍ଡ ହୋଇଛି। ନୂଆପଡ଼ାରେ ୪୩, ପାରଳାଖେମୁଣ୍ଡି ବୌଦ୍ଧରେ ୪୨.୮, ଅନୁଗୁଳ, ନୟାଗଡ଼ରେ ୪୨.୬ ଓ ଟିଟିଲାଗଡ଼ରେ ୪୨.୫ ଡିଗ୍ରୀ ପାରା ଛୁଇଁଛି। ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଆଗାମୀ ୪ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ଲହରି ଜାରି ରହିବ। ୫ଟି ସହରରେ ତାପମାତ୍ରା ୪୫ ଡିଗ୍ରୀ ପହଞ୍ଚିପାରେ। ଏପ୍ରିଲ ୧୮ ତାରିଖ ଗୁରୁବାର ବାରିପଦାର ତାପମାତ୍ରା ୪୫ ଡିଗ୍ରୀ ହେବାର ଆକଳନ କରାଯାଇଥିବା ବେଳେ ଅନୁଗୁଳ, ବୌଦ୍ଧ, ବଲାଙ୍ଗୀର, ମାଲକାନଗିରିରେ ତାପମାତ୍ରା ୪୪ ଡିଗ୍ରୀ ରେକର୍ଡ କରାଯାଇପାରେ। ନୂଆପଡ଼ା, ଝାରସୁଗୁଡ଼ା, ଭଦ୍ରକ, ଖୋର୍ଦ୍ଧା, ବାଲେଶ୍ୱର ଓ ନୟାଗଡ଼ରେ ୪୩ ଡିଗ୍ରୀ ପାରା ପହଞ୍ଚିପାରେ। ଏପ୍ରିଲ ୧୯ ତାରିଖରେ ଅନୁଗୁଳ, ବଲାଙ୍ଗୀର, ବୌଦ୍ଧ, ବାରିପଦା ଓ ମାଲକାନଗିରିରେ ତାପମାତ୍ରା ୪୫ ଡିଗ୍ରୀ ରେକର୍ଡ ହେବାର ଆକଳନ କରାଯାଉଛି। ସମ୍ବଲପୁର, ନୂଆପଡ଼ା ଓ ଟିଟିଲାଗଡ଼ରେ ତାପମାତ୍ରା ୪୪ ଡିଗ୍ରୀ ପହଞ୍ଚିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଉଛି। ଏପ୍ରିଲ ୨୦ ଓ ୨୦ ତାରିଖ ଦିନ ମଧ୍ୟ ତାତିରୁ ନିସ୍ତାର ମିଳିବ ନାହିଁ। ଏହି ଦୁଇ ଦିନ ସମ୍ବଲପୁରରେ ପାରା ୪୪ ଡିଗ୍ରୀରହିପାରେ। ଏପ୍ରିଲ ୨୦ରେ ସମ୍ବଲପୁର, ସୋନପୁର ଓ ଟିଟିଲାଗଡ଼ରେ ତାପମାତ୍ରା ୪୪ ଡିଗ୍ରୀ ରହିପାରେ। କିନ୍ତୁ ଅନ୍ୟ ସହରରେ ତାପମାତ୍ରା ୧ରୁ ୨ ଡିଗ୍ରୀ ହ୍ରାସ ପାଇବାର ଆଶଙ୍କା କରାଯାଉଛି।

**ସମ୍ପାଦକୀୟ**
ବିକଶିତ ଭାରତ ପାଇଁ ପ୍ରତିଶ୍ରୁତି


**ବାଟେଘାଟେ**



ଆଠଗଡେ ପଦ୍ମ
ଫୁଲ ଫୁଟିଲାଣି
ଶଙ୍ଖ ଭାଇ ଗଲେ ଡରି
ଅଭିମାନ କରି
କହୁଛନ୍ତି ଏବେ
ଭାଇ ହୋଇଲେ ଉଗାରୀ
କିଏ ସେ କରିବ ପାରି
ଭାଇ ଗଲା ବେଳେ
ମୁଖିଆଙ୍କୁ ଟିକେ
ଦେଲେ ନାହିଁ ସେ ପଚାରି ?

-ରାହୀ

# ରାମଲଲାଙ୍କ ମସ୍ତକରେ ଶୋଭା ପାଇଲା ସୂର୍ଯ୍ୟତିଳକ



ଅଯୋଧ୍ୟା : ଆଜି ପବିତ୍ର ରାମନବମୀ। ସାରା ଦେଶ ସହ ଅଯୋଧ୍ୟାର ଭବ୍ୟ ରାମ ମନ୍ଦିରରେ ଉତ୍ସାହର ସହ ପାଳନ ହେଉଛି ପ୍ରଭୁ ଶ୍ରୀରାମଙ୍କ ଜନ୍ମ ଉତ୍ସବ । ୫ ଶହ ବର୍ଷର ପ୍ରତୀକ୍ଷା ପରେ ଅଯୋଧ୍ୟାର ଭବ୍ୟ ରାମ ମନ୍ଦିରରେ ପ୍ରଥମ ଥର ପାଇଁ ପାଳନ ହେଉଛି ରାମ ନବମୀ । ଏହି ଅବସରରେ ରାମ ଲାଲାଙ୍କ ମସ୍ତକରେ ଲାଗି ହୋଇଛି ସୂର୍ଯ୍ୟ ତିଳକ । ଗର୍ଭଗୃହରେ ବିରାଜିତ ରାମ ଲାଲାଙ୍କୁ ଲଲାଟରେ ସୂର୍ଯ୍ୟଙ୍କ କିରଣ ପକାଇ କରାଯାଇଛି ଦିବ୍ୟ ସୂର୍ଯ୍ୟ ତିଳକ । ଆସ୍ଥା, କଳ୍ପନା ଓ ବିଜ୍ଞାନର ଅଭୂତପୂର୍ବ ସମ୍ମିଶ୍ରଣ ଦେଖିବାକୁ ମିଳିଛି ଭବ୍ୟ ଶ୍ରୀରାମ ମନ୍ଦିରରେ। ଦିନ ୧୧ଟା ୫୮ ମିନିଟରୁ ମଧ୍ୟାହ୍ନ ୧୨ଟା ୩ ମିନିଟ ପର୍ଯ୍ୟନ୍ତ ସୂର୍ଯ୍ୟ ତିଳକରେ ଝଟକିଲା ରାମଲାଲାଙ୍କ ଲଲାଟ ପଟକ । ଗର୍ଭ ଗୃହରେ ଦିବ୍ୟ ରୂପରେ ଝଲସିଛନ୍ତି ପ୍ରଭୁ ଶ୍ରୀରାମ । ଶ୍ରୀବିଗ୍ରହଙ୍କ ମସ୍ତକରେ ଶୋଭିତ ହୀରା ଓ ମାଣିକ୍ୟ ଖଚିତ ସ୍ୱର୍ଣ୍ଣ ତିଳକ ସୂର୍ଯ୍ୟଙ୍କ କିରଣରେ ଉଦଭାସିତ ହେଉଛି । ଭଗବାନ ଶ୍ରୀ ରାମଙ୍କ ସୂର୍ଯ୍ୟ ତିଳକ କାର୍ଯ୍ୟ କରିବା ମାତ୍ରେ ସମଗ୍ର ମନ୍ଦିର କମ୍ପ୍ଲେକ୍ସ ଶ୍ରୀ ରାମଙ୍କ ସ୍ଲୋଗାନରେ ପ୍ରତିଧ୍ୱନିତ ହୋଇଥିଲା। ସୂର୍ଯ୍ୟ ତିଳକର ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ପ୍ରଭୁ ରାମଲାଲାଙ୍କ ସୂର୍ଯ୍ୟ ତିଳକ ଦେଖିବାକୁ ରାମନବମୀ ଅବସରରେ ଅଯୋଧ୍ୟାରେ ହୋଇଛି ପ୍ରବଳ ଭକ୍ତଙ୍କ ଭିଡ଼ । ରାମଲାଲାଙ୍କ ମସ୍ତକରେ ସୂର୍ଯ୍ୟ ତିଳକ ଦୃଶ୍ୟମାନ ହେଲା ପରେ ଭକ୍ତ ମହଲରେ ପ୍ରବଳ ଉତ୍ସାହ ପ୍ରକାଶ ପାଇଛି। ଅପେକ୍ଷା ଥିଲା ଆଜିର ଦିନକୁ । ସାରା ଦେଶରେ ଆଜି ରାମନବମୀ ପର୍ବ ବେଶ ଧୁମଧାମରେ ପାଳନ କରାଯାଉଛି । ରାମ ନଗରୀ ଅଯୋଧ୍ୟା ପାଇଁ ଚଳିତ ବର୍ଷ ରାମନବମୀ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ପାଲଟିଛି। ପ୍ରଥମ ଥର ପ୍ରଭୁ ରାମଙ୍କର ୫ ବର୍ଷର ବାଳକ ସ୍ୱରୂପଙ୍କ ମଥାରେ ସୂର୍ଯ୍ୟ ତିଳକ ଲାଗିଛି । ସୂର୍ଯ୍ୟୋଭିଷେକ ପାଇଁ ଅନେକ ଦିନ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ତେବେ ସବୁଠାରୁ ବଡ଼ କଥା ହେଉଛି ବିନା ବିଜୁଳି ଓ ବ୍ୟାଟେରୀରେ ଲାଗିଛି ସୂର୍ଯ୍ୟ ତିଳକ । ଏଥିପାଇଁ ରାମ ମନ୍ଦିରରେ ସୂର୍ଯ୍ୟ ତିଳକ ପ୍ରକ୍ରିୟାର ଟ୍ରାଏଲ୍ ବା ପୂର୍ବାଭ୍ୟାସ କରିଥିଲା ସେଣ୍ଟ୍ରାଲ୍ ବିଲ୍ଡିଂ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ (CBRI) ରୁରକିର ବୈଜ୍ଞାନିକ ଟିମ୍ । ବିଗ୍ରହକୁ ଚାଦର ଘୋଡ଼ାଇ ନିର୍ଭୁଲ୍ ମାପଚୁପ କରି ଯନ୍ତ୍ରପାତି ଖଞ୍ଜାଯାଇଥିଲା । ସୂଚନା ଅନୁସାରେ, ଏହି ଅପ୍ଟି-ମେକାନିକାଲ୍ ସିଷ୍ଟମରେ ସୂର୍ଯ୍ୟାଲୋକକୁ ଗର୍ଭଗୃହ ଯାଏଁ ପଠାଇବାକୁ, ତୃତୀୟ ମହଲା ଉପରେ ଏକ ବଡ଼ ରିଫ୍ଲେକ୍ଟର ବକ୍ସ ଲାଗିଛି। ପ୍ରତି ସେକେଣ୍ଡରେ ପୃଥିବୀର ଚଳନ ଅନୁସାରେ ଦର୍ପଣ ଓ ଲେନ୍ସର ଦିଗ ବଦଳାଇବାକୁ ୧୯ଟି ଗିୟର ଲାଗିଛି । ଏହା ବିନା ବିଜୁଳିରେ କାମ କରିପାରିବ । ସେଠାରୁ ସୂର୍ଯ୍ୟ କିରଣ ପିତ୍ତଳ ଅଥବା ଅଷ୍ଟଧାତୁ ପାଇପ ଭିତରେ ୨ଟି ଦର୍ପଣ ଓ ୩ଟି ଲେନ୍ସ ଦେଇ ଗର୍ଭଗୃହ ଯାଏଁ ଆସିବ। ମଧ୍ୟାହ୍ନ ଆକାଶରେ ସୂର୍ଯ୍ୟ ଯେତେବେଳେ ଠିକ୍ ମୁଣ୍ଡ ଉପରେ ଥିବେ, ସେତେବେଳେ ଦିବ୍ୟ ଆଭା ପ୍ରତିଫଳିତ ହେବ ବାଳକ ରାମଙ୍କ ଲଲାଟ ମଧ୍ୟସ୍ଥଳରେ । ଏହି ଅଲୌକିକ ଦୃଶ୍ୟ ପୂରା ଅଯୋଧ୍ୟା ନଗରୀରେ ଶହେ ଏଲଇଡି ସ୍କ୍ରିନ ଦ୍ୱାରା ପ୍ରଦର୍ଶିତ ହୋଇଛି। ସୂର୍ଯ୍ୟ ତିଳକ ପରେ ରାମଲଲାଙ୍କ ଦର୍ଶନ ସମୟକୁ ୧୯ ଘଣ୍ଟାକୁ ବୃଦ୍ଧି କରାଯାଇଛି, ଯାହା ମଙ୍ଗଳ ଆରତୀରୁ ଆରମ୍ଭ ହୋଇ ରାତି ୧୧ ଟା ପର୍ଯ୍ୟନ୍ତ ଚାଲିବ । ୪ଥର ନୈବେଦ୍ୟ ପାଇଁ ପ୍ରତ୍ୟେକଟି କେବଳ ୫ମିନିଟ ପାଇଁ ବନ୍ଦ ରହିବ । ଅଯୋଧ୍ୟା ସହରରେ ପ୍ରାୟ ଶହେ ବଡ ଏଲଇଡି ସ୍କ୍ରିନ ମାଧ୍ୟମରେ ଶ୍ରୀ ରାମ ଜନମୋତ୍ସବ ପ୍ରସାରିତ ହେବ। ଟ୍ରଷ୍ଟର ସୋସିଆଲ ମିଡିଆ ଆକାଉଣ୍ଟରେ ଏହାର ଲାଇଭ ଟେଲିକାଷ୍ଟ ମଧ୍ୟ କରାଯାଇଥିଲା। ପ୍ରଶାସନ ପକ୍ଷରୁ ଏଥିପାଇଁ ବିସ୍ତୃତ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବିଭିନ୍ନ ସ୍ଥାନରେ ପ୍ରତିବନ୍ଧକ ଲଗାଇ ଭକ୍ତମାନଙ୍କୁ ଦର୍ଶନ ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଇଛି। ଦୁଇ ଚକିଆ ଯାନ ଏବଂ ଚାରି ଚକିଆ ଯାନ ଚଳାଚଳ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ରହିଛି ।

## ପ୍ରବଳ ଖରା ପାଇଁ ୩ ଦିନ ପାଇଁ ବନ୍ଦ ରହିବ ସ୍କୁଲ

ଭୁବନେଶ୍ୱର : ତାପମାତ୍ରା ଯୋଗୁଁ ୩ ଦିନ ସ୍କୁଲ ବନ୍ଦ। ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ତାପମାତ୍ରାକୁ ଦୃଷ୍ଟିରେ ରଖି ୩ ଦିନ ପାଇଁ ସ୍କୁଲ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର । ଏପ୍ରିଲ ୧୮ରୁ ୨୦ ତାରିଖ ଯାଏଁ ବନ୍ଦ ରହିବ ରାଜ୍ୟର ସମସ୍ତ ସ୍କୁଲ । ଆସନ୍ତା ୩ ଦିନ ଯାଏଁ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଛୁଟି ଘୋଷଣା କରାଯାଇଛି । ସେପଟେ ସକାଳୁ ପ୍ରଚଣ୍ଡ ତାତି ଓ ଗୁଳୁଗୁଳିରେ ସିଝିଲାଣି ସାରା ରାଜ୍ୟ । ସକାଳ ସାଢ଼େ ୮ରେ ୩୪ ଡିଗ୍ରୀ ଟପିଲାଣି ଅନେକ ସ୍ଥାନର ତାପମାତ୍ରା । ଗତକାଲି ସକାଳେ ୮ଟା ୩୦ ସୁଦ୍ଧା ଭୁବନେଶ୍ୱରରେ ତାପାମାତ୍ରା ୩୨.୬ ରେକର୍ଡ କରାଯାଇଥିବା ବେଳେ ଆଜି ସେହି ସମୟରେ ରାଜଧାନୀର ତାପମାତ୍ରା ୩୩.୪ ଡିଗ୍ରୀ ଛୁଇଁଛି ।

## ଛତିଶଗଡ଼ରେ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟର



ମାଲକାନଗିରି: ସାଧାରଣ ନିର୍ବାଚନ-୨୦୨୪ ପୂର୍ବରୁ ଛତିଶଗଡ଼ ପୁଲିସକୁ ବଡ଼ଧରଣର ସଫଳତା ମିଳିଛି। ନକ୍ସଲମାନେ ଏକ ବଡ଼ଧରଣର ଅଘଟଣ ଘଟାଇବା ପାଇଁ କେନ୍ଦ୍ରୀୟ କମିଟି ସହ ଏହି ଅଂଚଳର ଟପ୍ ମାଓନେତା ସାମିଲ ହୋଇ ବୈଠକ କରୁଥିଲେ। କାଂକେର ଜିଲ୍ଲାର ଛୋଟିବେଠିଆ ଥାନା ଅନ୍ତର୍ଗତ ହାପାଟୋଲା ଜଂଗଲରେ ହେଉଥିବା ବୈଠକ ସଂପର୍କରେ କାଂକେର ପୁଲିସକୁ ସୂଚନା ମିଳିବା ପରେ ସୁରକ୍ଷା ବାହିନୀର ଚଢାଉ କରିଥିଲା। ଏହି ଅପରେସନରେ ୨୯ ମାଓବାଦୀଙ୍କ ମୃତଦେହ ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ମୃତଦେହ ବ୍ୟବଛେଦ ପରେ ଚିହ୍ନଟ ପ୍ରକ୍ରିୟା ଚାଲିଛି। ଏହି ଏନକାଉଣ୍ଟର ଛତିଶଗଡ଼ର ସବୁଠୁ ବଡ଼ ଏନକାଉଣ୍ଟର ବୋଲି ପୁଲିସ କହିଛି। ଆଗାମୀ ଦିନରେ ଏଭଳି ମାଓ ଦମନ ଜାରି ରହିବ ବୋଲି ବସ୍ତର ଆଇଜି ସୁନ୍ଦରରାଜ ପି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।ସାମ୍ବାଦିକ ସମ୍ମିଳନୀରେ ଆଇଜି କହିଛନ୍ତି, ଏହା ଛତିଶଗଡର ସବୁଠାରୁ ବଡ଼ ଏନକାଉଣ୍ଟର ହୋଇଥିବା ବେଳେ ଦେଶରେ ତୃତୀୟ ମୁଖ୍ୟ ବଡ଼ ଏନକାଉଣ୍ଟର। ଏହି ଘଟଣା ପରେ ପ୍ରତାପପୁର ମାଓ ସଂଗଠନ ଭାଙ୍ଗି ଯାଇଥିବା ବେଳେ ଆଗାମୀ ଦିନରେଏହି ଅଂଚଳରୁ ମାଓବାଦୀଙ୍କ ନିପାତ ପାଇଁ ଏଭଳି ଅପରେସନ ଜାରି ରହିବ। ଏନକାଉଣ୍ଟର ପରେ ତିନି ଗୁରୁତର ଯବାନ ରାୟପୁରରେ ଚିକିତ୍ସିତ ହେଉଛନ୍ତି। ତାଂକର ସ୍ୱାସ୍ଥ୍ୟବସ୍ଥା ସ୍ଥିର ଅଛି। ଏହି ଅପରେସନକୁ ନେତୃତ୍ୱ ନେଇଥିଲେ ଛତିଶଗଡର ଟପ୍ ଏନକାଉଣ୍ଟର ସ୍ପେଶାଲିଷ୍ଟ ପୁଲିସ ଇନସପେକ୍ଟର ଲକ୍ଷ୍ମଣ କେବଟ। ଗତକାଲି ସକାଳୁ ବିଏସଏଫର ଦୁଇ ପ୍ଲାଟୁନ ଓ ଚାରୋଟି ଡିଆରଜି ଟିମ ଏହି ଅପରେସନକୁ ଲଞ୍ଚ କରିଥିଲେ। ଦିନ ୧୨ଟା ସମୟରେ ମାଓବାଦୀ ଓ ପୁଲିସ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ଗୁଳିବିନିମୟ ଚାରିଘଣ୍ଟା ଧରି ଚାଲିଥିଲା। ପରେ ଛତ୍ରଭଙ୍ଗ ଦେଇଥିଲେ ମାଓବାଦୀ।

## ଦେଶରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ସରିଲା ପ୍ରଚାର

**୧୯ ତାରିଖରେ ମତଦାନ**

ନୂଆଦିଲ୍ଲୀ: ଦେଶରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ବୁଧବାର ସରିଲା ପ୍ରଚାର । ଆସନ୍ତା ୧୯ ତାରିଖରେ ମତଦାନ । ପ୍ରଥମ ପର୍ଯ୍ୟାୟରେ ୨୧ ରାଜ୍ୟର ୧୦୨ ଲୋକ-ସଭା ଆସନରେ ମନପସନ୍ଦର ପ୍ରାର୍ଥୀ ବାଛିବେ ମତଦାତା । ତା'ମଧ୍ୟରେ ପ୍ରମୁଖ ଆସନ ଗୁଡ଼ିକ ହେଉଛି, ଉତ୍ତରପ୍ରଦେଶର ସାହାରନପୁର, ରାମପୁର, ପିଲିଭିଟ୍, ମୁଜାଫରନଗର, ଆସାମର ଦିବ୍ରୁଗଡ ଏବଂ ସୋନିତପୁର, ଛତିଶଗଡ଼ର ବସ୍ତର, ବିହାରର ଜାମୁଇ ଏବଂ ଗୟା, ଜାମ୍ମୁ କାଶ୍ମୀରର ଉଦମପୁର । ଏହା ସହ ମଧ୍ୟପ୍ରଦେଶର ଛିନ୍ଦୱାଡ଼ା, ତାମିଲନାଡୁର ଉତ୍ତର ଚେନ୍ନାଇ, ଦକ୍ଷିଣ ଚେନ୍ନାଇ, କେନ୍ଦ୍ର ଚେନ୍ନାଇ ଏବଂ କୋଇମ୍ବାଟୁର, ଥୁଠୁକୁଡ଼ି, ତିରୁନେଲଭାଲି, କନ୍ୟାକୁମାରୀ, ମଣିପୁର ଇନର୍ ମଣିପୁର ଏବଂ ଆଉଟର୍ ମଣିପୁର, ରାଜସ୍ଥାନର ବିକାନେର, ପଶ୍ଚିମବଙ୍ଗର କୁଚବେହାର ଏବଂ ଆଲ୍ଲିପୁରଦୁଆର ମଧ୍ୟ ପ୍ରମୁଖ ରହିଛି ।ଏସବୁ ସ୍ଥାନରେ ନିର୍ବାଚନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହେବା ସହ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି । ବିଶେଷ କରି ମାଓପ୍ରଭାବିତ ଅଞ୍ଚଳରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପୋଲିଂ ଅଧିକାରୀ ମାନଙ୍କୁ ହେଲିକପ୍ଟରରେ ନିର୍ଦ୍ଧାରିତ ପୋଲିଂ ସେଣ୍ଟରକୁ ନିଆଯାଉଛି । ସୁକମା ଜିଲ୍ଲାରେ ମୋଟ୍ ୪୨ଟି ପୋଲିଂ ଟିମ୍ ପାଇଁ ହେଲିକପଟର ବ୍ୟବସ୍ଥା କରାଯାଇଛି ।

## 'ଆଚରଣ ବିଧି ଉଲଂଘନ କରନ୍ତୁ ନାହିଁ'
### ପଶ୍ଚିମବଙ୍ଗ ରାଜ୍ୟପାଳଙ୍କୁ ନିର୍ବାଚନ ଆୟୋଗ ଦେଲେ ପରାମର୍ଶ

ନୂଆଦିଲ୍ଲୀ : ମତଦାନ ଦିନ କୁଚ ବିହାର ଗସ୍ତ ବାତିଲ କରିବାକୁ ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି ଆନନ୍ଦ ବୋଷଙ୍କୁ ପରାମର୍ଶ ଦେଇଛନ୍ତି ନିର୍ବାଚନ ଆୟୋଗ। ଏହି ନିର୍ବାଚନ ମଣ୍ଡଳୀରେ ଏପ୍ରିଲ ୧୯ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ମିଡ଼ିଆ ରିପୋର୍ଟ ଅନୁଯାୟୀ ନିର୍ବାଚନ ଆୟୋଗ କହିଛନ୍ତି ଯେ ଏହି ଗସ୍ତ ମଡେଲ କୋଡ୍ ଉଲ୍ଲଂଘନ କରିବ। ମତଦାନର ପ୍ରଥମ ପର୍ଯ୍ୟାୟଠାରୁ ୪୮ ଘଣ୍ଟାର ନିରବତା ଅବଧି ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ ରହିବ। ମତଦାନ ତାରିଖ ପୂର୍ବରୁ ଏହି ସମୟରେ ପ୍ରଚାର କରିବାକୁ ପାର୍ଟିଗୁଡିକୁ ବାରଣ କରାଯାଇଥାଏ। ତେଣୁ ଆଦର୍ଶ ଆଚରଣ ବିଧି ଅନୁଯାୟୀ କୌଣସି ସ୍ଥାନୀୟ କାର୍ଯ୍ୟକ୍ରମ ରାଜ୍ୟପାଳଙ୍କ ଗସ୍ତ ପାଇଁ କରାଯାଇପାରିବ ନାହିଁ। ଏହା ବ୍ୟତୀତ ଏହି ସମୟରେ ସମଗ୍ର ଜିଲା ପ୍ରଶାସନ ଏବଂ ପୋଲିସ୍ ନିର୍ବାଚନ ପରିଚାଳନାରେ ବ୍ୟସ୍ତ ଥିବେ। ୨୦୨୪ ଲୋକସଭା ନିର୍ବାଚନ ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ ସାତୋଟି ପର୍ଯ୍ୟାୟ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ଏପ୍ରିଲ୍ ୧୯ ଏବଂ ଜୁନ୍ ୧ରେ ସପ୍ତମ ପର୍ଯ୍ୟାୟରେ ଅନୁଷ୍ଠିତ ହେବ।

## ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା କଲା ବିଜେଡି

ଭୁବନେଶ୍ୱର: ବିଜେଡ଼ିର ପଞ୍ଚମ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ତାଲିକାରେ ୯ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। କଣ୍ଟାବାଞ୍ଜିରୁ ପ୍ରାର୍ଥୀ ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସମ୍ବଲପୁର ଓ ରେଢ଼ାଖୋଲରେ ବଦଳିଲା ପ୍ରାର୍ଥୀ। ସମ୍ବଲପୁର ବଦଳରେ ରେଢ଼ାଖୋଲରୁ ପ୍ରାର୍ଥୀ ହେବେ ପ୍ରସନ୍ନ ଆଚାର୍ଯ୍ୟ । ରୋହିତ ପୂଜାରୀଙ୍କୁ ମିଳିଲା ସମ୍ବଲପୁର ଟିକେଟ । ଚିତ୍ରକୋଣ୍ଡାରୁ ଲଢ଼ିବେ ଲକ୍ଷ୍ମୀପ୍ରିୟା ନାୟକ । ସେହିପରି ପଦ୍ମପୁରରୁ ଲଢ଼ିବେ ବର୍ଷା ସିଂ ବରିହା । ସେହିପରି କୁଚିଣ୍ଡାରୁ ରାଜେନ୍ଦ୍ର ଛତ୍ରିଆ, ଦେବଗଡ଼ରୁ ଅରୁନ୍ଧତୀ ଦେବୀ, ଅନୁଗୁଳରୁ ସଂଯୁକ୍ତା ସିଂହ, ନିମାପଡ଼ାରୁ ଦିଲୀପ ନାୟକ, ସାନଖେମୁଣ୍ଡିରୁ ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ଜୟପୁରରୁ ଇନ୍ଦିରା ନନ୍ଦଙ୍କୁ ମିଳିଲା ଟିକେଟ । ନବୀନ ପୁଣି ଖେଳିଛନ୍ତି ପଶ୍ଚିମ ଓଡ଼ିଶା କାର୍ଡ । କଣ୍ଟାବାଞ୍ଜି ବିଧାନସଭା ଆସନରୁ ବି ଲଢ଼ିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଅର୍ଥାତ୍ ନବୀନ ଏଥର ହିଞ୍ଜିଳି ସହ କଣ୍ଟାବାଞ୍ଜି, ଦୁଇଟି ଆସନରୁ ଲଢ଼ିବାକୁ ସ୍ଥିର କରିଛନ୍ତି । ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାର କୌଣସି ଏକ ସ୍ଥାନରୁ ଲଢ଼ିବା ନେଇ ଯେଉଁ ଚର୍ଚ୍ଚା ଆଲୋଚନା ହେଉଥିଲା, ସେଥିରେ ପୂର୍ଣ୍ଣଛେଦ ପଡ଼ିଛି । କଣ୍ଟାବାଞ୍ଜିରୁ ନବୀନଙ୍କ ବିପକ୍ଷରେ ରହିବେ କଂଗ୍ରେସ ହେଭିୱେଟ୍ ସନ୍ତୋଷ ସିଂ ସାଲୁଜା ଓ ବିଜେପିରୁ ଲକ୍ଷ୍ମଣ ବାଗ । ସନ୍ତୋଷ ସିଂ ସାଲୁଜା ଏବେକାର ବିଧାୟକ ବି ଅଛନ୍ତି । କଣ୍ଟାବାଞ୍ଜି ପଶ୍ଚିମ ଓଡ଼ିଶାର ୪ ଜିଲ୍ଲା ଯଥାକ୍ରମେ ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗିର ଓ ବରଗଡ଼କୁ ଛୁଇଁଛି । ଅର୍ଥାତ୍ ଅନ୍ୟ ଅର୍ଥରେ କହିବାକୁ ଗଲେ କଣ୍ଟାବାଞ୍ଜି ଏକ ଷ୍ଟ୍ରାଟେଜିକ୍ ଲୋକେସନ ଭାବେ ଜଣାଶୁଣା । ୨୦୧୯ ବିଧାନସଭା ନିର୍ବାଚନ ମଧ୍ୟ ନବୀନ ପଟ୍ଟନାୟକ ଦୁଇଟି ଆସନ ଯଥାକ୍ରମେ ଗଂଜାମର ହିଞ୍ଜିଳି ସହ ପଶ୍ଚିମ ଓଡ଼ିଶାର ବିଜେପୁର ଆସନରୁ ଲଢ଼ିଥିଲେ । ପରେ ବିଜେପୁର ଆସନକୁ ଛାଡ଼ି ଦେଇଥିଲେ । ଆଉ ଏବେ ପୁଣି ସେହି ପଶ୍ଚିମ ଓଡ଼ିଶାର ଏକ ବିଧାନସଭା ଆସନ କଣ୍ଟାବାଞ୍ଜିକୁ ବାଛିଛନ୍ତି।

## ଭୁବନେଶ୍ୱର ବିମାନବନ୍ଦରରୁ ଏକ କେଜି ସୁନା ଜବତ

ଭୁବନେଶ୍ୱର, ୧୭ଏପ୍ରିଲ – ଭୁବନେଶ୍ୱର ବିମାନବନ୍ଦରରୁ ଏକ କେଜି ସୁନା ଜବତ ହୋଇଛି। ବିମାନବନ୍ଦରରେ କାର୍ଯ୍ୟରତ କର୍ମଚାରୀ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଠାରୁ ଏହି ସୁନା ଜବତ କରିଛନ୍ତି। ବ୍ୟାଙ୍କକରୁ ଭୁବନେଶ୍ୱର ଆସି ଅବତରଣ କରିବା ପରେ ଜଣେ ଅଣଓଡ଼ିଆ ଯାତ୍ରୀଙ୍କ ଠାରୁ ଏହି ସୁନା ଜବତ କରିଛି କଷ୍ଟମ ବିଭାଗ ।ବ୍ୟକ୍ତି ଜଣଙ୍କ ଏକ କେଜି ସୁନାକୁ ଗୋଲି ଆକାରରେ ନିଜ ମଳଦ୍ୱାରରେ ଲୁଚାଇ ଆଣୁଥିଲେ। ଗୁଇନ୍ଦା ବିଭାଗ ଖବର ଅନୁସାରେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ କଷ୍ଟମ ଅଧିକାରୀ ଚେକିଂ କରିବା ସହ ଶୌଚାଳୟ ନେଇ ସେଠାରେ ଶୌଚ କରାଇବା ପରେ ସେଥିରୁ କେଜିଏ ସୁନା ବାହାରିଥିଲା। ସୁନାକୁ ଜବତ କରାଯିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି।

# କ'ଣ କହୁଛି ଜନମତ ସର୍ଭେ ? କିଏ ଗଢ଼ିବ ସରକାର

ନୂଆଦିଲ୍ଲୀ: ତୃତୀୟ ଥର ପାଇଁ ସତ୍ତାରେ ରହିପାରେ ବିଜେପି, କିନ୍ତୁ ଦଳର 'ଅବକି ବାର୍ ୪୦୦ ପାର' ନାରା ବିଫଳ ହୋଇପାରେ ବୋଲି NDTV ଜନମତ ସର୍ଭେ ପ୍ରକାଶ କରିଛି। ସର୍ଭେ ରିପୋର୍ଟ ଅନୁସାରେ, ବିଜେପି ନେତୃତ୍ୱାଧୀନ ନ୍ୟାସନାଲ ଡେମୋକ୍ରାଟିକ୍ ଆଲାଏନ୍ସ (ଏନ୍‌ଡିଏ) ୫୪୩ ଆସନରୁ ୩୬୫ ଜିତିବ ବୋଲି ଆଶା କରାଯାଉଛି ଏବଂ କଂଗ୍ରେସ ନେତୃତ୍ୱାଧୀନ INDIA ୧୨୨ ପାଇପାରେ, ଅବଶିଷ୍ଟ ୫୬ ଆସନ ଅନ୍ୟାନ୍ୟ ଦଳ(ଯେଉଁମାନେ ମେଣ୍ଟରେ ନାହାନ୍ତି)କୁ ଯାଇପାରେ। ୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କ୍ଲିନ୍ ସ୍ୱିପ୍ କରିବ ଭାଜପା। ଜାତୀୟ ରାଜଧାନୀ ଦିଲ୍ଲୀ, ନରେନ୍ଦ୍ର ମୋଦୀଙ୍କ ହୋମ୍ ଷ୍ଟେଟ୍ ଗୁଜ୍‌ରାଟ ଏବଂ ଉତ୍ତର-ପୂର୍ବରେ ଅରୁଣାଚଳ ପ୍ରଦେଶ ସମେତ ଆଠଟି ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳରେ ଏନ୍‌ଡିଏ କ୍ଲିନ୍ ସ୍ୱିପ୍ କରିବ ବୋଲି ଜନମତ ସର୍ଭେ ଆକଳନ କରିଛି। ହିନ୍ଦୀ ହାର୍ଟଲ୍ୟାଣ୍ଡରେ ବିଜେପିର ପ୍ରାଧାନ୍ୟ ରହିବ ବିଜେପି ଏବଂ ସହଯୋଗୀ ଦଳ ଉତ୍ତରପ୍ରଦେଶ, ବିହାର ଏବଂ ମଧ୍ୟପ୍ରଦେଶରେ ବିଜୟ ହାସଲ କରିବା ନେଇ ଜନମତ ସର୍ଭେ ଆକଳନ କରିଛି। ଏଠାରେ ନିର୍ବାଚନ ହେବାକୁ ଥିବା ୧୪୯ଟି ସିଟ୍ ମଧ୍ୟରୁ ଏନ୍‌ଡିଏ ୧୩୭ ଆସନ ସହ ବୃହତ ବିଜୟ ହାସଲ କରିପାରେ। ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧୀନ ସହଯୋଗୀ ଦଳ ଏବଂ ମହା ବିକାଶ ଆଗାଡି ମିଳିତ ମଞ୍ଚ ଏବଂ ବଙ୍ଗଳାର ତୃଣମୂଳ ସହ ବିଜେପିର କଡା ଟକ୍କର ହେବ। ହାଇ ପ୍ରୋଫାଇଲ୍ ଲଢେଇ ମଧ୍ୟରେ ମହାରାଷ୍ଟ୍ରରେ ବିଜେପି ବିଜୟ ହାସଲ କରିପାରେ ବୋଲି ଜନମତ ସର୍ଭେ ଆକଳନ କରିଛି। କିନ୍ତୁ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସକୁ ଟପି ପାରିବନି ବିଜେପି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାର୍ଟି ବଙ୍ଗଳାରେ ୪୨ଟି ଆସନରୁ ସର୍ବାଧିକ ୨୨ ସହ ବିଜୟ ହାସଲ କରିବା ନେଇ ଆଶା କରାଯାଉଛି। ବିଜେପି ଏଠାରୁ ୧୯ଟି ଆସନ ଜିତିବ ବୋଲି ଜନମତ ସର୍ଭେ ଆକଳନ କରିଛି। ଟିଭିନାଇନ୍ ଭାରତ ବର୍ଷ ଜନମତ ସର୍ଭେ ଅନୁସାରେ ଓଡ଼ିଶାରେ ଭାଜପା ୧୪ଟି ଲୋକସଭା ଆସନ ଜିତିବାକୁ ଯାଉଥିବାବେଳେ ଶାସନରେ ଥିବା ବିଜୁ ଜନତାଦଳ ୬ଟି ଲୋକସଭା ଆସନ ଜିତିବାର ସମ୍ଭାବନା ଥିବାବେଳେ କଂଗ୍ରେସ କେବଳ ଗୋଟିଏ ଆସନରେ ସଂନ୍ତୁଷ୍ଟ ହେବାକୁ ପଡ଼ିପାରେ। ଏବିପି ଏବଂ ସି ଭୋଟର ସର୍ଭେ ଅନୁସାରେ ଓଡ଼ିଶାରେ ଭାଜପା ୧୩ଟି ଲୋକସଭା ଆସନ ଜିତିବାକୁ ଯାଉଥିବାବେଳେ ଶାସନରେ ଥିବା ବିଜୁ ଜନତାଦଳ ୭ଟି ଲୋକସଭା ଆସନ ଜିତିପାରେ ବୋଲି ସର୍ଭେ କହୁଥିବାବେଳେ କଂଗ୍ରେସ ଗୋଟିଏ ଆସନ ପାଇପାରେ। ନ୍ୟୁଜ୍ ଏକ୍ସ ଜନମତ ସର୍ଭେ ଅନୁସାରେ ଭାଜପା ୧୪ଟି ଲୋକସଭା ଆସନ ଜିତିବାର ସମ୍ଭାବନା ଥିବାବେଳେ ବିଜେଡି ୭ଟି ଲୋକସଭା ଆସନରେ ଜିତିପାରେ। ଯେତେଗୁଡ଼ିଏ ସର୍ଭେ ରିପୋର୍ଟ ଆସୁଛି ସେଥିରୁ ଜଣାପଡୁଛି ଯେ ଭାଜପା ଆଗକୁ ବଢୁଥିବାବେଳେ ବିଜେଡ଼ି ଖସୁଛି।

# ବିଶାଳ ଶ୍ରୀରାମ ନବମୀ ଶୋଭାଯାତ୍ରା



ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡା ଠାରେ ଶ୍ରୀ ରାମନବମୀ ସମିତି ପକ୍ଷରୁ ଆଜକୁ ୫ବର୍ଷ ହେବ ରାମନବମୀ ଶୋଭାଯାତ୍ରା ଧୁମଧାମରେ ପାଳିତ ହୋଇ ଆସୁଅଛି । ଏହି କ୍ରମରେ ମଙ୍ଗଳବାର ଶ୍ରୀ ରାମନବମୀ ସମିତି ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା । ସ୍ଥାନୀୟ ରାମଗଡପଦା ସ୍ଥିତ ହନୁମାନ ମନ୍ଦିର ଠାରେ ବିଭିନ୍ନ ଆଡୁ ସୁସଜ୍ଜିତ ଶ୍ରୀ ରାମଲାଲାଙ୍କ ବିମାନ ଆସି ଏକତ୍ରିତ ହେବାପରେ ଶୋଭାଯାତ୍ରା ବାହାରି ଥିଲା। ସଂପୃକ୍ତ ଅଞ୍ଚଳର ବିଭିନ୍ନ ପଞ୍ଚାୟତରୁ ଆସିଥିବା ମହାବୀର ୟୁଥକ୍ଲବ, ପୁରୁଷଣ୍ଡ ରାମନବମୀ କମିଟି, ନୂଆପୋଖରି ବଜରଙ୍ଗଦଳ କମିଟି ସମେତ ମହାନ୍ତିପଡା, କୁଆଁଶମଢିଆ, ବିଟିପୁର, ବରହମପୁର, ମୁଣ୍ଡର୍ଳି ଆଦି ଅଞ୍ଚଳରୁ ୧୪ଗୋଟି ପ୍ରଜ୍ଞାପିତ ମେଢ ଓ ଡି.ଜେ ସାଉଣ୍ଡ, ଆଦିବାସୀ ନୃତ୍ୟ, ଭାଙ୍ଗଡା ନୃତ୍ୟ, ସିଙ୍ଘ ବାଜା, ଆତସବାଜି ସାଙ୍ଗକୁ ହଜାର ହଜାର ଦର୍ଶକଙ୍କ ଜୟ ଶ୍ରୀରାମ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା ସମଗ୍ର ଅଞ୍ଚଳ। ଏହି ଶୋଭାଯାତ୍ରା ବିଳମ୍ବିତ ରାତ୍ରରେ କୁଆଁଶମଢିଆ ଠାରେ ଶେଷ ହୋଇଥିଲା। ଦେଢ କି.ମି ବ୍ୟାପି ଏହି ଶୋଭାଯାତ୍ରାରେ ଦଶ ହଜାରରୁ ଉର୍ଦ୍ଧ ଦର୍ଶକ ଓ ରାମ ଭକ୍ତ ଯୋଗ ଦେଇଥିବା ବେଳେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବିଶିଷ୍ଟ ନାଟ୍ୟକାର ସୁଧାଂଶୁ ଶେଖର ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ, ସମାଜସେବୀ ପ୍ରଶାନ୍ତ କୁମାର ଦାଶ, ଅମୂଲ୍ୟ ରତ୍ନ ନନ୍ଦ, ଗୋପାଳ କୃଷ୍ଣ ଦାଶ ପ୍ରମୁଖ ଉପସ୍ଥିତ ରହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସମିତିର ସଭାପତି ତୃପ୍ତି ରଞ୍ଜନ ଦାଶ, ସଂପାଦକ ବାବୁରାମ ବେହେରା, ଜ୍ଞାନଚାନ୍ଦ ଗୁପ୍ତା, ଭାସ୍କର ଦାସ, ସର୍ବଜିତ୍ ପଣ୍ଡା, ଦିବ୍ୟ ଆକାଶ ପୁହାଣ, ଅତସି ପଣ୍ଡା, ସଂଗ୍ରାମ ସାହୁ, ଶ୍ରଦ୍ଧେୟ ପଣ୍ଡା ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୟ ନେଇଥିବା ବେଳେ ଆଗରପଡା ପୋଲିସ ପକ୍ଷରୁ ଶାନ୍ତି, ସୃଙ୍ଖଳା ରକ୍ଷା କରାଯାଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଗରପଡାର ବିଭିନ୍ନ ସାମାଜିକ ସଂଗଠନ ଓ ପୂଜା କମିଟି ପକ୍ଷରୁ ଜଳଛତ୍ର, ଦହି ସର୍ବତ ଓ ଫଳ ବଣ୍ଟନ କରାଯାଇଥିଲା।

# ବାତଜ୍ୱର ନିରାକରଣ ପାଇଁ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ

ନୟାଗଡ଼ (ପିପିଏସ୍): ଜିଲ୍ଲାର ଦଶପଲ୍ଲା ଆଦର୍ଶ ବିଦ୍ୟାଳୟ ପରିସରରେ ଆଜି ଫାଇଲେରିଆ ବା ବାତଜ୍ୱର ନିରାକରଣ ନିମନ୍ତେ 'ଏକକାଳୀନ ସାମୁହିକ ଔଷଧ ସେବନ' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ତାରକ ପ୍ରଶନ୍ନ ତ୍ରିପାଠୀଙ୍କ ସଭାପତିତ୍ୟରେ ରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଦଶପଲ୍ଲା ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ବିଡ଼ିଓ, ଏବିଡିଓ, ଏବିଓ, ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଓ ରୋଟାରୀ କ୍ଲବର ଉପ ପ୍ରାନ୍ତପାଳ ରୋଟାରିଆନ ଧିରେନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ । ଫାଇଲେରିଆ ଓ ଏହାର ନିରାକରଣ କୁ ନେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ 'ଡିଇସି' ବଟିକା ସହ 'ଆଲ୍‌ବେଣ୍ଡାଜୋଲ' ବଟିକା ଅତିଥି ମାନେ ପ୍ରଥମେ ଖାଇଥିଲେ ପରେ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଜଳଖିଆ ଦିଆଯାଇଥିଲା ଏବଂ ପ୍ରଶିକ୍ଷିତ ସ୍ୱାସ୍ଥ୍ୟ କର୍ମୀ ମାନେ ସେମାନଙ୍କୁ ଔଷଧ ଖୁଆଇ ଦେଇଥିଲେ। ଏହି କାର୍ଯ୍ୟକ୍ରମର ବ୍ୟାପକ ସଚେତନତା ପାଇଁ ରୋଟାରୀ କ୍ଲବ ନୟାଗଡ଼ କାର୍ଯ୍ୟ କରୁଥିବାରୁ ଅତିଥି ମାନେ ରୋଟାରୀକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଡାକ୍ତର ସନ୍ଦୀପ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମଶାବାହିତ ରୋଗ ପରାମର୍ଶଦାତା ଆଲୋକ କୁମାର ପଟେଲ ଏବଂ ମନୋଜ କୁମାର ମହାପାତ୍ର ସହଯୋଗ କରିଥିଲେ ।

# ସର୍ଭିସ ରୋଡ଼ ପାଲଟିଛି ପାର୍କିଂ ସ୍ଥାନ, ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ୍

କୋରେଇ, (ହି.ସ) - ୧୬ ନମ୍ବର ଓ ୨୦ ନମ୍ବର ଜାତୀୟ ରାଜପଥର ମିଶ୍ରଣସ୍ଥଳୀ ହେଉଛି ପାଣିକୋଇଲି ବଜାର । ଉଭୟ ରାଜପଥ ଯାଜପୁର ଜିଲ୍ଲାର ପାଣିକୋଇଲି ବଜାର ମଧ୍ୟ ଦେଇ ଯାଇଥିବାରୁ ପ୍ରତିଦିନ ପାଣିକୋଇଲି ମଧ୍ୟ ଦେଇ ହଜାର ହଜାର ଭାରୀ ଯାନ,ଯାତ୍ରୀବାହୀ ବସ ସମେତ ଛୋଟ ଗାଡ଼ି ଗୁଡ଼ିକ ଯିବା ଆସିବା କରିଥାଏ। ତେବେ ୧୬ ନମ୍ବର ରାଜପଥର ପୁରୁଣା ଟୋଲଗେଟ ଠାରୁ ଓଭରବ୍ରିଜ ଆରମ୍ଭ ପର୍ଯ୍ୟନ୍ତ ସ୍ଥାନୀୟ ଜନସାଧାରଣ,ବାଇକ ଓ ଆରୋହହୀ ଓ ସ୍କୁଲ କଲେଜକୁ ଯିବା ଆସିବା କରୁଥିବା ଛାତ୍ରଛାତ୍ରୀଙ୍କ ସୁବିଧା ନିମନ୍ତେ ନିର୍ମାଣ ହୋଇଥିବା ସର୍ଭିସ ରୋଡ଼ଟି ଏବେ ଗ୍ୟାରେଜ ଓ ଟ୍ରକ ମାଲିକ ମାନଙ୍କ ପାର୍କିଂ ସ୍ଥାନ ପାଲଟିଛି। ଉକ୍ତ ସର୍ଭିସ ରୋଡ଼ଟି ଉପରେ ଗୋଳେଇପୁର ପଂଚାୟତର ହାଟସାହି, ସୋଡି, ଖାନ୍ଦରାପୁର, ବାଟୁଳ ସମେତ ପାଣିକୋଇଲି ପଂଚାୟତର କାଙ୍କଲାପାଟଣା, ମଣିପୁର, ଦାମୋଦରପୁର ଗ୍ରାମର ଗ୍ରାମବାସୀଙ୍କ ସମେତ ଉକ୍ତ ଗ୍ରାମ ଗୁଡ଼ିକର ଛାତ୍ରଛାତ୍ରୀ ମାନେ ପ୍ରତିଦିନ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳକୁ ପାଠ ପଢିବା ଲାଗି ଯାଇଥାନ୍ତି। ତେବେ ଗାଡ଼ି ମାଲିକ ଓ ଗ୍ୟାରୋଜ ମାଲିକଙ୍କ କବଜାରେ ଥିବା ଉକ୍ତ ସର୍ଭିସ ରୋଡ଼ଟି ଅଧିକାଂଶ ସମୟରେ ଟ୍ରକ ଗୁଡ଼ିକ ଲାଗି ରାସ୍ତା ଜାମ ହୋଇଯାଇଥାଏ। ତେବେ ବୁଧବାର ଦିନ ଅପରାହ୍ନରେ ଏକ ହ । ଇ ଓ । (ଓଡ଼ି ୩୪ସି ୧୪୧୫)ର ଆଗଚକ ସର୍ଭିସ ରୋଡ଼ ନିକଟରେ ଥିବା ଡ୍ରେନ ଭିତରେ ଫସି ଯିବା ଫଳରେ ଉକ୍ତ ରାସ୍ତାଟି ଜାମ ହୋଇଯାଇଥିଲା। ଫଳରେ ଉଦୁଉଦିଆ ଖରାରେ ସାଧାରଣ ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ। ତେବେ ଏ ଦିଗରେ ବାରମ୍ବର ଅଭିଯୋଗ ସତ୍ୱେ ସ୍ଥାନୀୟ ପୁଲିସ ଓ ପରିବହନ ବିଭାଗ କୌଣସି ପଦକ୍ଷେପ ନେଉନାହିଁ। ଫଳରେ ଜନସାଧାଣ ନାହି ନଥିବା ଅସୁବିଧାର ଶୀକାର ହେଉଛନ୍ତି। ଏ ନେଇ ଉଭୟ ବିଭାଗ ପଦକ୍ଷେପ ନେବା ଲାଗି ଅଂଚଳବାସୀ ଦାବି କରିଛନ୍ତି।

# ଜନଜାତି ଶିକ୍ଷା ସମ୍ବନ୍ଧୀୟ ଜାତୀୟ ସେମିନାର

ଜୟପୁର, (ହି.ସ.)- ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ତଫସିଲଭୁକ୍ତ ଜନଜାତି ଶିକ୍ଷା ପ୍ରସଙ୍ଗ ଆଧାରିତ ଦୁଇ ଦିବସୀୟ ଜାତୀୟ ପତ୍ରବାଚନ (ସେମିନାର) ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି।ଉଦଘାଟନୀ ସତ୍ରରେ କୁଳପତି ପ୍ରଫେସର ମିଶ୍ରଙ୍କ ସହ କୁଳସଚିବ ରଞ୍ଜନ କୁମାର ପ୍ରଧାନ, ସ୍ନାତକୋତର ପରିଷଦର ଅଧ୍ୟକ୍ଷ ଡଃ. କିଚକ ଚନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସେମିନାରର୍ ଯୋଜନାବଦ୍ଧ ଆୟୋଜନ ଓ ବ୍ୟବସ୍ଥିତ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବରେ ଏନସିଆରଟି ଅନୁବନ୍ଧିତ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱରର ବରିଷ୍ଠ ପ୍ରଫେସର ଡଃ. ନିତ୍ୟାନନ୍ଦ ପ୍ରଧାନ ଯୋଗଦେଇ ଜନଜାତି ଶିକ୍ଷାର ବିଭିନ୍ନ ଦିଗ, ସମସ୍ୟା, ଆହ୍ୱାନ ଓ ସମାଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଡଃ. ମନୋରଞ୍ଜନ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପତ୍ରବାଚନରେ ଡଃ. ପ୍ରଧାନ ପତ୍ରବାଚନର ଆୟୋଜନ, ଉଦ୍ଦେଶ୍ୟ ଓ ଦୁଇଦିନ ରୂପରେଖ ସମ୍ବନ୍ଧରେ ବିଷଦ ଆଲୋକପାତ କରିଥିଲେ। କୁଳପତି ଏହି ପତ୍ରବାଚନର ଫଳାଫଳ ସୁଦୂର ପ୍ରସାରୀ। ଏହା ଅବିଭକ୍ତ କୋରାପୁଟ ଜିଲ୍ଲାର ଆଦିବାସୀମାନଙ୍କ ଶୈକ୍ଷିକ ବିକାଶରେ ବିଶେଷ ସହାୟତା କରିବା ବୋଲି ଆଶାବ୍ୟକ୍ତ କରିବା ସହ ବିଶ୍ୱବିଦ୍ୟାଳୟର ସବୁ ବିଭାଗରେ ଏଭଳି ପତ୍ରବାଚନର ଆୟୋଜନ ପାଇଁ ଆହ୍ୱାନ ଦେଇଥିଲେ। ଶେଷରେ ମଂଚାସୀନ ସମସ୍ତ ଅତିଥିମାନଙ୍କୁ ଉପଢୌକନ, ସ୍ମୃତି ଫଳକ ଓ ପୁଷ୍ପଗଛ ଦେଇ ସମ୍ମାନିତ କରାଯାଇଥିଲା। ସଭା ଆରମ୍ଭ ପୂର୍ବରୁ ଗୁରୁ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାଚୀର ପତ୍ରିକା କୁନ୍ଦ କଳିକା ଓ ପାଠ୍ୟୋପକରଣ ପ୍ରଦର୍ଶନୀକୁ କୁଳପତି ଉଦଘାଟନ କରିବା ସହ ସମସ୍ତ ଅତିଥି ବୁଲି ଦେଖିବା ସହ ପିଲାଙ୍କ ଉଦ୍ୟମକୁ ଭୁରି ଭୁରି ପ୍ରଶଂସା କରିଥିଲେ। ଶିକ୍ଷକ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଡଃ. ମନୋରଞ୍ଜନ ପ୍ରଧାନଙ୍କ ଦ୍ୱାରା ସଂପାଦିତ ପୁସ୍ତକ ଜାତୀୟ ଶିକ୍ଷା ନୀତି ୨୦୨୦ ଓ ଜାତୀୟ ପାଠ୍ୟକ୍ରମ ଆଧାର ୨୦୨୩ ଅତିଥି ମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଅତିଥି ପରିଚୟ ଗୁରୁ ଛାତ୍ର ଦେବ ରଞ୍ଜନ ରୟ ଓ ଛାତ୍ରୀ ପ୍ରିୟଦର୍ଶିନୀ ମାଝୀ ଅତିଥୀ ପରିଚୟ ଓ ମଂଚ ପରିଚାଳନା କରିଥିଲେ। ସହକାରୀ ପ୍ରଫେସର ଲୋକେଶ ପ୍ରଧାନଙ୍କ ଧନ୍ୟବାଦ ଅର୍ପଣରେ ଉଦଘାଟନୀ ସମାରୋହ ସମାପନ ହୋଇଥିଲେ। ତା'ପରେ ଦୁଇଟି ସମାନ୍ତରାଳ ଅଧିବେଶନ ସହ ମୋଟ ତିନୋଟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ସମ୍ବଲପୁର ପି ଏମ୍ ଆଇ ଏ ଏସ୍ ଇର ପ୍ରଫେସର ଦିବାକର ଷଡ଼ଙ୍ଗୀ ଅଧକ୍ଷତା କରିଥିବା ବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସହଯୋଗି ପ୍ରଫେସର ଡଃ. ଅମୁଲ୍ୟ କୁମାର ଆଚାର୍ଯ୍ୟ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବା ବେଳେ ମଧ୍ୟାହ୍ନ ଭୋଜନ ବିରତି ପରେ ଆୟୋଜିତ ଦୁଇଟି ସମାନ୍ତରାଳ ଅଧିବେଶନରେ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ଓ ପ୍ରଫେସର ଦେବେନ୍ଦ୍ର ସେଠୀ ସଭାପତିତ୍ୱ କରିଥିଲେ। ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ପ୍ରଫେସର ଭରତ ପଣ୍ଡା ଓ କୋରାପୁଟ ସ୍ଥିତ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ଆଂଚଳିକ ନିର୍ଦ୍ଦେଶିକା ଡଃ. ଲତିକା ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ତିନୋଟି ଅଧିବେଶନରେ ପ୍ରାୟ ଏକତିରିଶଟି ଆଲେଖ୍ୟ ଉପସ୍ଥାପନା ଓ ଆଲୋଚନା ହୋଇଥିଲା। ସନ୍ଧ୍ୟାରେ ପ୍ରଫେସର ମାନଙ୍କ ସହ ବିଏଡ ଛାତ୍ର ଛାତ୍ରୀ ମାନଙ୍କର ଏକ ପ୍ରଶ୍ନୋତର କାର୍ଯ୍ୟକ୍ରମ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ନୈବେଦ୍ୟ ଅନୁଷ୍ଠିତ ହୋଇଥିଲା। ଗୁରୁ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ସାମାଜିକ ନାଟକ ଜାଗୃତି ସମବେତ ଦର୍ଶକଙ୍କୁ ଭାବବିହ୍ୱଳ କରିଥିବା ବେଳେ କୋରାପୁଟିଆ, ସମ୍ବଲପୁରୀ ନାଚର ତାଳେ ତାଳେ ସମସ୍ତେ ଝୁମିଯାଇଥିଲେ। ରାତ୍ରୀ ଭୋଜନପରେ ପ୍ରଥମ ଦିବସର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଥିଲା।

# ରାମନବମୀର ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର: ପବିତ୍ର ରାମନବମୀର ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ହ୍ୟାଣ୍ଡେଲ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ପବିତ୍ର 'ଶ୍ରୀରାମ ନବମୀ' ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା । ଶ୍ରୀରାମ ନିଷ୍ଠା, ସୁଶାସନ ଓ କର୍ତ୍ତବ୍ୟବୋଧର ପ୍ରତୀକ । ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କ ନିକଟରେ ସମଗ୍ର ମାନବ ଜାତିର ମଙ୍ଗଳ କାମନା କରୁଛି । ଜୟ ଶ୍ରୀରାମ ।

# ବଣାଇ ସାଂଗଠନିକ ଜିଲ୍ଲା ସଭାପତି ଅନିଲ ବାରଲାଙ୍କ ବିୟୋଗରେ ଶୋକ ପ୍ରକାଶ କଲେ ଜୁଏଲ ଓରାମ୍

ଭୁବନେଶ୍ୱର: ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ବିଜେପିର ବଣାଇ ସାଂଗଠନିକ ଜିଲ୍ଲା ସଭାପତି ଅନିଲ ବାରଲାଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିଛନ୍ତି । ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି,ବିଶ୍ୱାସ କରି ହେଉନି, ଆମ ଦଳର ବଣାଇ ସାଙ୍ଗଠନିକ ଜିଲ୍ଲାର ଜିଲ୍ଲା ସଭାପତି ତଥା ବରିଷ୍ଠ ନେତା ଅନୀଲ ବାର୍ଲା ଆଉ ଆମ ଗହଣରେ ନାହଁନ୍ତି କ୍ଷ କିଛି ଦିନ ତଳେ ରଜାମୁଣ୍ଡା ପାର୍ଟି ଅଫିସରେ ଦେଖାହୋଇଥିଲା । ହସ ହସ ମୁହଁରେ ମତେ କହିଥିଲେ, ଜୁଏଲ ଭାଇ, ମୁଁ ବର୍ତ୍ତମାନ ସୁସ୍ଥ ହୋଇଗଲାଣି । ଏଥର ତୁମପାଇଁ ନିର୍ବାଚନରେ କାମ କରିବି । ତାଙ୍କୁ ଦେଖି ମତେ ବହୁତ ଖୁସି ଲାଗିଥିଲା କ୍ଷ ଅନୀଲ ଭାଇ ଜଣେ ସ୍ନେହୀ ଓ ମେଳାପୀ ପ୍ରକୃତିର ଲୋକ ଥିଲେ ।ବଣାଇ ସଂଗଠନିକ ଜିଲ୍ଲାରେ ବିଜେପିର ସଂଗଠନ ଅଭିବୃଦ୍ଧିରେ ତାଙ୍କର ଯୋଗଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ଏହି ଦୁଃଖଦ ସମୟରେ ମୁଁ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହିତ ସ୍ୱର୍ଗତ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।

# ବିଚାରପତି ଓ ଓକିଲ ସଂଘ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

କେନ୍ଦ୍ରାପଡ଼ା, (ହି.ସ.) : କେନ୍ଦ୍ରାପଡା ଜିଲ୍ଲାଜଜ୍ ଏକାଦଶ ଏବଂ ଜିଲ୍ଲା ଓକିଲ ସଘଂ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱ ପୂର୍ଣ କ୍ରିକେଟ ମ୍ୟାଚ ଆଜି ସରକାରୀ ହାଇସ୍କୁଲ ଖେଳ ପଡିଆରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ଜିଲ୍ଲା ଜଜ୍ ଏକାଦଶ ଟସ ଜିଣି ବ୍ୟାଟିଙ୍ଗ କରିବା ସହିତ ୨୦ ଓଭର ରେ ୮ ଓ୍ୱିକେଟ୍ ହରାଇ ୧୪୩ ରନ୍ କରିଥିବା ବେଳେ ଜିଲ୍ଲା ଓକିଲ ସଂଘ ଏକାଦଶ ୧୧ ଓଭରରେ ୪ ଓ୍ୱିକେଟ ହରାଇ ନିର୍ଦ୍ଧାରିତ ଲକ୍ଷ୍ୟକୁ ପୁରଣ କରି ୧୪୪ ରନ୍ କରିଥିଲେ। ଏହି ଉପଲକ୍ଷେ ଜିଲ୍ଲା ଓକିଲ ସଂଘ ସଭାପତି ବିଚିତ୍ରାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୌରାଧକ୍ଷା ସରିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ବିଜୟୀ ଟ୍ରଫି ଓ ଜିଲ୍ଲାଜଜ୍ ଏକାଦଶକୁ ରନର୍ସଅପ୍ ଟ୍ରଫି ପ୍ରଦାନ କରିବା ସହିତ ବ୍ୟକ୍ତିଗତ ୨୦ ରନ୍ କରିଥିବା ଏବଂ ୨ ଟି ଓ୍ୱିକେଟ ନେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିବା ଜିଲ୍ଲାଜଜ୍ ବିଶ୍ୱଜିତ୍ ମହାନ୍ତିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ଜିଲ୍ଲାଜଜ୍ ଏକାଦଶର କ୍ୟାପ୍ଟେନ୍ ଭାବେ ଜିଲ୍ଲାଜଜ୍ ବିଶ୍ୱଜିତ୍ ମହାନ୍ତି ଦାୟୀତ୍ୱ ନେଇଥିବା ବେଳେ ଜିଲ୍ଲା ଓକିଲ ସଘଂ ଏକାଦଶର କ୍ୟାପ୍ଟେନ୍ ଭାବେ ଆଇନଜୀବୀ ଆଶିଷ ସାମଲ୍ ଦାୟିତ୍ୱ ନିର୍ବାହ କରିଥିଲେ। ଅନ୍ୟତମ ଅତିଥି ଭାବେ ପରିବାର ଅଦାଲତ ଜଜ୍ ବିକାଶ ଚନ୍ଦ୍ର ଦେ, ଅତିରିକ୍ତ ଜିଲ୍ଲା ଜଜ୍ (ପୋକସୋ) ପ୍ରଣତୀ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଜଜ୍ ଅଜୟ ପ୍ରଧାନ, ସିଭିଲ୍ କୋର୍ଟ ରେଜିଷଟର ରମାଦେବୀ ସୋରେନ୍, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପୂଜା ଷଡଙ୍ଗୀ ପ୍ରମୁଖ ଯୋଗଦେଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଘଂର ସମ୍ପାଦକ ଧର୍ନୁଧର ନାୟକ, କାଉନସିଲର ସେକ୍ ଅସଲମ୍, ନିରଞ୍ଜନ ବଳଙ୍କ ସମେତ ବହୁ ଓକିଲ ଓ ଜିଲ୍ଲାର ସମସ୍ତ ଜଜ୍ ଉପସ୍ଥିତ ରହି ଖେଳ ଉପଭୋଗ କରିଥିଲେ। ସରକାରୀ ଓକିଲ ସଂଜୟ ଜେନା କାର୍ଯ୍ୟକ୍ରମ ପରିଚାଳନା ରେ ସହାୟତା କରିଥିବା ବେଳେ ରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବଜ୍ରସୁନା ହାଇସ୍କୁଲରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

କେନ୍ଦ୍ରାପଡ଼ା, (ହି.ସ.) : ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ବାଲିଘାଇ ବଜ୍ରସୁନା ଉଚ୍ଚ ବିଦ୍ୟାଳୟରେ ଆଜି ଭାଷା,ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା । ପୁସ୍ତକ ସମୀକ୍ଷାରେ ମୋ କାହାଣୀ ମୋ କଥା, ସାହିତ୍ୟ ସୃଜନୀରେ କବିତା ଓ ପ୍ରବନ୍ଧ ପଠନ, ଜିଜ୍ଞାସାରେ ବିଜ୍ଞାନ ଓ ପରିବେଶ, କୌଶଳୀରେ କମ୍ପ୍ୟୁଟରର ଉପଯୋଗ, କ୍ରୀଡ଼ାଙ୍ଗନାରେ ଜୀବନ କୌଶଳ ଏବଂ ଶେଷରେ ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା । ଏଥିରେ ଭାଗ ନେଇ ବିଭିନ୍ନ ବିଭାଗରେ ବିଚାରକମାନଙ୍କ ଦ୍ୱାରା ଶ୍ରେଷ୍ଠ ବିବେଚିତ ପ୍ରତି ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ପୁରସ୍କୃତ କରାଯାଇଥିଲା ।

ଏହି ଉତ୍ସବରେ ଅନ୍ତେଇ ବିଜୁ ପଟ୍ଟନାୟକ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ଼. କବିନ୍ଦ୍ର ଦାସ ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ଗଣେଶ ଚନ୍ଦ୍ର ସାମଲ ମୁଖ୍ୟବକ୍ତା, ବ୍ଲକ୍ ଇକୋ କ୍ଲବ୍‌ର ମାଷ୍ଟର ଟ୍ରେନର ପ୍ରଫୁଲ ଚନ୍ଦ୍ର ମହାପତ୍ରେ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବକ୍ତବ୍ୟ ପ୍ରଦାନ କରିବା ସହିତ ପୁରସ୍କାର ବଂଟନ କରିଥିଲେ । ସ୍କୁଲର ପ୍ରଧାନ ଶିକ୍ଷକ ଭାନୁ ଚନ୍ଦ୍ର ସ୍ୱାଇଁ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ସହକାରୀ ଶିକ୍ଷକ ଭାଗ୍ୟଧର ପତି ଅତିଥି ପରିଚୟ ସହିତ ଉତ୍ସବର ଆଭିମୁଖ୍ୟ ସଂପର୍କରେ ଆଲୋଚନା କରିଥିଲେ । ସହକାରୀ ଶିକ୍ଷକ ଶ୍ରୀଚରଣ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତିଯୋଗିତାଗୁଡ଼ିକୁ ସହକାରୀ ଶିକ୍ଷକ ବିଭୁତି ଭୁଷଣ ଦାସ, ଗିରିଧାରୀ ଦାସ, ବାବାଜୀ ଚରଣ ରାଉତ ପ୍ରମୁଖ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କମଳାକାନ୍ତ ସୂତାର,ବାବାଜୀ ମହାପାତ୍ର ଓ ରଂଜିତ ପତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଜେପିର ନୂତନ ମଣ୍ଡଳ ସଭାପତିଙ୍କୁ ସମ୍ବର୍ଦ୍ଧନା

ହରିଚନ୍ଦନପୁର, (ହି.ସ.) : କେନ୍ଦୁଝର ଜିଲ୍ଲା ତେଲକୋଇ ନିର୍ବାଚନ ମଣ୍ଡଳୀର ଭଗାମୁଣ୍ଡା ଜୋନର ନୂତନ ମଣ୍ଡଳ ସଭାପତିଙ୍କୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଖବର ମୁତାବକ ଆଗାମୀ ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ବିଜେପି ଗ୍ରାମାଞ୍ଚଳରେ ସଙ୍ଗଠନକୁ ସୃଦୃଢ଼ କରିବା ଆଶାରେ ନୂତନ ମଣ୍ଡଳ ସଭାପତି ଚୟନ ପ୍ରକିୟା ଆରମ୍ଭ କରିଛି । ହରିଚନ୍ଦନପୁର ବିଜେପି ପକ୍ଷରୁ ପୂର୍ବରୁ ବୟସ୍କଙ୍କୁ ସଭାପତି ପଦରେ ନିଯୁକ୍ତି ଦେଉଥିବା ବେଳେ ଏଥର ଯୁବପିଢିଙ୍କୁ ସମ୍ମୁଖରେ ରଖି ନିର୍ବାଚନ ଆସନକୁ ହାତେଇବା ପାଇଁ ଦୃଢ଼ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । ଯାହାକୁ ନେଇ ଭଗାମୁଣ୍ଡା ଠାରେ ହୃଷିକେଶ ସିଂଙ୍କୁ ନୂତନ ମଣ୍ଡଳ ସଭାପତି ଭାବେ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟକ୍ରମରେ ମଣ୍ଡଳର ୧୦୦ରୁ ଉର୍ଦ୍ଧ୍ୱ କର୍ମୀ ଓ କାର୍ଯ୍ୟକର୍ତ୍ତାଙ୍କ ସମେତ ଶତାଧିକ ସମର୍ଥକ ଓ ସମାଜସେବୀ ଯୋଗ ଦେଇଥିଲେ। ଆଗାମୀ ଦିନରେ ଏହି ସମସ୍ତେ ନୂତନ ମଣ୍ଡଳ ସଭାପତି ହୃଷିକେଶଙ୍କ ସହ ମିଶି ଦଳକୁ ଗ୍ରାମାଞ୍ଚଳରୁ ସୃଦୃଢ କରିବା ସହ ଦଳୀୟ କାର୍ଯ୍ୟକ୍ରମଙ୍କୁ ଆଗକୁ ବଢେଇ ନେବା ପାଇଁ ନିଷ୍ପତି ନେଇ ସପଥ ପାଠ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ହରିଚନ୍ଦନପୁର ମଣ୍ଡଳ ସଭାପତି ମନୋଜ ମହାନ୍ତ, ପୂର୍ବତନ ଜିଲ୍ଲାପରିଷଦ ପ୍ରାର୍ଥୀ ଶ୍ୟାମସୁନ୍ଦର ମାଝୀ, ବାବୁଲି ଚରଣ ସାହୁ, ଗିରିଧାରୀ ମହାନ୍ତ, ମଣ୍ଡଳ ଉପ ସଭାପତି ମୋହନ ନାଏକ, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ମହାନ୍ତ, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ପ୍ରେମ୍ ପ୍ରକାଶ ମୁଣ୍ଡା, ମଣ୍ଡଳ ଯୁବମୋର୍ଚ୍ଚା ଉପ ସଭାପତି ଦେବ ପ୍ରସାଦ ମହାନ୍ତ, ମଣ୍ଡଳ ଯୁବମୋର୍ଚ୍ଚା ସମ୍ପାଦକ ବିରସିଂ ମିଆଦୀ, ଶଗଡପଟା ପଞ୍ଚାୟତ ସଭାପତି ଦାଶରଥି ମାଝୀ, ଯୁବ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ବିଶ୍ୱଜିତ ମହାନ୍ତ(ପଟିଆ), ଅନିଲ ମହାରଣା, ସୁଶାନ୍ତ ମହାରଣା, ହେମନ୍ତ କବାଟଙ୍କ ସମେତ ୨ଶହରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ ।

# ମହାକାଳପଡ଼ାରେ ଜନଶୁଣାଣି ଶିବିର

କେନ୍ଦ୍ରାପଡ଼ା, (ହି.ସ.) : ଚଳିତ ମାସ ୨୨ ତାରିଖ ସୋମବାର ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନ ଶୁଣାଣି ଶିବିରର ସମୟ ଆଂଶିକ ପରିବର୍ତନ କରାଯାଇଛି । ସେହିଦିନ ସକାଳ ୧୦.୩୦ ରେ ମହାକାଳପଡାରେ ହେବାକୁ ଥିବା ଅଭିଯୋଗ ଶୁଣାଣି ଶିବିର ର ସମୟ ୨.୩୦ ମିନିଟ କୁ ଘୁଂଚାଇ ଦିଆଯାଇଛି । ରାଜ୍ୟ ସରକାର ୨୨ ତାରିଖରେ ଅଯୋଧା ଠାରେ ନବ ନିର୍ମିତ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଓ ଶ୍ରୀରାମଙ୍କ ପ୍ରତିମୂର୍ତିର ପ୍ରାଣ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ କାର୍ଯ୍ୟ ଦିବସର ଅଧା ଛୁଟି ଘୋଷଣା କରିଥିବାରୁ ଅଭିଯୋଗ ଶୁଣାଣି ଶିବିରର ସମୟକୁ ଜିଲ୍ଲା ପ୍ରଶାସନ ୨.୩୦ କୁ ଘୁଂଚାଇ ଦେଇଛି । ସ୍ଥାନୀୟ ଅଂଚଳର ଅଭିଯୋଗ କାରୀମାନେ ୨.୩୦ ପରଠାରୁ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ରହି ଅଭିଯୋଗ ଶୁଣାଣିରେ ଭାଗ ନେଇ ପାରିବେ ବୋଲି ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି ସୂଚନା ଦେଇଛନ୍ତି ।

# ପୋଲ ତଳୁ ଅବସରପ୍ରାପ୍ତ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

ବଲାଣି, (ହି.ସ) - କେନ୍ଦୁଝର ଜିଲା ବଲାଣି ଥାନା ଅନ୍ତର୍ଗତ କିରିବୁରୁ-ବଡ଼ବିଲ ମୁଖ୍ୟ ସଡ଼କର ବାଲାଗୋଡ଼ା ସ୍ଥିତ ନୂତନ କାରୋ ପୋଲରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର କରିଛି ପୁଲିସ । ପ୍ରାଥମିକ ତଦନ୍ତରୁ ପୁଲିସ ଏହାକୁ ଆତ୍ମହତ୍ୟା ବୋଲି ସନ୍ଦେହ କରୁଥିବା ବେଳେ ପରିବାର ଲୋକେ ହତ୍ୟାର ଅଭିଯୋଗ ଆଣିଛନ୍ତି । ତେବେ ମୃତ ବ୍ୟକ୍ତି ଜଣଙ୍କ ଯୋଡ଼ା ଥାନା ଅନ୍ତର୍ଗତ ମହାବୀର ଛକ ବିହାରୀ କଲୋନୀର ୬୨ ବର୍ଷୀୟ ଝାଡେଶ୍ୱର ସାହୁ ବୋଲି ଜଣା ପଡ଼ିଛି ।ସେ ଯୋଡ଼ା ସ୍ଥିତ ଟିସ୍କୋ କମ୍ପାନୀରୁ ସ୍ଥାୟୀ କର୍ମଚାରୀ ଭାବରେ କାର୍ଯ୍ୟ କରି ଗତ ବର୍ଷ ଅବସର ଗ୍ରହଣ କରିଥିଲେ । ତେବେ ବଡ଼ବିଲ ବସ୍ ଷ୍ଟାଣ୍ଡ ନିକଟ କୌଣସି ହସ୍ ପାଇପ୍ ଦୋକାନରେ କିଛି ଦିନ ହେଲା କାମ କରୁଥିଲେ ବୋଲି ପରିବାର ଲୋକେ ସୂଚନା ଦେଇଛନ୍ତି । ସେ ସକାଳ ୧୦ ଟା ସମୟରେ ଘରୁ ବାହାରିବା ପରେ ରାତି ରେ ନଫେରିବାରୁ ଘର ଲୋକ ଖୋଜାଖୋଜି କଲା ପରେ ମଧ୍ୟ କୌଣସି ସନ୍ଧାନ ପାଇନଥିଲେ । ପୁଲିସ ମୃତକଙ୍କ ପିନ୍ଧିଥିବା ପୋଷାକ ଅଣ୍ଡାଳିବା ପରେ ଏକ ଫୋନ ନମ୍ବର ପାଇ ଉକ୍ତ ନମ୍ବରରେ ଯୋଗାଯୋଗ କଲା ପରେ ପରିବାର ଲୋକେ ମୃତ୍ୟୁ ସମ୍ବନ୍ଧରେ ଜାଣି ଘଟଣା ସ୍ଥଳରେ ପହଞ୍ଚିଥିଲେ । ଆତ୍ମୀୟ ପରିଜନ ଘଟଣାସ୍ଥଳରେ ପହଞ୍ଚି ମୃତକ ପିନ୍ଧି ଥିବା ଚପଲ ଓ ସେ ବ୍ୟବହାର କରୁଥିବା ମୋବାଇଲ ଫୋନ ନମିଳିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି । ଏହା ବ୍ୟତୀତ ଆତ୍ମହତ୍ୟା କରିବାକୁ ଜଣେ ଯୋଡ଼ା ରୁ ବଲାଣି ଆସିବା କଥାକୁ ପରିବାର ଲୋକେ ଗ୍ରହଣ କରି ପାରୁନାହାନ୍ତି ।ଏ ନେଇ ବଲାଣି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି । ମୃତ ଦେହ ବ୍ୟବଚ୍ଛେଦ ପରେ ହତ୍ୟା ନା ଆତ୍ମହତ୍ୟା ବୋଲି ଜଣାପଡିବ ବୋଲି ପୁଲିସ କହିଛି ।

# ମେଳା ବ୍ୟବସାୟୀ ସଂଘର ସାଧାରଣ ବୈଠକ

କେନ୍ଦ୍ରାପଡା, (ହି.ସ.): ସିଦ୍ଧ ବଳଦେବଜୀଉ ଅସ୍ଥାୟୀ ମେଳା ବ୍ୟବସାୟୀ ସଂଘର ଏକ ସାଧାରଣ ବୈଠକ ସଂପାଦକ ଚିତ ରଂଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ତଥା ସାମ୍ବାଦିକ ମହମ୍ମଦ ଇଲିଆସ, କାର୍ଯ୍ୟକାରୀ ସଭାପତି ଆଇନଜୀବି ରମଣି ରଂଜନ ରାଉତରାୟ, ଉପ ସଭାପତି ଦିଲିପ କୁମାର ବେହେରା, ରାଜେଶ ଦାସ, ରୀନା ସନା, କାଶୀନାଥ ସାହୁ, ସୁନାକର ସାହୁ, ବାବାଜୀ ମଲିକ, ଧରଣୀ ଜେନା, ମମତା ପୃଷ୍ଟି ପ୍ରମୁଖ ଯୋଗ ଦେଇ ସଂଘର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏଥି ସହିତ ବିଭିନ୍ନ ଅଂଚଳରେ ଦୁର୍ଗାପୂଜା, କାଳୀପୂଜା, ଲକ୍ଷ୍ମୀପୂଜା ପ୍ରଭୃତି ଆରମ୍ଭ ହେଉଥିବାରୁ ସେ ଅଂଚଳରେ ଅସ୍ଥାୟୀ ମେଳା ବ୍ୟବସାୟୀ ମାନେ କିପରି ଶାନ୍ତି ଶୃଙ୍ଖଳାର ସହ ବ୍ୟବସାୟ କରି ପାରିବେ ସେ ନେଇ ଆଲୋଚନା କରାଯାଇ ଥିଲା ।

# ସାଇବର ସୁରକ୍ଷା ଅଭିଯାନ

ଭଦ୍ରକ, (ପିପିଏସ୍): ଏହି ଜିଲାର ବନ୍ତ ବ୍ଲକରେ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ୍ତ ଥାନାଧିକାରୀ ଶ୍ରୀବଲ୍ଲଭ ସାହୁଙ୍କ ତତ୍ତ୍ୱାବଧାନରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ସଚେତନତା ସଭାରେ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ସୁଧାଂଶୁ ଶେଖର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଭଦ୍ରକ ପୋଲିସ ମୁଖ୍ୟାଳୟର ସାଇବରସେଲ୍ ଇନ୍ସପେକ୍ଟର ସଂଗ୍ରାମ କୁମାର ପଟ୍ଟନାୟକ ଯୋଗଦେଇ ସାଂପ୍ରତିକ ସମୟରେ ବୃଦ୍ଧି ପାଉଥିବା ସାଇବର ଅପରାଧ ଏବଂ ଏଥିରୁ ରକ୍ଷା ପାଇବାର ଉପାୟ ସମ୍ପର୍କରେ ଆଲୋଚନା କରିବା ସହ ପ୍ରତି ମୂହୁର୍ତ୍ତରେ ସଚେତନତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ।

# ରସୁଲପୁର ବ୍ଲକସ୍ତରୀୟ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ମାସିକ ବୈଠକ

ଧର୍ମଶାଳା, (ହି.ସ.) - ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୫ମ ବ୍ଲକ ସ୍ତରୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରସୁଲପୁର ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ବୈଠକର ଆୟୋଜନ କରାଯାଇଥିଲା। ରସୁଲପୁର ବ୍ଲକ ଶିକ୍ଷା ଅଧିକାରୀ ନିଳାମ୍ବର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଶ୍ରୀ ମିଶ୍ରଙ୍କ ସଭାପତିତ୍ୱରେ ଏହି ବୈଠକରେ ସମ୍ମାନିତ ଅତିଥିଭାବେ ମୋ ସ୍କୁଲ ଜିଲା ସଂଯୋଜକ ରାଜେନ୍ଦ୍ର କୁମାର ଶତପଥୀ,ଯାଜପୁର ଜିଲା ଓଷ୍ଟା ସଭାପତି ତଥା ଖଣ୍ଡିତର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁନନ୍ଦ କୁମାର ରାଉତ,ରସୁଲପୁର ବ୍ଲକ ନୋଡାଲ ପ୍ରଧାନଶଇକ୍ଷକ ନିରଞ୍ଜନ ସାମଲ,ବନ୍ଧଡିହ କ୍ଲଷ୍ଟର ସିଆରସିସି ଶ୍ରୀବସ୍ତବ କୁମାର ସାହୁ ଓ ମୋ ସ୍କୁଲ ବ୍ଲକ ସଂଯୋଜକ ପ୍ରକାଶ କୁମାର ପଣ୍ଡା ଓ ବିଷ୍ଣୁ ଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ବୈଠକରେ ମୁଖ୍ୟତଃ ପୂର୍ବ ବୈଠକର ପ୍ରସ୍ତାବ ଆଲୋଚନା କରାଯିବା ୧ସହିତ ଚଳିତ ମ୍ୟାଟ୍ରିକ ପରୀକ୍ଷା ପ୍ରସ୍ତୁତି ଓ ସ୍ୱତନ୍ତ୍ର କାର୍ଯ୍ୟକ୍ରମ,ମ୍ୟାଟ୍ରିକ୍ ପରୀକ୍ଷା କେନ୍ଦ୍ର ପ୍ରସ୍ତୁତ,ଅର୍ଦ୍ଧ ବାର୍ଷିକ ପରୀକ୍ଷାରେ ଅନୁପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ପଦକ୍ଷେପ , ବିଦ୍ୟାଳୟର ବାର୍ଷିକ ପରୀକ୍ଷାରେ ଶତ ପ୍ରତିଶତ ଉପସ୍ଥିତ ସୁନିଶ୍ଚିତ କରିବା ଓ ଏସ୍‌ଆଇଓଏସ୍ ଶ୍ରେଣୀ ପରିଚାଳନା ସ୍ଥିତି ନେଇ ଆଲୋଚନା କରାଯାଇଥିଲା । ଏହା ପରେ ରସୁଲପୁର ବ୍ଲକର ପ୍ରାୟ ୪୦ଗୋଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ଆୟୋଜକ ବିଦ୍ୟାଳୟର ସ୍ମାର୍ଟ କ୍ଲାସ ରୁମ,ଇ-ଲାଇବ୍ରେରୀ,ଇ-ବିଜ୍ଞାନାଗାର,ସ୍ମାର୍ଟ ଟଏଲେଟ,କ୍ଲାସ ରୁମ,ଆଇସିଟି ଲାବ୍ ପରିଦର୍ଶନ କରିଥିଲେ। ବିଦ୍ୟାଳୟର ୪ଟି କ୍ଲବର କ୍ରିଏଟିଭ ବୋଡ ଓ ଫଟୋ କଲ,ଆମ କଥା, ଖବରରେ ଆମେ,ଆମ ସଫଳତାର କାହାଣୀ,ବିଜ୍ଞାପକ ବୋର୍ଡ,ସାହିତ୍ୟ ସୁଜନୀ ପ୍ରଚୀର ପତ୍ରିକା ପ୍ରମୁଖକୁ ପ୍ରଦର୍ଶିତ ବୋର୍ଡ ଉଚ୍ଚ ପ୍ରଶଂସା କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୁଭଶ୍ରୀ ସାହୁ, ବିଦ୍ୟାଳୟର ଐତିହ୍ୟ ବର୍ଣ୍ଣନା କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଧୁସ୍ମିତା ଦାସ,ଗୀତା ସାହୁ ଓ ସ୍ୱାସ୍ତିକା ସାହୁଙ୍କ ତତ୍ୱବଧାନରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା। ଶିକ୍ଷକ ମିତ୍ରଭାନୁ ନାୟକ ଓ ମାନସ କୁମାର ମଲ୍ଲିକ ସ୍ମାର୍ଟ ବୋର୍ଡ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ମମତା ମହାଳିକ,ଲକ୍ଷ୍ମୀପ୍ରିୟା ନାୟକ,ସୀମନ୍ତିନୀ ଜେନା, ଓ ଶକ୍ତିଶ୍ରୀ ପ୍ରିୟ ବାଦୀନି ପ୍ରମୁଖ ସ୍ୱାଗତ ତୋରଣ ଓ ବିଦ୍ୟାଳୟ ପରିସରକୁ ରଂଗୋଲିରେ ସୁସଜ୍ଜିତ କରିଥିଲେ । ଶେଷରେ ସମୀର କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ଅରୁଣ କୁମାର ଜେନା,ଏମ୍‌ଡି ଏଫ୍‌ଆର ଖାଁନ,ଏମ୍‌ଡି ଉମେଦ ହୋସେନ,କେଦାର ରାଉତ,ସନ୍ତୋଷ କୁମାର ପାଢୀ ଓ ମୁନ୍ନା ସାହୁ ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରବଳ ବର୍ଷାରେ ଜଳମଗ୍ନ ହେଲା ଦୁବାଇ ଏୟାରପୋର୍ଟ



ଦୁବାଇ : ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ର ଦୁବାଇ, ଶୁଷ୍କ ଏବଂ ଗରମ ତାପମାତ୍ରା ପାଇଁ ଜଣାଶୁଣା, ମଙ୍ଗଳବାର ଏଠାରେ ପ୍ରବଳ ବର୍ଷା ହେତୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ପ୍ରବଳ ବର୍ଷା ଏହି ବ୍ୟସ୍ତବହୁଳ ସହରରେ ସାଧାରଣ ଜୀବନଯାତ୍ରାକୁ ଖୁବ ପ୍ରଭାବିତ କରିଦେଲା। ଏହା ସହିତ ସହରରେ ବନ୍ୟା ପରିସ୍ଥିତି ଜଳବାୟୁ ପରିବର୍ତ୍ତନକୁ ନେଇ ଚିନ୍ତା ବଢାଇ ଦେଇଛି। ମଙ୍ଗଳବାର ପ୍ରବଳ ବର୍ଷା ହେତୁ ଦୁବଇ ଅନ୍ତର୍ଜାତୀୟ ବିମାନବନ୍ଦରରେ ମଧ୍ୟ ପାଣି ଜମା ହୋଇଯାଇଥିଲା। ସୂଚନାଯୋଗ୍ୟ, ଦୁବଇ ଆନ୍ତର୍ଜାତୀୟ ବିମାନବନ୍ଦର ବିଶ୍ୱର ସବୁଠୁ ବ୍ୟସ୍ତବହୁଳ ଏୟାର ହବ ଭାବରେ ଜଣାଶୁଣା। ବିମାନ ବନ୍ଦରରେ ଜଳସ୍ତର ବଢିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଅନେକ ଆସୁଥିବା ବିମାନକୁ ଡାଇଭର୍ଟ କରାଯାଇଥିଲା। ପ୍ରାୟ ୧୦୦ ଟି ବିମାନ ସନ୍ଧ୍ୟାରେ ଦୁବାଇ ବିମାନବନ୍ଦରରେ ପହଞ୍ଚେ, କିନ୍ତୁ ଜଳବାୟୁ ପରିବର୍ତ୍ତନ ହେତୁ ବିମାନଗୁଡିକ ଡାଇଭର୍ଟ ହୋଇଯାଇଥିଲା। ଅବଶ୍ୟ, ୨୫ ମିନିଟ ପରେ ବିମାନଗୁଡ଼ିକର ଆଗମନ ଧୀରେ ଧୀରେ ପୁଣି ଆରମ୍ଭ ହେଲା। ପ୍ରବଳ ବର୍ଷା ଯୋଗୁଁ ବିମାନ ଚଳାଚଳରେ ବିଳମ୍ବ ଘଟିଲା କିମ୍ବା ବିମାନ ଉଡ଼ାଣ ବାତିଲ ହେଲା। ସୋସିଆଲ ମିଡିଆରେ ଭାଇରାଲ ଭିଡିଓରେ ଏହା ଦେଖିବାକୁ ମିଳେ ଯେ ରନୱେ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଛି। ବିମାନବନ୍ଦର ପାର୍କିଂ ମଧ୍ୟ ଅଧା ଜଳମଗ୍ନ ହୋଇଛି। ବିମାନବନ୍ଦରକୁ ଯାଉଥିବା ରାସ୍ତାରେ ଜଳପ୍ରବାହ ମଧ୍ୟ ଦେଖିବାକୁ ମିଳିଥିଲା। ଦୁବାଇର ସପିଂ ମଲ ମଧ୍ୟ ଆଣ୍ଠୁଏ ପାଣିରେ ପରିପୂର୍ଣ୍ଣ।

## ସମ୍ବିଧାନ ଭାଙ୍ଗିବା ପାପ କରିଛି କଂଗ୍ରେସ: ନୀତିନ ଗଡକରୀ



ନୂଆଦିଲ୍ଲୀ : କେନ୍ଦ୍ର ସଡକ ପରିବହନ ଏବଂ ରାଜପଥ ମନ୍ତ୍ରୀ ନିତିନ ଗଡକରୀ ରାଜନୀତି ଅପେକ୍ଷା ଦେଶର ଭିତ୍ତିଭୂମି ବିକାଶ ବିଷୟରେ କହିବାକୁ ପସନ୍ଦ କରନ୍ତି, କିନ୍ତୁ ସେ ରାଜନୈତିକ ପ୍ରଶ୍ନର ତୀକ୍ଷ୍ଣ ଜବାବ ମଧ୍ୟ ଦେଇଛନ୍ତି। ସମ୍ବିଧାନ ବଦଳାଇ ଦେବା ନେଇ ଭାଜପା ବିରୋଧରେ ହୋଇଥିବା ଅଭିଯୋଗ ଉପରେ ସେ କହିଛନ୍ତି ଯେ, ବିରୋଧୀଦଳ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି, ଏହା ନିଜେ ୮୦ ଥର ପରିବର୍ତ୍ତନ କରି ସମ୍ବିଧାନ ଭାଙ୍ଗିବା ପାପ କରିଛି। ସଂଖ୍ୟାଲଘୁ ତଥା ଦଳିତଙ୍କୁ ବିଭ୍ରାନ୍ତ କରିବା ପାଇଁ ବିରୋଧୀ ମିଥ୍ୟା ପ୍ରଚାର କରୁଛନ୍ତି। କିନ୍ତୁ, ସେମାନେ ଏଥିରେ ସଫଳ ହେବେ ନାହିଁ। କେସବାନନ୍ଦ ଭାରତୀ ମାମଲାରେ ସୁପ୍ରିମକୋର୍ଟର ୭ ଜଣ ବିଚାରପତି କହିଛନ୍ତି ଯେ, ସମ୍ବିଧାନର ମୌଳିକ ଗଠନକୁ ପରିବର୍ତ୍ତନ କରାଯାଇପାରିବ ନାହିଁ। କଂଗ୍ରେସ ହିଁ ସମ୍ବିଧାନ ପରିବର୍ତ୍ତନ ବିଷୟରେ କହୁଛି, ୮୦ ଥର ପରିବର୍ତ୍ତନ କରି ସମ୍ବିଧାନ ଭାଙ୍ଗିବା ପାପ କରିଛି।

## କେନ୍ଦ୍ରୀୟ ଗାଜାରେ ହମାସର ୪୦ଟି ଟାର୍ଗେଟ ଉପରେ ଇସ୍ରାଏଲର ଏୟାର ଷ୍ଟ୍ରାଇକ୍

ନୂଆଦିଲ୍ଲୀ: ଇସ୍ରାଏଲ ପ୍ରତିରକ୍ଷା ବାହିନୀ ବୁଧବାର ସକାଳେ କହିଛି ଯେ କେନ୍ଦ୍ରୀୟ ଗାଜାରେ ଇସ୍ରାଏଲ ସେନା ରକେଟ୍ ଲଞ୍ଚର ଏବଂ ହମାସ ଆତଙ୍କବାଦୀ ଭିତ୍ତିଭୂମି ନଷ୍ଟ କରିବା ସହ ଆତଙ୍କବାଦୀଙ୍କୁ ନିପାତ କରିଛି। ଇସ୍ରାଏଲ ସୈନ୍ୟଙ୍କ ନିକଟରେ ଏକ ସଶସ୍ତ୍ର ଡ୍ରୋନ୍ ଚଳାଉଥିବା ହମାସ ସ୍କ୍ୱାଡ୍ ଉପରେ ଗୋଟିଏ ଆକ୍ରମଣ ହୋଇଥିଲା। ଅତିରିକ୍ତ ଆକ୍ରମଣରେ ଇସ୍ରାଏଲ ରକେଟ ଲଞ୍ଚର ଉପରେ ଇସ୍ରାଏଲ ରକେଟ ମାଡ଼ କରିଥିଲା। ଅଣ୍ଡରଗ୍ରାଉଣ୍ଡ ଲଞ୍ଚିଂ ପୋଷ୍ଟ, ବୁବି ଫସି ରହିଥିବା କୋଠା, ସଶସ୍ତ୍ର ଆତଙ୍କବାଦୀମାନେ କାର୍ଯ୍ୟ କରୁଥିବା ସାମରିକ ଢାଞ୍ଚା, ପର୍ଯ୍ୟବେକ୍ଷଣ ପୋଷ୍ଟ ଏବଂ ଭୂତଳ ସ୍ଥାନ ସମେତ ୪୦ରୁ ଅଧିକ ଟାର୍ଗେଟ ଉପରେ ଆକ୍ରମଣ କରାଯାଇଥିଲା। ଅକ୍ଟୋବର ୭ ରେ ଗାଜା ସୀମା ନିକଟରେ ଇସ୍ରାଏଲ ସମ୍ପ୍ରଦାୟ ଉପରେ ହମାସର ଆକ୍ରମଣରେ ଅତି କମରେ ୧୨୦୦ ଲୋକ ପ୍ରାଣ ହରାଇଥିବା ବେଳେ ୨୪୦ ଜଣ ଇସ୍ରାଏଲ ଏବଂ ବିଦେଶୀଙ୍କୁ ବନ୍ଧକ କରାଯାଇଥିଲା। ଅବଶିଷ୍ଟ ୧୩୪ ଜଣ ବନ୍ଧକଙ୍କ ମଧ୍ୟରୁ ଇସ୍ରାଏଲ ନିକଟରେ ସେମାନଙ୍କ ମଧ୍ୟରୁ ୩୧ ଜଣଙ୍କୁ ମୃତ ଘୋଷଣା କରିଛି।

## ଆପ୍ ଆରମ୍ଭ କଲା 'ଆପ୍ କା ରାମରାଜ୍ୟ' ୱେବସାଇଟ୍

ନୂଆଦିଲ୍ଲୀ: ଆମ୍ ଆଦମୀ ପାର୍ଟି 'ଆପ୍' ବୁଧବାର 'ଆପ୍‌କା ରାମରାଜ୍ୟ' ୱେବସାଇଟ୍ ଉନ୍ମୋଚନ କରି କହିଛି ଯେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଜାତୀୟ ରାଜଧାନୀରେ ଭଗବାନ ରାମଙ୍କ ଆଦର୍ଶକୁ ସାକାର କରିବାକୁ ଚେଷ୍ଟା କରିଛନ୍ତି। ଲୋକସଭା ନିର୍ବାଚନ ପୂର୍ବରୁ ଏହି ୱେବସାଇଟ୍ ଉନ୍ମୋଚନ କରାଯାଇଛି, ଯାହାର ପ୍ରଥମ ପର୍ଯ୍ୟାୟ ଶୁକ୍ରବାର ଅନୁଷ୍ଠିତ ହେବ ଏବଂ ଆଜି ଦେଶର ବିଭିନ୍ନ ସ୍ଥାନରେ ରାମନବମୀ ପର୍ବ ପାଳନ କରାଯାଉଛି। ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ କହିଛନ୍ତି ଯେ ଏହି ୱେବସାଇଟରେ ଆପ୍‌ର ରାମରାଜ୍ୟ ସଂକଳ୍ପ ଏବଂ ଦଳର ସରକାରଙ୍କ କାର୍ଯ୍ୟକୁ ଦର୍ଶାଯିବ। ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଗତ ୧୦ ବର୍ଷ ମଧ୍ୟରେ ରାମରାଜ୍ୟକୁ ସାକାର କରିବା ପାଇଁ ଭଲ ସ୍କୁଲ, ମୋହଲ୍ଲା କ୍ଲିନିକ୍, ମାଗଣା ପାଣି ଓ ବିଜୁଳି ଏବଂ ମହିଳାଙ୍କ ପାଇଁ ମାଗଣା ବସ୍ ଯାତ୍ରା ଭଳି ଚମତ୍କାର କାର୍ଯ୍ୟ କରିଛନ୍ତି। ପ୍ରଥମ ଥର ପାଇଁ ରାମନବମୀ ପାଳନ ଅବସରରେ କେଜ୍ରିୱାଲ ତାଙ୍କ ଲୋକଙ୍କ ମଧ୍ୟରେ ନାହାନ୍ତି ବୋଲି ଶ୍ରୀ ସିଂହ ଅଭିଯୋଗ କରିଛନ୍ତି ଏବଂ ମିଥ୍ୟା ସାକ୍ଷୀଙ୍କ ବୟାନ ଆଧାରରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଭିତ୍ତିହୀନ ମାମଲାରେ ଜେଲ୍ ପଠାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଆପ୍ ନେତା ଆତିଶୀ, ସୌରଭ ଭରଦ୍ୱାଜ ଓ ଜସ୍ମିନ ଶାହା ମଧ୍ୟ ଉପସ୍ଥିତ ଥିଲେ।

## ତୃଣମୂଳ କଂଗ୍ରେସ ଜାରିକଲା ନିର୍ବାଚନୀ ଇସ୍ତାହାର



କୋଲକାତା : ଲୋକ ସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଆରମ୍ଭର ଦୁଇ ଦିନ ପୂର୍ବରୁ ବୁଧବାର ତୃଣମୂଳ କଂଗ୍ରେସ ଏହାର ନିର୍ବାଚନୀ ଇସ୍ତାହାର ପ୍ରକାଶ କରିଛି। ଏହି ମନିଫେଷ୍ଟୋରେ ୧୦ଟି ପ୍ରତିଶୃତି ଉଲ୍ଲେଖ କରାଯାଇଛି । ପାର୍ଟି ସଂଯୋଜକ ମମତା ବାନାର୍ଜୀ ବାରମ୍ବାର ଆଶ୍ୱାସନା ଦେଇଛନ୍ତି ଯେ ବଙ୍ଗଳାରେ ନାଗରିକତା (ସଂଶୋଧନ) ଅଧିନିୟମ, ନ୍ୟାସନାଲ ରେଜିଷ୍ଟର ଅଫ ସିଟିଜେନ୍ସ (ଏନଆରସି) ଏବଂ ୟୁନିଫର୍ମ ସିଭିଲ କୋଡ (ୟୁସିସି) ରହିବ ନାହିଁ। କେନ୍ଦ୍ରରେ କଂଗ୍ରେସ ନେତୃତ୍ୱାଧୀନ ସହଯୋଗୀ ଦଳକୁ ସମର୍ଥନ ଉପରେ ଗୁରୁତ୍ୱାରୋପ କରି ତୃଣମୂଳ ନେତାମାନେ କହିଛନ୍ତି ଯେ ଓ.ଘ.ଲ.ଓ ମିଳିତ ମଞ୍ଚର ଏକ ଅଂଶ ଭାବରେ କେନ୍ଦ୍ରରେ ସରକାର ଗଠନ ହେବା ପରେ ପ୍ରତିଶ୍ରୁତି ପୂରଣ ହେବ। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ କୁଚବିହାର, ଅଲିପୁରଦାର ଏବଂ ଜଲପାଇଗଡିରେ ଭୋଟ ଅନୁଷ୍ଠିତ ହେବ। ଟିଏମସିର ମନିଫେଷ୍ଟୋ ବିଷୟରେ ବିଶେଷ କଥା ହେଉଛି ପାର୍ଟି ଏହାକୁ ମୁକ୍ତ କରିବା ପାଇଁ ରାମ ନବମିଙ୍କ ଦିନକୁ ବାଛିଛି। ରାଜ୍ୟର ମୁଖ୍ୟ ବିରୋଧୀଭାଜପା କ୍ରମାଗତ ଭାବେ ତୃଣମୂଳ କଂଗ୍ରେସ ଏବଂ ମମତା ସରକାରଙ୍କୁ ମୁସଲିମ ତୁଷ୍ଟିକରଣ ଅଭିଯୋଗ କରିଆସୁଛି। ଏଭଳି ପରିସ୍ଥିତିରେ ହିନ୍ଦୁ ଭୋଟ ଆକୃଷ୍ଟ କରିବା ପାଇଁ ତୃଣମୂଳ ରଣନୀତିର ଏକ ଅଂଶ ବୋଲି ରାମ ନବମିରେ ମନିଫେଷ୍ଟୋ ଜାରି କରିଥିବା କୁହାଯାଉଛି। ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମୁଖ୍ୟ ଉପଦେଷ୍ଟା ଡକ୍ଟର ଅମିତ ମିତ୍ର ମନିଫେଷ୍ଟୋ ପ୍ରକାଶ କରିବା ପରେ କହିଛନ୍ତି, ଏନଆରସି ବନ୍ଦ ହେବ। ସାରା ଦେଶରେ ୟୁସିସି ଲାଗୁ ହେବ ନାହିଁ । ଗଣତନ୍ତ୍ରର ମୌଳିକ ଗଠନକୁ ଭାଜପା ନଷ୍ଟ କରୁଛି। ଯେତେବେଳେ ସେ ଦିଲ୍ଲୀ ଯାଇଥିଲେ ଆମ ନେତୃତ୍ୱ ଅପମାନିତ ହୋଇଥିଲେ। ଆମେ ଏହି ସମସ୍ତ ପ୍ରମୁଖ ପ୍ରସଙ୍ଗ ବିରୋଧରେ ଲଢିବା।

## କ୍ୟାବିନେଟ ମନ୍ତ୍ରୀଙ୍କ ସହ ଭର୍ଚୁଆଲ ମିଟିଂ ପାଇଁ କେଜରିୱାଲଙ୍କୁ ମିଳିଲା ଅନୁମତି



ନୂଆଦିଲ୍ଲୀ : ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ବିରୋଧରେ ଦିଲ୍ଲୀ ହାଇକୋର୍ଟରେ ଏକ ପିଟିସନ ଦାଖଲ କରାଯାଇଛି। ଏହି ଆବେଦନରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ସରକାରଙ୍କୁ ଜେଲରୁ ଚଳାଇବାକୁ ଅନୁମତି ଦେବାକୁ ଦାବି କରାଯାଇଛି। ବୃତ୍ତି ଅନୁଯାୟୀ ଓକିଲ ଶ୍ରୀକାନ୍ତ ପ୍ରସାଦଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନରେ ମୁଖ୍ୟମନ୍ତ୍ରୀ କେଜରିୱାଲଙ୍କୁ ଭର୍ଚୁଆଲ କନଫରେନ୍ସିଂ ମାଧ୍ୟମରେ କ୍ୟାବିନେଟ ମନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାକୁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଏହା ସହିତ ଗଣମାଧ୍ୟମକୁ ସମ୍ବେଦନଶୀଳ ଖବର ପ୍ରସାରଣରୁ ନିବୃତ୍ତ କରିବାକୁ ଏକ ଅନୁରୋଧ ମଧ୍ୟ କରାଯାଇଛି। ଜନହିତକାରୀ ଆବେଦନରେ ମୁଖ୍ୟମନ୍ତ୍ରୀ କେଜରିୱାଲଙ୍କ ଇସ୍ତଫା ପାଇଁ ଦିଲ୍ଲୀ ଭାଜପା ସଭାପତି ବିରେନ୍ଦ୍ର ସଚ୍ଚେଦେବଙ୍କୁ କୌଣସି ଅଯଥା ଚାପ ସୃଷ୍ଟି ନକରିବାକୁ ମଧ୍ୟ ଦାବି କରାଯାଇଛି। ଏହା ବ୍ୟତୀତ ଡିଡିୟୁ ମାର୍ଗରେ ବିରୋଧ ପ୍ରଦର୍ଶନ ପାଇଁ ଲୋକଙ୍କୁ ଏକାଠି କରିବା ପାଇଁ ଭାଜପା ମୁଖ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ମଧ୍ୟ ଦାବି କରାଯାଇଛି।

## ଟ୍ରାଫିକ ପୋଲିସଙ୍କୁ ମିଳିଲା ଏସି ହେଲମେଟ୍



ହମ୍ମଦାବାଦ : ଦାଉ ସାଧୁଛି ଖରା । ଦିନକୁ ଦିନ ବଢ଼ିଚାଲିଛି ଦିନ ତାପମାତ୍ରା । ପୂରା ଦେଶରେ ଜାରି ରହିଛି ଗ୍ରୀଷ୍ମ ଲହର.. ଆଉଟୁପାଉଟୁ ହେଉଛନ୍ତି ସାଧାରଣ ଲୋକେ । ଏପରି ସ୍ଥଳରେ ଗ୍ରୀଷ୍ମ ଦାଉରୁ ଲୋକଙ୍କୁ ସୁରକ୍ଷା ଦେବାକୁ ସରକାର ଅନେକ ନିୟମ କରୁଛନ୍ତି । ଶ୍ରମିକମାନଙ୍କୁ ଖରାରେ କାମ କରିବାକୁ ବାରଣ କରାଯାଉଥିବା ବେଳେ ଛୋଟ ଛୋଟ ପିଲାମାନଙ୍କ ସ୍କୁଲ ଛୁଟି ରହିଛି । ତେବେ ଏପରି ସ୍ଥଳେ ଟ୍ରାଫିକ ପୋଲିସର ଦୁଃଖ ବୁଝିଛନ୍ତି ଗୁଜରାଟ ସରକାର । ଯେଉଁମାନେ ଘରୁ କିମ୍ବା ଅଫିସରେ କାମ କରନ୍ତି, ସେମାନେ ଏତେ ପ୍ରଭାବିତ ହୁଅନ୍ତି ନାହିଁ । କିନ୍ତୁ ଯେଉଁମାନେ ଖରାରେ କାମ କରନ୍ତି, ସେମାନଙ୍କର ଅବସ୍ଥା କହିଲେ ନସରେ । ସେମାନେ ଭାଗ୍ୟବାନ ନଥାଆନ୍ତି । ଖରାରେ ସିଝି କାମ କରିବାକୁ ହୁଏ । ଏହାର ପ୍ରକୃଷ୍ଟ ଉଦାହରଣ ହେଉଛନ୍ତି ଟ୍ରାଫିକ ପୋଲିସ ।

ବାହାରେ ଯେତେ ଗରମ ହେଉନା କାହିଁକି, ଜ୍ୱଳନ୍ତ ସୂର୍ଯ୍ୟକୁ ସହି ସେମାନଙ୍କୁ କାମ କରିବାକୁ ହୁଏ । ଏହି ଦୁଃଖ ବୁଝିପାରି ଗୁଜରାଟ ସରକାର ଟ୍ରାଫିକ ପୋଲିସଙ୍କ ପାଇଁ ଏସି ହେଲମେଟ୍ ର ବ୍ୟବସ୍ଥା କରିଛନ୍ତି । ହେଲମେଟ୍ ଗୁଡ଼ିକ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍) ଭଦୋଦରା ଛାତ୍ରମାନଙ୍କ ଦ୍ୱାରା ତିଆରି ହୋଇଛି । ଏହା ବ୍ୟାଟେରୀ ଚାଳିତ ହେଲମେଟ୍ । ଏହା ଶରୀରର ତାପମାତ୍ରାକୁ ଥଣ୍ଡା ରଖିବାରେ ସାହାଯ୍ୟ କରେ । ବର୍ତ୍ତମାନ ପର୍ଯ୍ୟନ୍ତ ୪୫୦ ଜଣ ଟ୍ରାଫିକ ପୋଲିସଙ୍କୁ ଏହି ହେଲମେଟ୍ ଦିଆଯାଇଛି ବୋଲି ପୋଲିସ ତରଫରୁ ପ୍ରକାଶ । ତେବେ ଗୁଜୁରାଟର ଟ୍ରାଫିକ ପୋଲିସଙ୍କୁ ଏସି ହେଲମେଟ୍ ବଣ୍ଟନ କରିବାରେ ଏହା ପ୍ରଥମ ଘଟଣା ନୁହେଁ ।ଗତ ବର୍ଷ ଅହମ୍ମଦାବାଦ ଟ୍ରାଫିକ ପୋଲିସ ମଧ୍ୟ ନିଜର କର୍ମଚାରୀମାନଙ୍କ ପାଇଁ ଏସି ହେଲମେଟ୍ ଆଣିଥିଲା । ଏହି ପ୍ଲାଷ୍ଟିକ୍ ହେଲମେଟ୍ ଗୁଡିକ ଏକ ଇନ୍- ବିଲ୍ଟ ଫ୍ୟାନ୍ ପରି । ଏକ ବ୍ୟାଟେରୀ ଚାଳିତ ପ୍ୟାକ୍ ଟ୍ରାଫିକ୍ ପୋଲିସ୍ ଙ୍କ ଅଣ୍ଟାରେ ବନ୍ଧାଯାଏ । ଗୋଟିଏ ଥର ଚାର୍ଜରେ ଏହା ୮ ଘଣ୍ଟା ପର୍ଯ୍ୟନ୍ତ ଚାଲିପାରେ । ଅନ୍ୟପଟେ ଏପ୍ରିଲରୁ ଅଗ୍ନିବର୍ଷା ହେବ ବୋଲି କହିଛି ଭାରତୀୟ ପାଣିପାଗ ବିଭାଗ । ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ ଏକାଧିକ ରାଜ୍ୟରେ ଅଗ୍ନିବର୍ଷା ଜାରି ରହିବ ବୋଲି କହିଛି ବିଭାଗ । ଆଇଏମଡି ଅନୁଯାୟୀ, ଗୁଜୁରାଟ, ମହାରାଷ୍ଟ୍ର, ଉତ୍ତର କର୍ଣ୍ଣାଟକ, ରାଜସ୍ଥାନ, ମଧ୍ୟପ୍ରଦେଶ, ଉତ୍ତର ଛତିଶଗଡ, ଓଡିଶା ଏବଂ ଆନ୍ଧ୍ରପ୍ରଦେଶରେ ତାପମାତ୍ରା ବୃଦ୍ଧି ପାଇବ ।

## ଏଲନ ମସ୍କଙ୍କ 'ଏକ୍ସ'କୁ ବ୍ୟାନ୍ କଲା ପାକିସ୍ତାନ

ଇସଲାମାବାଦ : ପାକିସ୍ତାନ ଏଲନ ମସ୍କଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ(ପୂର୍ବରୁ ଟୁଇଟର)କୁ ବ୍ୟାନ୍ କରିଦେଇଛି। ଦେଶର ସୁରକ୍ଷା ପ୍ରତି ବିପଦ ଦର୍ଶାଇ ଫେବୃଆରୀରେ ହିଁ ଏକ୍ସକୁ ବ୍ୟାନ୍ କରିବାକୁ ନେଇ ସରକାର ଏନେଇ ଆଦେଶ ଦେଇଥିଲେ। ହେଲେ ବୁଧବାର ଏହି ବ୍ୟାନ୍‌କୁ ନେଇ ଆଧିକାରୀକ ଭାବେ ଘୋଷଣା କରାଯାଇଛି। ଅପରପକ୍ଷେ ପାକିସ୍ତାନର ସିନ୍ଧ ହାଇକୋର୍ଟ ସରକାରଙ୍କୁ 'ଏକ୍ସ' ଉପରେ ଲାଗିଥିବା ବ୍ୟାନ୍‌କୁ ରଦ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ପାକିସ୍ତାନ ସରକାରଙ୍କୁ ଏକ ସପ୍ତାହ ମଧ୍ୟରେ ନିଜର ବ୍ୟାନ୍ ହଟାଇବାକୁ କହିଛନ୍ତି। ପ୍ରକାଶ ଯେ, ପାକିସ୍ତାନରେ ଫେବୃଆରୀ ୮ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ପାକିସ୍ତାନ ସରକାର ଦ୍ୱାରା ଅନେକ ସୋସିଆଲ ମିଡିଆ ପ୍ଲାଟଫର୍ମକୁ ବ୍ଲକ କରାଯାଇଥିଲା। ଭୋଟିଂ ଦିନ ପାକିସ୍ତାନରେ ପୁରା ଦିନ ଇଣ୍ଟରନେଟ୍ ସେବା ବନ୍ଦ ରହିଥିଲା। ନିର୍ବାଚନ ପରେ ଅନ୍ୟ ସୋସିଆଲ ମିଡିଆ ଆକାଉଣ୍ଟ ଖୋଲିଥିଲେ ହେଁ ବ୍ୟବହାରକାରୀ 'ଏକ୍ସ' ଆକାଉଣ୍ଟ ଖୋଲି ପାରୁ ନ ଥିଲେ।

## ନୀତିନ ଗଡକରୀଙ୍କ ପୁଅ କରିବେ ରାଜନୀତିରେ ଏଣ୍ଟ୍ରି !

ନୂଆଦିଲ୍ଲୀ : ପାଖେଇ ଆସିଲାଣି ଲୋକ ସଭା ନିର୍ବାଚନ। ନିର୍ବାଚନ ଯେତେ ପାଖେଇ ଆସୁଛି ସବୁ ଦଳ ପରସ୍ପରକୁ ଆରୋପ ପ୍ରତ୍ୟାରୋପରେ ସେତେ ପୋତି ପକାଉଛନ୍ତି। ଭାଜପା, ବିରୋଧୀ ଦଳଙ୍କୁ ପରିବାରବାଦ ଅଭିଯୋଗ ଲଗାଉଥିବାବେଳେ ଅନ୍ୟପଟେ ବିରୋଧି ଦଳ ମଧ୍ୟ ଭାଜପା ଉପରେ ପରିବାରବାଦ ଆରୋପ ଲଗାଉଛନ୍ତି। କଂଗ୍ରେସ ଓ ସମାଜବାଦୀ ପାର୍ଟି କହିବାନୁସାରେ, ଭାଜପାରେ ମଧ୍ୟ ବହୁ ପରିବାରବାଦର ଉଦାହରଣ ଦେଖିବାକୁ ମିଳୁଛି। ଯେପରି କି, ରାଜନାଥଙ୍କ ପୁଅ ପଙ୍କଜ ସିଂ ଓ କଲ୍ୟାଣ ସିଂଙ୍କ ପୁଅ ରାଜବୀର ସିଂଙ୍କ ସମେତ ବହୁ ନାମ ଉପରେ ବିରୋଧୀ ଭାଜପାକୁ ଟାର୍ଗେଟ କରୁଛନ୍ତି। ଏହାରି ଭିତରେ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ବଡ଼ ବୟାନ ସାମ୍ନାକୁ ଆସିଛି। ତାଙ୍କ ପୁଅଙ୍କ ରାଜନୀତିରେ ଏଣ୍ଟ୍ରିକୁ ନେଇ ସେ ସୂଚନା ଦେଇଛନ୍ତି। ନାଗପୁରରେ ଏକ ବିଶାଳ ଜନସଭାକୁ ସମ୍ବୋଧିତ କରି ଗଡକରୀ କହିଛନ୍ତି, ମୋ ପୁଅକୁ ଚାକିରି କେମିତି ମିଳିବ ଏନେଇ ମୁଁ କେବେ ବି ଚିନ୍ତା କରିନାହିଁ। ମୋ ପୁଅମାନେ ରାଜନୀତିରେ ନାହାନ୍ତି। ସେମାନଙ୍କୁ ମୁଁ କହିଛି, ମୋ ପୂଣ୍ୟକୁ ଉପଯୋଗ କରି ତୁମେ ରାଜନୀତିରେ ଓହ୍ଲାଅ ନାହିଁ। ଯଦି ରାଜନୀତିରେ ଯିବାକୁ ଚାହୁଁଛ ତେବେ 'ପୋଷ୍ଟର ଲଗାଅ, କାନ୍ଥବାଡରେ ରଙ୍ଗ କର, ଲୋକଙ୍କ ପାଖକୁ ଯାଅ'। ମୁଁ ଆଜିଯାଏଁ କରିଥିବା କାମ ଉପରେ ଯଦି କାହାର ଅଧିକାର ଅଛି ତେବେ ତାହା ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାଙ୍କର। ନାଗପୁର ମୋର ପରିବାର ଅଟେ। ଆଉ ଆପଣମାନେ ସବୁ ମୋର, ମୁଁ ଆପଣଙ୍କର ଅଟେ ବୋଲି ଗଡକରୀ କହିଛନ୍ତି।

## ଇନ୍ଦୋର ବାଣ କାରଖାନାରେ ବିସ୍ଫୋରଣ

ମଧ୍ୟପ୍ରଦେଶ: ଇନ୍ଦୋରରେ ଥିବା ଏକ ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ୫ଜଣ ଶ୍ରମିକ ପୋଡି ହୋଇ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଇନ୍ଦୋରର ଚୋଇଥରାମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତମାନଙ୍କ ମଧ୍ୟରେ ଜଣେ ଶ୍ରମିକ ଇନ୍ଦୋରର ହୋଇଥିବା ବେଳେ ଅନ୍ୟ ୪ଜଣ ମହାରାଷ୍ଟ୍ର ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ମହୁ ଅଞ୍ଚଳର ଅମ୍ବାଚନ୍ଦନ ଗାଁଠାରୁ ୫କି.ମି ଦୂର ଏହି ବାଣ କାରଖାନାରେ ସୁତୁଲି ବୋମା ତିଆରି ଚାଲିଥିଲା। ଏହି ସମୟରେ ହଠାତ ବିସ୍ଫୋରଣ ହେବାରୁ ୫ଜଣ ଶ୍ରମିକ ପୋଡି ହୋଇ ଗୁରୁତର ହୋଇଥିଲେ। ହସ୍ପିଟାଲରେ ସେମାନଙ୍କ ଚିକିତ୍ସା ଚାଲିଥିବା କହିଛନ୍ତି ଡିଏସପି ଉମାକାନ୍ତ ଚୌଧୁରୀ। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଓ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ଭାରତ-ଦୁବାଇ ମଧ୍ୟରେ ୨୮ ବିମାନ ବାତିଲ୍

ନୂଆଦିଲ୍ଲୀ: ପ୍ରବଳ ବର୍ଷା ଓ ଝଡ଼ ତୋଫାନ ଯୋଗୁଁ ବ୍ୟାପକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ବେହାଲ ହୋଇପଡ଼ିଛି ଦୁବାଇ। ରେକର୍ଡ ବୃଷ୍ଟିପାତ ଯୋଗୁ ବିମାନ ଉଡ଼ାଣରେ ବିଳମ୍ବ ଏବଂ ଗତିପଥ ପରିବର୍ତ୍ତନ ହେବାସହ କାରଗୁଡିକ ରାସ୍ତାରେ ଭାସୁଥିବା ଦେଖିବାକୁ ମିଳିଛି। ଅତି ଆବଶ୍ୟକ ନଥିଲେ ଦୁବାଇ ବିମାନବନ୍ଦରକୁ ନ ଆସିବାକୁ ଯାତ୍ରୀମାନଙ୍କୁ ଚେତାବନୀ ଦିଆଯାଇଛି। ଏନେଇ ଦୁବାଇ ବିମାନବନ୍ଦର ମୁଖପାତ୍ର କହିଛନ୍ତି, ''ଲଗାତର ଭାବେ ବିମାନଗୁଡ଼ିକ ବିଳମ୍ବ ଏବଂ ଗତିପଥ ପରିବର୍ତ୍ତନ ହେଉଛି। ଅତ୍ୟନ୍ତ ଆହ୍ୱାନମୂଳକ ପରିସ୍ଥିତିରେ ଯଥାଶୀଘ୍ର ଅପରେସନ୍ ସ୍ୱାଭାବିକ କରିବା ପାଇଁ ଆମେ କଠିନ ପରିଶ୍ରମ କରୁଛୁ।" ଉଭୟ ଦୁବାଇ ଅଭିମୁଖେ ଆସିବାକୁ ଥିବା ଏବଂ ଦୁବାଇରୁ ଉଡ଼ାଣ ଭରିବାକୁ ଥିବା ୫୦୦ରୁ ଊର୍ଦ୍ଧ୍ୱ ବିମାନ ବାତିଲ, ଗତିପତ ପରିବର୍ତ୍ତନ କିମ୍ବା ବିଳମ୍ବ ହୋଇଛି। ଭାରତୀୟ ବିମାନ ଚଳାଚଳ କର୍ତ୍ତୃପକ୍ଷ ଦୁବାଇ ଅଭିମୁଖେ ଯାଉଥିବା ପ୍ରାୟ ୧୫ଟି ବିମାନକୁ ବାତିଲ କରିଥିବାବେଳେ ଭାରତକୁ ଆସିବାକୁ ଥିବା ୧୩ଟି ବିମାନ ବାତିଲ କରାଯାଇଛି ।ଦୁବାଇର ଫ୍ଲାଗସିପ୍ ଏମିରେଟ୍ସ ଏୟାରଲାଇନ୍ସ କହିଛି ଯେ, ''ଦୁବାଇରେ ଖରାପ ପାଗ ଯୋଗୁ ଯାତ୍ରା ବିଶୃଙ୍ଖଳା ସୃଷ୍ଟି ହୋଇଥିବାରୁ ଯାତ୍ରୀମାନଙ୍କ ପାଇଁ ସମସ୍ତ ଚେକ୍ ଇନ୍ ବନ୍ଦ କରାଯାଇଛି। ସମସ୍ତ ନିର୍ଦ୍ଧାରିତ କାର୍ଯ୍ୟକୁ ସ୍ୱାଭାବିକ କରିବା ପାଇଁ ଏମିରେଟ୍ସ କଠିନ ପରିଶ୍ରମ କରୁଛି ଏବଂ ପ୍ରଭାବିତ ଯାତ୍ରୀମାନଙ୍କୁ ଆମ ଦଳ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରିବ।''

## ଭାରତର ଜନସଂଖ୍ୟା ୧୪୪ କୋଟି ହେବ ବୋଲି ଆକଳନ କରାଯାଇଛି: ମିଳିତ ଜାତିସଂଘ




ନୂଆଦିଲ୍ଲୀ: ମିଳିତ ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ ଭାରତର ଜନସଂଖ୍ୟା ୧୪୪ କୋଟିରେ ପହଞ୍ଚିଛି ଏବଂ ୨୪ ପ୍ରତିଶତ ୦-୧୪ ବର୍ଷ ବୟସ ବର୍ଗର ବୋଲି ଆକଳନ କରାଯାଇଛି। ଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍‌ଏଫ୍‌ପିଏ)ର ଷ୍ଟେଟ୍ ଅଫ୍ ୱାର୍ଲ୍ଡ ପପୁଲେସନ୍- ୨୦୨୪ ରିପୋର୍ଟ 'ପରସ୍ପର ସହ ଜଡ଼ିତ ଜୀବନ, ଆଶାର ସୂତ୍ର: ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ଓ ଅଧିକାରରେ ଅସମାନତା ଦୂର' ରିପୋର୍ଟରୁ ଜଣାପଡ଼ିଛି ଯେ ୭୭ ବର୍ଷ ମଧ୍ୟରେ ଭାରତର ଜନସଂଖ୍ୟା ଦୁଇଗୁଣ ହେବ ବୋଲି ଆକଳନ କରାଯାଇଛି। ୧୪୪.୧୭ କୋଟି ଜନସଂଖ୍ୟା ସହ ଭାରତ ବିଶ୍ୱସ୍ତରରେ ଶୀର୍ଷରେ ଥିବା ବେଳେ ଚୀନ୍ ୧୪୨.୫ କୋଟି ଜନସଂଖ୍ୟା ସହ ଦ୍ୱିତୀୟ ସ୍ଥାନରେ ରହିଛି। ଗତ ୨୦୧୧ ଜନଗଣନାରେ ଭାରତର ଜନସଂଖ୍ୟା ୧୨୧ କୋଟି ରେକର୍ଡ କରାଯାଇଥିଲା। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ଭାରତର ଆନୁମାନିକ ୨୪ ପ୍ରତିଶତ ଲୋକ ୦-୧୪ ବର୍ଷ ବୟସର ହୋଇଥିବା ବେଳେ ୧୭ ପ୍ରତିଶତ ୧୦-୧୯ ବର୍ଷ ବୟସ ମଧ୍ୟରେ ଅଛନ୍ତି। ୧୦ରୁ ୨୪ ବର୍ଷ ବୟସର ଏହି ବର୍ଗରେ ୨୬ ପ୍ରତିଶତ ଥିବା ବେଳେ ୧୫ରୁ ୬୪ ବର୍ଷ ବୟସ ବର୍ଗର ସଂଖ୍ୟା ୬୮ ପ୍ରତିଶତ ବୋଲି ଆକଳନ କରାଯାଇଛି। ଏହାବ୍ୟତୀତ ଭାରତର ଜନସଂଖ୍ୟାର ୭ ପ୍ରତିଶତ ଲୋକ ୬୫ ବର୍ଷରୁ ଅଧିକ ବୟସ୍କ ହୋଇଥିବା ବେଳେ ପୁରୁଷଙ୍କ ଆୟୁଷ ୭୧ ବର୍ଷ ଏବଂ ମହିଳାଙ୍କ ଆୟୁଷ ୭୪ ବର୍ଷ। ରିପୋର୍ଟରେ ଦର୍ଶାଯାଇଛି ଯେ ଯୌନ ଏବଂ ପ୍ରଜନନ ସ୍ୱାସ୍ଥ୍ୟ କ୍ଷେତ୍ରରେ ୩୦ ବର୍ଷର ଅଗ୍ରଗତି ଅଧିକାଂଶ ସମୟରେ ବିଶ୍ୱର ସବୁଠାରୁ ଅବହେଳିତ ସମ୍ପ୍ରଦାୟକୁ ଅଣଦେଖା କରିଛି। ରିପୋର୍ଟ ଅନୁଯାୟୀ, ୨୦୦୬-୨୩ ମଧ୍ୟରେ ଭାରତରେ ବାଲ୍ୟ ବିବାହ ହାର ୨୩ ଥିଲା। ରିପୋର୍ଟରେ ଦର୍ଶାଯାଇଛି, ଭାରତରେ ମାତୃ ମୃତ୍ୟୁ ଯଥେଷ୍ଟ ହ୍ରାସ ପାଇଛି, ଯାହା ସମଗ୍ର ବିଶ୍ୱରେ ହୋଇଥିବା ମୋଟ ମୃତ୍ୟୁର ୮ ପ୍ରତିଶତ ଅଟେ। ସୁଲଭ, ଗୁଣାତ୍ମକ ମାତୃ ସ୍ୱାସ୍ଥ୍ୟ ସେବାର ଉନ୍ନତ ଉପଲବ୍ଧତା ଏବଂ ସ୍ୱାସ୍ଥ୍ୟ ଫଳାଫଳ ଉପରେ ଲିଙ୍ଗଗତ ଭେଦଭାବର ପ୍ରଭାବକୁ ଦୂର କରିବା ପାଇଁ ପ୍ରୟାସ ଯୋଗୁଁ ଭାରତର ସଫଳତାକୁ ଦାୟୀ କରାଯାଇଛି ବୋଲି ରିପୋର୍ଟରେ କୁହାଯାଇଛି। ତେବେ ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତରେ ମାତୃ ମୃତ୍ୟୁ ଆଶଙ୍କାରେ ନାଟକୀୟ ଅସମାନତା ଦେଖିବାକୁ ମିଳୁଛି। ପିଏ-ଲଓଏସ ଗ୍ଲୋବାଲ ପବ୍ଲିକ ହେଲ୍ଥ ଦ୍ୱାରା ଭାରତରେ ଜିଲ୍ଲାସ୍ତରୀୟ ମାତୃ ମୃତ୍ୟୁ ହାରର ଆକଳନ ଏବଂ ସମ୍ପର୍କ ଶୀର୍ଷକ ଏକ ରିପୋର୍ଟକୁ ଉଦ୍ଧୃତ କରି ୟୁଏନ୍‌ଏଫ୍‌ପିଏ କହିଛି ଯେ ଭାରତର ୬୪୦ ଟି ଜିଲ୍ଲା ଉପରେ ନିକଟରେ ହୋଇଥିବା ଗବେଷଣାରୁ ଜଣାପଡିଛି ଯେ ମାତୃ ମୃତ୍ୟୁ ହାର ପ୍ରତି ୧୦୦,୦୦୦ ଜନ୍ମରେ ୭୦ରୁ କମ୍ କରିବାର ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିଥିବା ବେଳେ ୧୧୪ଟି ଜିଲ୍ଲାରେ ଏବେ ବି ଅନୁପାତ ୨୧୦ କିମ୍ବା ତା'ଠାରୁ ଅଧିକ ରହିଛି।

# ଲୋକପ୍ରିୟତା ହ୍ରାସ ପାଉଥିବାରୁ ମୁଖ୍ୟମନ୍ତ୍ରୀ ଅନ୍ୟ ସ୍ଥାନର ଆଶ୍ରୟ ନେଇଛନ୍ତି : ସମୀର ମହାନ୍ତି

ଭୁବନେଶ୍ୱର: ଏକାଧିକ ସ୍ଥାନରୁ ପ୍ରାର୍ଥୀ ହେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କର ସ୍ୱାଧୀନତା ରହିଛି । କିନ୍ତୁ ଭୋଟ ପାଇ ନିର୍ବାଚିତ ହେବା ପରେ ନବୀନ ବାବୁ ସେ ଆସନକୁ ପରିତ୍ୟାଗ କରିଛନ୍ତି । ହିଂଜିଳିବାସୀଙ୍କୁ ମଧ୍ୟ ପ୍ରତାରଣା କରିଥିବା ମୁଖ୍ୟମନ୍ତ୍ରୀ ନବୀନ ବାବୁ ବାସ୍ତବରେ ଆତ୍ମବିଶ୍ୱାସ ହରାଇଛନ୍ତି । ଗୋଟିଏ ଆସନରୁ ଲଢି ନିଜ ଲୋକପ୍ରିୟତାକୁ ସ୍ପଷ୍ଟ କରୁନାହାନ୍ତି କାହିଁକି ? ନିଜ ଲୋକପ୍ରିୟତା ହ୍ରାସ ପାଉଥିବାର ଦେଖି ମୁଖ୍ୟମନ୍ତ୍ରୀ ନବୀନ ବାବୁ ଅନ୍ୟ ସ୍ଥାନର ଆଶ୍ରୟ ନେଇଛନ୍ତି । ବିଜେପୁର ସମେତ ବାଲେଶ୍ୱର, ପିପିଲି, ଧାମନଗର, ପଦ୍ମପୁର ଉପନିର୍ବାଚନରେ "ମୁଁ ଦାୟିତ୍ୱ" ନେଉଛି କହି ପରବର୍ତ୍ତୀ ସମୟରେ କେବଳ ଧୋକା ଦେଇଛନ୍ତି । "ଓଡ଼ିଶାରେ ବିଜେପିର ଡବଲ ଇଞ୍ଜିନ ସରକାର" ଗଠନ ହେବା ସୁନିଶ୍ଚିତ ବୋଲି ବିଜେପି ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ଥରେ ନୁହେଁ, ପଶ୍ଚିମ ଓଡିଶାବାସୀଙ୍କୁ ବାରମ୍ବାର ଧୋକା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ହାଇକୋର୍ଟ ସ୍ପେଶିଆଲ ବେଂଚ ପ୍ରତିଷ୍ଠାଠାରୁ ଆରମ୍ଭ କରି ନୂତନ ଜିଲ୍ଲା ଘୋଷଣା, କଟନୀ ଛଟନୀ ଓ ଧାନର ଅଭାବୀ ବିକ୍ରୀ, ଧାନ କ୍ୱିଂଟାଲ ପ୍ରତି ୧୦୦ଟଙ୍କା ବୋନସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଆବଂଟନ, ବରଗଡଠାରେ ସିମେଂଟ ଓ ଚିନି କାରଖାନା ବନ୍ଦ ହେବା ଆଦି ପ୍ରସଙ୍ଗ ପାଇଁ ମୁଖ୍ୟମନ୍ତ୍ରୀ ଏବଂ ଶାସକ ବିଜେଡି ସଂପୂର୍ଣ୍ଣ ଦାୟୀ । ଏପରିକି ବିଜେପୁରରୁ ବିଧାୟକ ଭାବେ ମଧ୍ୟ ନିର୍ବାଚିତ କରାଇ ବିଧାନସଭାକୁ ପଠାଇଥିଲେ । ନିର୍ବାଚନ ଫଳାଫଳ ପରେ ସେହି ଆସନକୁ ଛାଡିଦେଇଥିଲେ । ନବୀନ ବାବୁଙ୍କ ଭେଲିକି ଓ ଚକ୍ରାନ୍ତକୁ ଓଡିଶାବାସୀ ହୃଦୟଙ୍ଗମ କରିସାରିଲେଣି । ଓଡିଶାବାସୀ ସବୁ ଦେଖୁଛନ୍ତି ଏବଂ ସଠିକ ସମୟରେ ଉଚିତ୍ ଜବାବ୍ ଦେବେ ବୋଲି ବିଜେପି ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।

# ସିଲ୍ ହେଲା ଓଡିଶା ଛତିଶଗଡ଼ ସୀମା

ଭୁବନେଶ୍ୱର- ଛତିଶଗଡରେ ମାଓ ଅପରେସନ ପରେ ଓଡିଶା-ଛତିଶଗଡ ସୀମାନ୍ତ ସିଲ୍ କରାଯାଇଛି । ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ନୂଆପଡା ସୀମା ସିଲ କରାଯାଇଛି । ସୀମାକୁ ସଂଯୋଗ କରୁଥିବା ରାସ୍ତା ଗୁଡିକ ମଧ୍ୟ ସିଲ କରାଯାଇଛି । ମାଓବାଦୀଙ୍କ ସମ୍ଭାବ୍ୟ କ୍ୟାମ୍ପ ଉପରେ ନଜର ରହିବା ସହ ଚାଲିଛି ସର୍ଚ୍ଚ ଅପରେସନ । ଏହାକୁ ଲକ୍ଷ୍ୟ ରଖି ଓଡ଼ିଶା ସହ ଛତିଶଗଡ ପୋଲିସର ଗୁଇନ୍ଦା ତଥ୍ୟ ଆଦାନ ପ୍ରଦାନ ଚାଲିଛି । ଛତିଶଗଡ ମାଓବାଦୀ ଓଡ଼ିଶା ଆସିବାର ସମ୍ଭାବନା ରହିଛି । ଓଡ଼ିଶା ପୋଲିସ, ସିଆରପିଏଫ, ବିଏସଏଫ, ଏସଓଜି, ଡିଭିଏଫ ପ୍ରସ୍ତୁତ ଅଛନ୍ତି ।

# ସମ୍ବଲପୁରକୁ କୃଷି ଆଧାରିତ ଅର୍ଥନୀତି କରିବା ପାଇଁ ହେବ ବ୍ୟାପକ ଯୋଜନା -ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର: ସମ୍ବଲପୁରରେ କୃଷି ଆଧାରିତ ଅର୍ଥନୀତି ପାଇଁ ବ୍ୟାପକ ଯୋଜନା କରାଯିବ । ବିଶେଷ ଭାବରେ ଦେଶ ଦୁନିଆର ଆବଶ୍ୟକତାକୁ ଦୃଷ୍ଟିରେ ରଖି କୃଷି କ୍ଷେତ୍ରରେ ଏକ ବଡ ଯୋଜନା କରାଯିବ ବୋଲି ବୁଧବାର ସମ୍ବଲପୁରର ଠେମରା ଠାରେ ଶ୍ରୀ ରାମଚଣ୍ଡୀ ଦେବୀ ସେବା ସଂଗଠନ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଚାଷୀ ମାନଙ୍କ କଲ୍ୟାଣ ପାଇ ମୋଦୀ ସରକାର ନେଇଥିବା ବିବିଧ ପଦକ୍ଷେପ ଗୁଡିକ ଉପରେ ଆଲୋକପାତ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଚାଷ ଏବଂ ଚାଷୀ ଭାଇ ଭଉଣୀମାନେ ଆମ ଦେଶ ଅର୍ଥନୀତିର ମେରୁଦଣ୍ଡ ।

ଚାଷୀ ଆତ୍ମନିର୍ଭର ହେଲେ ଆମ ଦେଶ ଆତ୍ମନିର୍ଭର ହେବ । ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ସରକାରରେ ଚାଷୀ, ଗରିବ, ମହିଳା ଓ ଯୁବକ ପ୍ରାଥମିକତାରେ ଅଛନ୍ତି । ଭାରତବର୍ଷରେ ଚଉମୁଖୀ ବିକାଶର ଯୋଜନା ମୋଦୀଙ୍କ ନେତୃତ୍ୱରେ ସମ୍ଭବ ହୋଇପାରିଛି । 'ମୋଦୀ ଗ୍ୟାରେଣ୍ଟି'ରେ ପିଏମ କିଷାନ ସମ୍ମାନ ନିଧି ଯୋଜନାରେ ଚାଷୀଙ୍କୁ ଆର୍ଥିକ ସହାୟତା, ଧାନର ଏମସଏପି ବୃଦ୍ଧି ଭଳି ଅନେକ କଲ୍ୟାଣକାରୀ ପଦକ୍ଷେପ ଚାଷୀଙ୍କୁ ସଶକ୍ତ କରିଛି । କୃଷକଙ୍କ ପାଇଁ ଧାନର ଏମଏସପି ୨୧୮୩ ଟଙ୍କା ବୃଦ୍ଧି ହୋଇଥିବା ବେଳେ ଡବଲ ଇଞ୍ଜିନ ସରକାର ହେଲେ କ୍ୱିଣ୍ଟାଲ ପିଛା ଧାନର ଏମଏସପି ୩୧୦୦ ଟଙ୍କା କରାଯିବ । ସେହିପରି ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିଲେ ବିପିଏଲ ବର୍ଗରେ ଥିବା ମହିଳାମାନଙ୍କୁ ମାସିକ ୧୦୦୦ ଟଙ୍କା ହିସାବରେ ବର୍ଷକୁ ୧୨ ହଜାର ଟଙ୍କା ଦିଆଯିବ । କୌଣସି ଗରିବ ପରିବାର ପିଏମ୍ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ହେବେ ନାହିଁ ବୋଲି କହିଛନ୍ତି । ଠେମରାକୁ ସମ୍ବଲପୁର ମହାନଗର ନିଗମରେ ସାମିଲ କରାଯାଇଛି । କିନ୍ତୁ ମହାନଗର ନିଗମ କାମ ଅଧପନ୍ତରିଆ ଭାବେ ପଡ଼ିରହିଥିବାରୁ ଠେମରାର ବିକାଶ ହୋଇପାରିନି । ମହାନଗରର ନିଗମ ସ୍ଥାନୀୟ ଅଞ୍ଚଳର କିଛି ବିକାଶ କରୁନଥିବା ବେଳେ ପଞ୍ଚାୟତ ସ୍ତରରୁ ମଧ୍ୟ ସହଯୋଗ ଦିଆଯାଇପାରୁନି । ମୋଦୀ ସରକାର ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ବିଗତ ୫ ବର୍ଷରେ ୧୦ ହଜାରରୁ ଉର୍ଦ୍ଧ୍ୱ କୋଟି ଟଙ୍କା ଓଡ଼ିଶାକୁ ପଠାଇଥିଲେ ମଧ୍ୟ ଏହି ଅଞ୍ଚଳକୁ ପାଣି ମିଳୁନାହିଁ । ମହାନଗର ନିଗମରେ ସାମିଲ ହେବା ପରେ ମଧ୍ୟ ପାଣି ନ ମିଳିବା ବିଡ଼ମ୍ବନାର ବିଷୟ । ଏହି ଅଞ୍ଚଳର ବିକାଶକୁ ପ୍ରାଥମିକତା ଦିଆଯାଇ ଏକ ଗ୍ରାମ୍ୟ ଆଧାରିତ ସହରାଞ୍ଚଳ କରାଯିବ ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଏଠାରେ ପିଲାମାନଙ୍କ ମଧ୍ୟରେ ବୁଦ୍ଧିମତ୍ତା କୌଣସି ଗୁଣରେ କମ ନାହିଁ । ସେମାନଙ୍କ ପାଖରେ ଭରପୁର ପ୍ରତିଭା ରହିଛି । କିନ୍ତୁ ସେମାନଙ୍କ ପାଖରେ ସୁଯୋଗ ପହଞ୍ଚିପାରୁନାହିଁ । ଅବସରର ଅଭାବ ରହୁଛି ବୋଲି କହିବା ସହ ରାଜ୍ୟରେ ଡବଲ ଇଞ୍ଜିନ ସରକାର କରିବା ପାଇଁ ସମବେତ ନାଗରିକଙ୍କୁ ନିବେଦନ କରିଥିଲେ ।

# ଏମ୍ସ ଭୁବନେଶ୍ୱରରେ ଉନ୍ନତ କୃତ୍ରିମ ମୂତ୍ର ସ୍ପିନ୍ଟର ପ୍ରତିରୋପଣ ସେବା ଆରମ୍ଭ

ଭୁବନେଶ୍ୱର: ଗୁଣବତ୍ତାସମ୍ପନ୍ନ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରର ଖ୍ୟାତି ଅର୍ଜନ କରିଥିବା ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏମ୍ସ ଭୁବନେଶ୍ୱର ଏହାର ସଫଳତାରେ ଯୋଡ଼ିଛି ଆଉ ଏକ ଫର୍ଦ୍ଦ । ରାଜ୍ୟରେ ପ୍ରଥମକରି ଜଣେ ବ୍ୟକ୍ତିଙ୍କ ଶରୀରରେ କୃତ୍ରିମ ମୂତ୍ର ସ୍ପିନ୍ଟର୍ସ (ଏୟୁଏସ) ପ୍ରତିରୋପଣ କରାଯାଇଛି । ଏମ୍ସ ଭୁବନେଶ୍ୱର ୟୁରୋଲୋଜି ବିଭାଗ ଦ୍ୱାରା କରାଯାଇଥିବା ଏହି ଅତ୍ୟାଧୁନିକ ପ୍ରତିରୋପଣ ଓଡ଼ିଶାରେ ପ୍ରଥମ ହେବାର ଗୌରବ ଲାଭ କରିଛି । ଏକ ସୁଦକ୍ଷ ଡ଼ାକ୍ତରୀ ଦଳ ଏହି ବିଶେଷ ପ୍ରତିରୋପଣ ପ୍ରକ୍ରିୟା ସମ୍ପାଦନ କରିଥିଲେ । ଏହି ଅଭିନବ ସେବା ଗୁରୁତର ମୂତ୍ର ରୋଗରେ ପୀଡିତ ରୋଗୀଙ୍କ ପାଇଁ ନୂତନ ଆଶା ଏବଂ ଉନ୍ନତ ମାନର ଜୀବନ ପ୍ରଦାନ କରିବାରେ ସହାୟକ ହେବ । ପୂର୍ବରୁ ଏହି ପ୍ରତିରୋପଣ କେବଳ ଦେଶର ହାତଗଣତି କିଛି ବଡ଼ ସହରରେ ଉପଲବ୍ଧ ଥିଲା । ବର୍ତ୍ତମାନ ଏହା ଏମ୍ସ ଭୁବନେଶ୍ୱରରେ ଉପଲବ୍ଧ ହୋଇପାରିଛି । କୃତ୍ରିମ ୟୁରିନାରୀ ସ୍ପିଙ୍କ୍ଟର ପ୍ରତିରୋପଣ ପ୍ରଣାଳୀ ମୂତ୍ର ରୋଗୀଙ୍କ ପାଇଁ ସର୍ବୋଚ୍ଚ (ସ୍ୱର୍ଣ୍ଣ ମାନକ) ଚିକିତ୍ସା ଭାବରେ ସ୍ୱୀକୃତିପ୍ରାପ୍ତ ଯାହା ପାରମ୍ପାରିକ ଚିକିତ୍ସା ପଦ୍ଧତିର ବିରୁଦ୍ଧାଚରଣ କରେନାହିଁ । ପ୍ରୋଷ୍ଟେଟ ସର୍ଜରୀ, ମେରୁଦଣ୍ଡରେ ଆଘାତ କିମ୍ବା ମୂତ୍ର ନିୟନ୍ତ୍ରଣକୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ ବିଭିନ୍ନ କାରଣରୁ ଅଧିକାଂଶ ବ୍ୟକ୍ତି ପରିସ୍ରା ଉପରେ ନିୟନ୍ତ୍ରଣ ହରାଇଥାନ୍ତି । ଯାହାକି ସେମାନଙ୍କ ଦୈନନ୍ଦିନ ଜୀବନ ପ୍ରକ୍ରିୟାକୁ ବେଶ ପ୍ରଭାବିତ କରିଥାଏ । କୃତ୍ରିମ ୟୁରିନାରୀ ସ୍ପିଙ୍କ୍ଟର ହେଉଛି ଏପରି ଏକ ଅତ୍ୟାଧୁନିକ ଉପକରଣ ଯାହାକି ମୂତ୍ରବାହିନୀରେ ନିୟନ୍ତ୍ରକ ଭାବେ କାର୍ଯ୍ୟ କରିଥାଏ । ଯାହାକି ଅନିୟନ୍ତ୍ରିତ ପରିସ୍ରାରୁ ମୁକ୍ତି ଦେବା ସହିତ ସାଧାରଣ ଜୀବନଯାପନ ପ୍ରକ୍ରିୟାକୁ ସ୍ୱାଭାବିକ କରିଥାଏ । ଅସ୍ୱାଭାବିକ ମୂତ୍ର ଅସନ୍ତୋଷ ଅନୁଭବ କରୁଥିବା ରୋଗୀଙ୍କ ପାଇଁ ଏହି ସେବା ବିଶେଷ ଭାବରେ ପ୍ରସ୍ତୁତ ହୋଇଛି ଯାହାକି ଅତ୍ୟନ୍ତ ପ୍ରଭାବଶାଳୀ ଓ ଫଳପ୍ରଦ । ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ . ଆଶୁତୋଷ ବିଶ୍ୱାସ ଏହି ଅତ୍ୟାଧୁନିକ ଆର୍ଟିଫିସିଆଲ୍ ୟୁରିନାରୀ ସ୍ପିନ୍ଟର ପ୍ରତିରୋପଣ ସେବା ଆରମ୍ଭରେ ଖୁସି ବ୍ୟକ୍ତ କରିବା ସହିତ ବିଶେଷଜ୍ଞ ଡାକ୍ତରୀ ଦଳ ଏବଂ ୟୁରୋଲୋଜୀ ବିଭାଗକୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି । ରାଜ୍ୟ ତଥା ପୂର୍ବ ଭାରତର ଲୋକମାନେ ଏହି ସେବା ପାଇପାରିବେ, ଯେଉଁଥିପାଇଁ ସେମାନଙ୍କୁ ପୂର୍ବରୁ ଅନ୍ୟ ରାଜ୍ୟକୁ ଯିବାକୁ ପଡୁଥିଲାବୋଲି ଡ. ବିଶ୍ୱାସ ପ୍ରକାଶ କରିଛନ୍ତି । ଏମ୍ସ ଭୁବନେଶ୍ୱରରେ ଏହି ପ୍ରତିରୋପଣ କାର୍ଯ୍ୟକ୍ରମ ଦକ୍ଷ, ଅତ୍ୟାଧୁନିକ ଜ୍ଞାନକୌଶଳରେ ଧୂରିଣ ୟୁରୋଲୋଜିଷ୍ଟ ଏବଂ କୁଶଳୀ ସର୍ଜନଙ୍କ ଏକ ଦଳ ଦ୍ୱାରା ପରିଚାଳିତ ହେବ । ଏମ୍ସ ଭୁବନେଶ୍ୱରରେ ଆଣ୍ଡ୍ରୋଲୋଜି ଚିକିତ୍ସା ଯୋଗାଉଥିବା ୟୁରୋଲୋଜି ବିଭାଗର ସହକାରୀ ପ୍ରଫେସର ଡ. ସମ୍ବିତ ତ୍ରିପାଠୀଙ୍କ ମତରେ ଏହି ପ୍ରତିରୋପଣ ସେବା ଆରମ୍ଭ କରିବା ବ୍ୟାପକ ତଥା ଉନ୍ନତ ଚିକିତ୍ସା ଚିକିତ୍ସା ପ୍ରଦାନ ପାଇଁ ଆମର ପ୍ରତିବଦ୍ଧତାର ଏକ ପ୍ରମୁଖ ପରିଚୟ ଅଟେ ।

# ବିଜେପିରେ ଯୋଗ ଦେଲେ ବିଜେଡିର କାର୍ଯ୍ୟକାରିଣୀ ସଦସ୍ୟ ପ୍ରହଲ୍ଲାଦ ତ୍ରିପାଠୀ

ଭୁବନେଶ୍ୱର: ବିଜେଡିର ପ୍ରତିଷ୍ଠାତା ସଦସ୍ୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ନବରଙ୍ଗପୁର ଜିଲ୍ଲାର ପୂର୍ବତନ ସଭାପତି ଏବଂ ସୁସଂଗଠକ ପ୍ରହଲ୍ଲାଦ ତ୍ରିପାଠୀ(ଅର୍ଜୁନ) ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି । ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ବ୍ୟକ୍ତିକେନ୍ଦ୍ରୀକ ରାଜନୈତିକ ଦଳ ପାଲଟିଛି ବିଜେଡି । ଅନ୍ୟ ପଟେ ବିଜେପିର ରାଷ୍ଟ୍ରବାଦୀ ବିଚାରଧାରାରେ ପ୍ରଭାବିତ ହୋଇଛି । ମୋଦି ଗ୍ୟାରେଂଟିରୁ ବଂଚିତ ରଖାଯାଉଥିବା ଓଡିଶାବାସୀ ଓ ବିଶେଷ ଭାବେ ନବରଙ୍ଗପୁର ଜିଲ୍ଲାବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ବିଜେପିରେ ଯୋଗ ଦେଇଛି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି । ସେହିପରି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ପୂର୍ବତନ ସରପଂଚ ତଥା ଯୁବ କଂଗ୍ରେସ ଉପସଭାପତି ଇନ୍ଦ୍ରଜିତ୍ ଦାସ ନିଜ ଶତାଧିକ ସମର୍ଥକଙ୍କ ସହ ବିଜେପିରେ ଯୋଗ ଦେଇଛନ୍ତି । ଶ୍ରୀ ଦାସଙ୍କ ସମେତ ଚନ୍ଦ୍ରଶେଖର ମହାନ୍ତି, ଚିତରଞ୍ଜନ ଦାସ, ଶୁଭମ ସାମଲ, ଜ୍ଞାନରଞ୍ଜନ ବେହେରା, ସୁଶାନ୍ତ ଜେନା, ଇନ୍ଦ୍ରଜୀତ୍ ବେହେରା, ସଞ୍ଜୟ ରାଉଳ, ରଞ୍ଜିତ ବେହେରା, ହିମାଂଶୁ ଖଟୁଆ, ବିନାୟକ ଓଝା, ଅକ୍ଷୟ କୁମାର ମାଝୀ, କଂଗେସ କର୍ମୀ ଗୋବିନାଥ ବେହେରା, ଶ୍ରୀକାନ୍ତ ବେହେରା, ପବିତ୍ର ମାଝୀ, ସୌମ୍ୟରଞ୍ଜନ ପାଣିଗ୍ରାହୀ, ପ୍ରଦୀପ କୁମାର ପାତ୍ର, ପବିତ୍ର ପାବନ ଦାସ, ସୁବାଷ ଚନ୍ଦ୍ର ବେହେରା, ପ୍ରଶାନ୍ତ କୁମାର ଶତପଥୀ, ସୁଧାଂଶୁ କୁମାର ସାମଲ, ବିକ୍ରମ ମଲ୍ଲିକ, ସିଦ୍ଧାର୍ଥ ଶଙ୍କର ସାମଲ ଉପସ୍ଥିତ ଥିଲେ ।

# ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲା ବିଜେପି ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର:ରାଜ୍ୟ ସରକାରଙ୍କର ମିଶନ ଶକ୍ତିର ବରିଷ୍ଠ ଦୁଇ ଅଧିକାରୀ ଅମ୍ବିକା ଦାସ ଓ ବିନୋଦ ଜେନା ପ୍ରତ୍ୟକ୍ଷଭାବେ ସରକାରୀ ଅର୍ଥରେ ମିଶନଶକ୍ତିର ସଦସ୍ୟାମାନଙ୍କ ମାଧ୍ୟମରେ ଶାସକ ଦଳର ରାଜନୈତିକ କାର୍ଯ୍ୟକୁ ପରିଚାଳନା କରୁଛନ୍ତି । ମିଶନ ଶକ୍ତିର ସରକାରୀ ଅଧିକାରୀ ଅମ୍ବିକା ଦାସ ଓ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ମିଳିତ ଉଦ୍ୟମରେ ଏକ ହ୍ୱାଟ୍ସପ୍ ଗ୍ରୁପ କରାଯାଇଛି । ଯେଉଁଥିରେ ଏମ୍‌ବିକେ, ବ୍ୟାଙ୍କ ମିତ୍ରକୁ ସାମିଲ କରି ସରକାରୀ ଅର୍ଥରେ ପ୍ରଚାର କାର୍ଯ୍ୟରେ ଲଗାଯାଉଛି । ଏସମସ୍ତ କଥାର ମୁଖ୍ୟ ଆଇଏଏସ୍ ଅଫିସର ତଥା ମିଶନଶକ୍ତି ମୁଖ୍ୟ ସୁଜାତା ପାଣ୍ଡିଆନଙ୍କ ନେତୃତ୍ୱରେ କରାଯାଉଛି ।ସେହିପରି ବିଭିନ୍ନ ସମୟରେ ବିଜେଡିର ସମାବେଶରେ ଲୋକ ପଠାଇବା ପାଇଁ ସହଯୋଗ କରୁଛନ୍ତି । ଦୀର୍ଘ ୩ବର୍ଷରୁ ଉର୍ଦ୍ଧ୍ୱ ସମୟ ଗୋଟିଏ ସ୍ଥାନରେ ରହି ଶାସକ ଦଳର ସମସ୍ତ କାର୍ଯ୍ୟକୁ ପରିଚାଳନା କରୁଛନ୍ତି, ଯାହା ଆଦର୍ଶ ନିର୍ବାଚନ ଆଇନକୁ ଉଲଘଂନ କରୁଛି । ଏହା ଦଣ୍ଡନୀୟ ଅପରାଧ । ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପାଇଁ ରାଜ୍ୟ ମୁଖପାତ୍ର ଉର୍ମିଳା ମହାପାତ୍ରଙ୍କ ନେତୃତ୍ୱରେ ବିଜେପିର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଏହି ପ୍ରସଙ୍ଗରେ ଫେରାଦ ହୋଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ମହିଳାମାନଙ୍କୁ ରାଷ୍ଟ୍ର ନିର୍ମାତା ବୋଲି କହିଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଦକ୍ଷ ଏବଂ ଆର୍ଥିକ ସ୍ତରରେ ସ୍ୱାବଲମ୍ବି କରିବା ପାଇଁ ମୋଦିଜୀ ବଜେଟ୍‌ରେ ବହୁ ଅର୍ଥର ବ୍ୟବସ୍ଥା କରିଛନ୍ତି । ଓଡ଼ିଶାରେ ମହିଳାମାନେ କିଭଳିଭାବେ ସଶକ୍ତ ହେବେ ସେଥିପାଇଁ ମୋଦିଜୀ କୋଟି କୋଟି ଟଙ୍କା ପ୍ରଦାନ କରୁଛନ୍ତି । କିନ୍ତୁ ଶାସକ ଦଳର ସଦସ୍ୟମାନେ ମିଶନଶକ୍ତିର ସଦସ୍ୟାମାନଙ୍କୁ ସଶକ୍ତ କରିବା ପରିବର୍ତ୍ତେ ନିଜ ଦଳୀୟ ପ୍ରଚାରରେ କର୍ମୀଭଳି କାର୍ଯ୍ୟରେ ଲଗାଉଛନ୍ତି । ସେହିପରି ନିର୍ବାଚନ ଆଚରଣ ବିଧି ଲାଗୁ ହେବା ସତ୍ତ୍ୱେ ଓଏସ୍‌ଆରଟିସି ପକ୍ଷରୁ ଯେଉଁ ବସ୍ ଗଡୁଛି ସେଥିରେ ଯାତାୟତ କରୁଥିବା ସାଧାରଣ ଲୋକ ଯେଉଁ ଟିକେଟ୍ କିଣୁଛନ୍ତି ତାର ପଛପଟେ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ଫଟୋ ରହିଛି ।

# ଅନିଲ ବାର୍ଲାଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର: ଭାରତୀୟ ଜନତା ପାର୍ଟି ବଣାଇ ସାଙ୍ଗଠନିକ ଜିଲ୍ଲା ସଭାପତି ଅନିଲ କୁମାର ବାର୍ଲାଙ୍କ ଆଜି ଦେହାନ୍ତ ଘଟିଛି । ସ୍ୱର୍ଗତଃ ବାର୍ଲାଙ୍କ ଅକାଳ ବିୟୋଗରେ ରାଜ୍ୟ ସଭାପତି ମନମୋହନ ସାମଲ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ସୁନ୍ଦରଗଡ ସାଂସଦ ତଥା ପୂର୍ବତନ ରାଜ୍ୟ ସଭାପତି ଜୁଏଲ ଓରାମ ଏବଂ ସାଧାରଣ ସମ୍ପାଦକ(ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ପ୍ରମୁଖ ନେତୃବୃନ୍ଦ ଗଭୀର ଶୋକବ୍ୟକ୍ତ କରିଛନ୍ତି । ସ୍ୱର୍ଗତଃ ବାର୍ଲା ଜଣେ ସୁସଙ୍ଗଠକ ଥିଲେ ଏବଂ ବଣାଇ ସାଙ୍ଗଠନିକ ଜିଲ୍ଲାରେ ପାର୍ଟିର ସଂଗଠନ ଅଭିବୃଦ୍ଧିରେ ତାଙ୍କର ଯୋଗଦାନ ସର୍ବଦା ଚିରସ୍ମରଣୀୟ ହୋଇ ରହିବ । ସ୍ୱର୍ଗତଃ ବାର୍ଲାଙ୍କ ବିୟୋଗ ଆମ ପାର୍ଟି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ସ୍ୱର୍ଗତଃ ବାର୍ଲାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ଏଭଳି ଦୁଃଖଦଃ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

# ବାହାରଣା ସାରସ୍ୱତ ନୀଳାଚଳ ସଙ୍ଘର ୪୪ତମ ବର୍ଷିକ ଉତ୍ସବ



ନୟାହାଟ (ପିପିଏସ୍): ପୁରୀ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ ବାହାରଣା ସାରସ୍ୱତ ନୀଳାଚଳ ସଙ୍ଘ ର ୪୪ ତମ ବର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପୁରୀ ନୀଳାଚଳ ସଙ୍ଘ ର ପରିଚାଳକ ଶରତ ଚନ୍ଦ୍ର ସିଙ୍ଗ ଦେଓ ସଭା ପରିଚାଳନା କରିଥିବା ବେଳେ ପୁରୀ ନୀଳାଚଳ ସଂଘ ର ସଭାପତି ସନ୍ତୋଷ କୁମାର ମହାନ୍ତି ସଭାରେ ସଭାପତିତ୍ୱ କରିଥିଲେ ।ପୁରୀ ନୀଳାଚଳ ସଂଘ ର ଉପସଭାପତି କିଁଚୁଚରଣ ଧର ,ସମ୍ପାଦକ ନରେଶ ଚନ୍ଦ୍ର ପତି , ବାହାରଣା ନୀଳାଚଳ ସଂଘ ର ସଭାପତି ଅଜିତ କୁମାର ସାହୁ ଉତ୍ସବରେ ଯୋଗଦେଇଥିଲେ । ମଙ୍ଗଳବାର ଚୈତ୍ର ମାସ ଶୁକ୍ଲପକ୍ଷ ଅଶୋକା ଅଷ୍ଟମୀ ତିଥିରେ ପ୍ରତିବର୍ଷ ଭଳି ଚଳିତବର୍ଷ ବାହାରଣା ସାରସ୍ୱତ ନୀଳାଚଳ ସଂଘ ର ୪୪ ତମ ବର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ସକାଳ ସମୟରୁ ସକାଳ ନୀତି ପୂଜା କରିବା ପରେ ଦିବା ୧୦ ଠାରୁ ଠାକୁର ନିଗମାନନ୍ଦ ଙ୍କୁ ବିଭିନ୍ନ ପ୍ରକାର ପୁଷ୍ପରେ ସୁସଜିତ କରି ନାମ କୀର୍ତ୍ତନ ଓ ସତସଙ୍ଗ ଚାଲିଥିଲା ।ବିଭିନ୍ନ ଶାଖାରୁ ଆସିଥିବା ଗୁରୁ ଭାଇ ମାନେ ଠାକୁର ନିଗମାନନ୍ଦ ଭାବଧାରା ଉପରେ ଆଲୋକପାତ କରିଥିଲେ । ୪୪ ତମ ବର୍ଷିକ ଉତ୍ସବ ରେ ପ୍ରଦୀପ୍ତ କୁମାର ପଟନାୟକ ,ସୁବାଷ ଚନ୍ଦ୍ର ସାହୁ ,କପିଳ ବେହେରା ,ସୁବ୍ରତ ରଞ୍ଜନ ପଟନାୟକ ,କ୍ଷେତ୍ରମୋହନ ସେନାପତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ବର୍ଷିକ ଉତ୍ସବରେ ବିଭିନ୍ନ ଶାଖାରୁ ୫୦୦ ରୁ ଉର୍ଦ୍ଧ୍ୱ ଗୁରୁ ଭାଇ ଓ ମା ମାନେ ଆସି ଯୋଗଦେଇଥିଲେ ।

# ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଚାଲିବ ୨୦ ଯୋଡ଼ା ସ୍ୱତନ୍ତ୍ର ଗ୍ରୀଷ୍ମ କାଳୀନ ଟ୍ରେନ

ଭୁବନେଶ୍ୱର:ଗ୍ରୀଷ୍ମ କାଳୀନ ଭିଡକୁ ଏଡ଼ାଇବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ଆହୁରି ଅଧିକ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କାରାଯିବା ସହିତ ପୂର୍ବରୁ ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନ ଚଳାଚଳ ସେବା ବୃଦ୍ଧି କରିବା ନିଷ୍ପତି ନିଆଯାଇଛି ।୨୦ ଯୋଡ଼ା ସ୍ୱତନ୍ତ୍ର ଗ୍ରୀଷ୍ମ କାଳୀନ ଟ୍ରେନ ଚଳାଚଳ କରିବାକୁ ନିଷ୍ପତି ହୋଇଥିବା ବେଳେ ନଅ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଏବଂ ୧୧ ଯୋଡ଼ା ସ୍ୱତନ୍ତ୍ର ଟ୍ରେନର ଚଳାଚଳ ସମୟରେ ବୃଦ୍ଧି ପାଇଁ ନିଷ୍ପତି ହୋଇଛି । ୦୮୪୮୩/୦୮୪୮୪ ପୁରୀ-ଶାଳିମାର-ପୁରୀ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ୍ , ୦୮୪୭୫/୦୮୪୭୬ ପୁରୀ-ନିଜାମୁଦ୍ଦିନ-ପୁରୀ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ୍ ,୦୨୮୩୯/୦୨୮୪୦ ଶାଳିମାର-ମାଳତୀପାଟପୁର-ଶାଳିମାର ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ୍ ,୦୨୮୧୧/୦୨୮୧୨ ଭୁବନେଶ୍ୱର-ଯଶୋବନ୍ତପୁର-ଭୁବନେଶ୍ୱର ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ , ୦୯୦୬୯/୦୯୦୭୦ ସୁରଟ-ବ୍ରହ୍ମପୁର-ସୁରଟ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ୍ , ୦୮୩୨୭/୦୮୩୨୮ ସମ୍ବଲପୁର-ପୁଣେ-ସମ୍ବଲପୁର ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ୍ ,୦୮୩୫୧/୦୮୩୫୨ ସମ୍ବଲପୁର-ଗୌହାଟୀ-ସମ୍ବଲପୁର ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ୍ ,୦୮୫୩୯/୦୮୫୪୦ ବିଶାଖାପାଟନମ୍-କୋଲାମ-ବିଶାଖାପାଟନମ୍ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ୍ , ୦୮୫୮୫/୦୮୫୮୬ ବିଶାଖାପାଟନମ୍-କୁର୍ନୁଲ୍-ବିଶାଖାପାଟନମ୍ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ୍ ଏପ୍ରିଲରୁ ଚଳାଚଳ କରିବ ।

ଗ୍ରୀଷ୍ମ ସମୟରେ ଯାତ୍ରୀ ଭିଡ଼ ଏଡ଼ାଇବା ପାଇଁ କିଛି ସ୍ୱତନ୍ତ୍ର ଟ୍ରେନ ଚଳାଚଳ ସେବା ସମୟ ବୃଦ୍ଧି କରାଯାଇଛି । ଏହି ଟ୍ରେନ୍ ଗୁଡିକ ହେଲା ଭୁବନେଶ୍ୱର-ଚେନ୍ନାଇ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ ,ଭୁବନେଶ୍ୱର-ଧାନବାଦ ସ୍ୱତନ୍ତ୍ର ଟ୍ରେନ୍ ,ପୁରୀ-ପାଟନା ସ୍ୱତନ୍ତ୍ର ଟ୍ରେନ୍ , ପୁରୀ-ପାଟନା ସ୍ୱତନ୍ତ୍ର ଟ୍ରେନ୍, ପୁରୀ-ଭଞ୍ଜପୁର (ବାରିପଦା) ସ୍ୱତନ୍ତ୍ର ଟ୍ରେନ୍, ପୁରୀ-ସାନ୍ତ୍ରାଗଛି ସ୍ୱତନ୍ତ୍ର ଟ୍ରେନ୍ ,ବ୍ରହ୍ମପୁର-ଏର୍ଣ୍ଣାକୁଲମ୍ ସାପ୍ତାହିକ ଜନସାଧାରଣ ସ୍ୱତନ୍ତ୍ର ଟ୍ରେନ୍ (ଅଣସଂରକ୍ଷିତ) , କଟକ-ହାଇଦ୍ରାବାଦ ସ୍ୱତନ୍ତ୍ର ଟ୍ରେନ୍, ବିଶାଖାପାଟଣା - ସିକନ୍ଦରାବାଦ ସ୍ୱତନ୍ତ୍ର ଟ୍ରେନ. ବିଶାଖାପାଟନମ୍-ତିରୁପତି ସ୍ୱତନ୍ତ୍ର ଟ୍ରେନ , ବିଶାଖାପାଟନମ୍-ବେଙ୍ଗାଲୁରୁ ସ୍ପେଶାଲ୍ ।

ଉପରୋକ୍ତ ସ୍ୱତନ୍ତ୍ର ଟ୍ରେନ ବ୍ୟତୀତ, ଦେଶର ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳ ମଧ୍ୟରେ ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ୧୩ ଯୋଡ଼ା ଦୂରଗାମୀ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ମଧ୍ୟ ଚଳାଚଳ କରୁଅଛି । ଏହି ଟ୍ରେନ ଗୁଡିକ ହେଉଛି ପ ସିକନ୍ଦରାବାଦ-ଡିବ୍ରୁଗଡ-ସିକନ୍ଦରାବାଦ ସ୍ପେଶାଲ, ସିକନ୍ଦରାବାଦ-ଅଗରତାଲା-ସିକନ୍ଦରାବାଦ ସ୍ପେଶାଲ, ଚେନ୍ନାଇ-ସାନ୍ତ୍ରାଗଛି-ଚେନ୍ନାଇ ସ୍ପେସିଆଲ, ନାଗେରକୋଏଲ-ଡିବ୍ରୁଗଡ-ନାଗେରକୋଏଲ ସ୍ପେସିଆଲ, କୋଚୁଭେଲି-ଶାଳିମାର-କୋଚୁଭେଲି ସ୍ପେଶାଲ, ବେଙ୍ଗାଲୁରୁ-ଖଡ଼ଗ୍ପୁର-ବେଙ୍ଗାଲୁରୁ ସ୍ପେସିଆଲ, ସାନ୍ତ୍ରାଗଛି-ସିକନ୍ଦରାବାଦ-ସାନ୍ତ୍ରାଗଛି ସ୍ପେସିଆଲ, ସିକନ୍ଦରାବାଦ-ଶାଲିମର-ସିକନ୍ଦରାବାଦ ସ୍ପେଶାଲ, ବେଙ୍ଗାଲୁରୁ-ମାଲଦା ଟାଉନ-ବେଙ୍ଗାଲୁରୁ ସ୍ପେଶାଲ, ମହୀଶୂର-ମୁଜାଫରପୁର-ମହୀଶୂର ସ୍ପେଶାଲ, ନ୍ୟୁ ତିନସୁକିଆ-ବେଙ୍ଗାଲୁରୁ-ନ୍ୟୁ ତିନସୁକିଆ ସ୍ପେଶାଲ ଏବଂ ହାଓଡ଼ା-ଯଶୋବନ୍ତପୁର-ହାଓଡ଼ା ସ୍ୱତନ୍ତ୍ର ଟ୍ରେନ ।

# ବାଙ୍କୀରେ ପଶୁପକ୍ଷୀମାନଙ୍କ ପାଇଁ ଜଳସେବା କେନ୍ଦ୍ର ଖୋଲିଲା




ବାଙ୍କୀ,(ପିପିଏସ୍): ବାଙ୍କୀ ମେଡିକାଲ୍ ରୋଡ ଠାରେ ପଶୁପକ୍ଷୀମାନଙ୍କ ପାଇଁ ଏକ ଜଳସେବା କେନ୍ଦ୍ରର ଶୁଭାରମ୍ଭ ହୋଇଛି । ପ୍ରକୃତି ବନ୍ଧୁ ଦୀପକ କୁମାର ସାମନ୍ତରାଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ବାଙ୍କୀ କଲେଜର ପୂର୍ବତନ ଉପାଧକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଏହି ଜଳସେବା କେନ୍ଦ୍ରକୁ ଉଦ୍‌ଘାଟନ କରିବା ସହ ପ୍ରଚଣ୍ଡ ରୌଦ୍ର ତାପ ଯୋଗୁଁ ବୁଲା ଗାଈଗୋରୁ ଓ ପଶୁପକ୍ଷୀମାନେ ଏଠାରୁ ଜଳପାନ କରି ତୃଷ୍ଣା ନିବାରଣ କରିପାରିବେ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଓ ଯୁବ ସମାଜସେବୀ ଅମୀତ୍ କୁମାରସାହୁ ଯୋଗଦାନ କରିଥିଲେ । ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ପୁରାତନ ଛାତ୍ର ସଂସଦର ଉପସଭାପତି କୃତିବାସ ପଣ୍ଡା, ଆଇନଜୀବୀ ବିରଞ୍ଚି ଦାସ , ପ୍ରକୃତି ବନ୍ଧୁ ପ୍ରସନ୍ନ ସାହୁ, ବିଜୟ ରଣା, ଦୁଷ୍ମନ୍ତ ଛାଟୋଇ, ପ୍ରକୃତି ବନ୍ଧୁ ବିଦ୍ୟାଧର ଖଟୁଆ, ମନୋଜ ଶତପଥୀ, ବିଶ୍ୱମୋହନ ସାମଲ ପ୍ରମୁଖ ଜଳ ରଖିବା ପାଇଁ ବିଭିନ୍ନ ସରଞ୍ଜାମ ଯୋଗାଇଦେଇଥିଲେ । ଏତାଦୃଶ କାର୍ଯ୍ୟପାଇଁ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ପ୍ରଶଂସା କରିଛନ୍ତି ।

# ବଜ୍ରାଘାତରେ ମହିଳାଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା, (ହି.ସ.) – କେନ୍ଦ୍ରାପଡ଼ା ସଦର ଥାନା ଅଧିନ ଓସ୍ତପୁର ପଂଚାୟତର ବୀରସ୍ୱତୀ ଗ୍ରାମର ଜଣେ ମହିଳା ଆଜି ଅଚାନକ ବଜ୍ରାଘାତରେ ମୃତ୍ୟୁବରଣ କରିଥିବା ଖବର ମିଳିଛି । ମଙ୍ଗଳବାର ଅପରାହ୍ନରେ ପାଣିପାଗ ହଠାତ ବଦଳି ଯାଇଥିଲା । ପ୍ରବଳ ଗ୍ରୀଷ୍ମ ଉତାପ ପରେ ଅଦିନିଆ ବର୍ଷା ସାଙ୍ଗକୁ ତୁହାକୁ ତୁହା ଘଡ଼ଘଡ଼ି ମାରି ପରିବେଶକୁ ଭୟଙ୍କର କରି ଦେଇଥିଲା । ତେବେ ସେହି ଗ୍ରାମର ନାରାୟଣ ମଳିକଙ୍କ ସ୍ତ୍ରୀ ଅମ୍ବିକା ମଳିକ ବିଲରୁ ମୁଗ ଉପାଡ଼ି ଘରକୁ ଫେରୁଥିବାବେଳେ ତାଙ୍କ ଉପରେ ବଜ୍ରାଘାତ ହେବାରୁ ଘଟଣା ସ୍ଥଳରେ ବିଲ ମଝିରେ ଟଳି ପଡ଼ିଥିଲେ । ତେବେ ଖବର ପାଇ ଗ୍ରାମବାସୀ ଓ ଓସ୍ତପୁର ସରପଂଚ ପ୍ରସନ୍ନ ରାଉତ ତାଙ୍କୁ ତୁରନ୍ତ ମୁଖ୍ୟ ଚିକିତ୍ସାଳୟକୁ ନେବାପରେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।

## ରହଣିଆ ଓ ଢୁ ଢୁଆ ନଈରେ ଦୁର୍ବୃତ୍ତମାନେ ବିଷ ପକାଇ ମାଛ ମରିବା ଘଟଣା

# କାର୍ଯ୍ୟାନୁଷ୍ଠାନ ଦାବିରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



ବାଙ୍କୀ,(ପିପିଏସ୍): ଡମପଡ଼ା ବ୍ଲକ ରହଣିଆ ଓ ଢୁ ଢୁଆ ନଈରେ କେତେକ ଦୁର୍ବୃତ୍ତ ବିଷ ପକାଇବା ଫଳରେ ମାଛଗୁଡିକ ମରିଯାଇଛନ୍ତି । ମିଶନ ଶକ୍ତି ମହିଳା ଗୋଷ୍ଠୀ ଋଣ କରି ସ୍ୱବଲମ୍ବୀ ହେବାର ଲକ୍ଷ୍ୟ ରଖି ମାଛ ଚାଷକୁ ଆପଣେଇଥିଲେ । ବାଙ୍କୀ ଥାନା ଅଧିନରେ ଥିବା ଗୋପାଳପୁର ପଞ୍ଚାୟତର ମା'ଚର୍ଚ୍ଚିକା ଓ ମା'ସନ୍ତୋଷୀ ମହିଳା ଗୋଷ୍ଠୀର ସଭ୍ୟାମାନେ ପୋଖରୀ ନିଲାମ ନେଇ ମାଛ ଚାଷ କରିଥିଲେ ନିଜର ଜୀବିକା ନିର୍ବାହ କରୁଥିଲେ । କେତେକ ଦୁର୍ବୃତ୍ତ ଶତୃତା ଆଚରଣ କରି ବାରମ୍ବାର ରହଣିଆ ଓ ଢୁ ଢୁଆ ନଈରେ ବିଷ ପକାଇବା ଫଳରେ ମାଛଗୁଡିକ ପଚି ଶଢ଼ି ପୋଖରୀରେ ମରି ଭାସୁଥିବା ଅଭିଯୋଗ ହୋଇଛି । ଏହି ୨ଟି ମହିଳା ଗୋଷ୍ଠୀର ସଦସ୍ୟାମାନେ ନ୍ୟାୟ ପାଇଁ ବାଙ୍କୀ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗପତ୍ର ଦେବା ସହିତ ଘଟଣାରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ମହିଳା ଗ୍ରୁପର କର୍ମକର୍ତ୍ତାମାନେ ହତୋତ୍ସାହ ହୋଇପଡିଛନ୍ତି । ମା'ଚର୍ଚ୍ଚିକା ମହିଳା ଗ୍ରୁପର ସଭାପତି ସନ୍ଧ୍ୟାରାଣୀ ସାହୁ, ଉପସଭାପତି ସରୋଜିନୀ ରଣା, ମା'ସନ୍ତୋଷୀ ମହିଳା ଗ୍ରୁପର ଝିଲି ରଣା ପ୍ରମୁଖ ବାଙ୍କୀ ଉପଜିଲ୍ଲାପାଳଙ୍କୁ ଏ ସଂପର୍କରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି ।

# ଗଜପତି ମୋହନାରେ ବିଜେପିରୁ ପ୍ରଶାନ୍ତ ମଲ୍ଲିକ ପୁଣି ପ୍ରାର୍ଥୀ ହେଲେ



ପାରଳାଖେମୁଣ୍ଡି(ପିପିଏସ): ଗଜପତି ଜିଲ୍ଲାର ମୋହନା ବିଧାନସଭା ଆସନ ପାଇଁ ପୁଣି ଥରେ ଯୁବ ନେତା ପ୍ରଶାନ୍ତ ମଲ୍ଲିକ ନାଁରେ ମୋହର ମାରିଛି ଦଳ। କିଛିଦିନର ଛକାପଞ୍ଝା ପରେ ଗଜପତି ଜିଲ୍ଲା ମୋହନା ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି ବିଜେପି। ୨୦୧୯ରେ ମଧ୍ୟ ବିଜେପିରୁ ପ୍ରଶାନ୍ତ ପ୍ରାର୍ଥୀ ହୋଇଥିଲେ। ଏବେ ପୁଣି ଥରେ ତାଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରି ପ୍ରାର୍ଥୀ କରିଛି। ପୂର୍ବରୁ ବିଜେଡି ନେତା ଅନ୍ତର୍ଯ୍ୟାମୀ ଗମାଙ୍ଗ ଓ କଂଗ୍ରେସରୁ ବିଧାୟକ ଦାଶରଥି ଗମାଙ୍ଗଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଥିଲା। ୨୦୧୯ରେ ବିଜେପିରୁ ପ୍ରଶାନ୍ତ ମଲ୍ଲିକ, କଂଗ୍ରେସରୁ ଦାଶରଥି ଗମାଙ୍ଗ ଓ ବିଜେଡିରୁ ପୂର୍ଣ୍ଣବାସୀ ନାୟକ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏଥିରେ କଂଗ୍ରେସର ଦାଶରଥି ଗମାଙ୍ଗ ବିଧାୟକ ନିର୍ବାଚିତ ହୋଇଥିବା ବେଳେ ବିଜେଡି ଦ୍ୱିତୀୟ ଓ ବିଜେପି ତୃତୀୟ ସ୍ଥାନରେ ରହିଥିଲା। ଏଥର ବିଜେପି ଓ କଂଗ୍ରେସ ପ୍ରାର୍ଥୀ ରିପିଟ୍ କରିଥିବା ବେଳେ ବିଜେଡି ପୂର୍ଣ୍ଣବାସୀଙ୍କ ସ୍ୱାମୀ ଅନ୍ତର୍ଯ୍ୟାମୀ ଗମାଙ୍ଗଙ୍କୁ ପ୍ରାର୍ଥୀ କରିଛି।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ୍ ସଚେତନତା



ରାୟଗଡା(ପିପିଏସ): ରାୟଗଡ ଜିଲ୍ଲା ସଦର ମହକୁମା ସ୍ଥିତ ସ୍ଥାନୀୟ ସହାୟଯୋଗ ଜି.ଏନ୍.ଏମ୍ ଟ୍ରେନିଙ୍ଗ କଲେଜ ପରିସରରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସମ୍ପାଦିକା ଶ୍ରୀମତି ନିବେଦିତା ପଣ୍ଡା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫୌଜଦାରୀ ଆଇନ ବ୍ୟବସ୍ଥା ସଂପର୍କିତ, ଏଫ୍.ଆଇ.ଆର, ବେଲ୍, ସମନସ, ୱାରେଣ୍ଟ, ଅପିଲ, ପ୍ଲିବାରଗେନିଙ୍ଗ ଇତ୍ୟାଦି ଓ କର୍ମକ୍ଷେତ୍ରରେ ହେଉଥିବା ମହିଳାମାନଙ୍କର ଯୌନ ନିର୍ଯ୍ୟାତନା ସୁରକ୍ଷା ଆଇନ ଉପରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଅନ୍ୟମାନଙ୍କ ମଧ୍ୟରେ ରାୟଗଡା ପୋଲିସ ଥାନାର ଏସ୍.ଡି.ପି.ଓ ରଶ୍ମି ରଞ୍ଜନ ସେନାପତି, ରାୟଗଡା ବାର ଆସୋସିଏସନର ଓକିଲ ପ୍ରଣତୀ ପାତ୍ର, ଶୁଭ୍ରା ପଣ୍ଡା, ସୀତାରାମ ପଣ୍ଡା, ପ୍ରଣ୍ଟ ଅଫିସ ରିଟେନର କିଶୋର ସାହୁ, ସହାୟଯୋଗ ଜି.ଏନ୍.ଏମ୍ ଟ୍ରେନିଙ୍ଗ କଲେଜର ଡାଇରେକ୍ଟର ରଞ୍ଜିତା ରାଣୀ ସାବତ, କଲେଜର ପ୍ରିନ୍ସିପାଲ ଶିବାନୀ ମହାନ୍ତି ଓ ଅନ୍ୟାନ୍ୟ କର୍ମଚାରୀ, ଛାତ୍ରଛାତ୍ରୀ ଏହି ସଭାରେ ଉପସ୍ଥିତ ଥିଲେ ଓ ଉପସ୍ଥିତ ଅତିଥି ମାନେ ନିଜର ଅଭିଭାଷଣରେ ଭାରତୀୟ ଆଇନ ବ୍ୟବସ୍ଥାରେ ଫୌଜଦାରୀ ଆଇନକୁ କିପରି ସଠିକରୂପେ ପ୍ରଣୟନକରି ସାଧାରଣଲୋକମାନଙ୍କୁ ଉଚିତନ୍ୟାୟ ପ୍ରଦାନ୍ ସହ ଦୋଷୀ ନିର୍ଦୋଶରେ ଖସିପାରିବ ନାହିଁ ସେ ସଂପର୍କରେ ନିଜ ନିଜର ଅଭିଭାଷଣରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ ଓ ପରିଶେଷରେ ଅତିଥିମାନେ ନିଜ ନିଜର ବକ୍ତବ୍ୟରେ ମହିଳା ମାନେ କର୍ମକ୍ଷେତ୍ରରେ ଯୌନନିର୍ଯ୍ୟାତନର ଶିକାର ହେଉଛନ୍ତି ତାକୁ କିପରି ପ୍ରତିରୋଧ କରିବା ଓ କିପରି ଯୌନ ନିର୍ଯ୍ୟାତନା ଶିକାର ନହୁଅନ୍ତି ସେଥିପାଇ ସେମାନେ କମ୍ପ୍ଲେନ କମିଟିର ସହଯୋଗ ନେବାକଥା ସେ ବିଷୟରେ ବିସ୍ତୃତ ଭାବରେ ଅଂଶଗ୍ରହଣକାରୀମାନଙ୍କୁ ବୁଝାଇଥିଲେ ଓ ଏଥିସହିତ ମହିଳାମାନେ କର୍ମକ୍ଷେତ୍ରରେ ଯୌନନିର୍ଯ୍ୟାତନର ଶିକାର ହେଲେ ସେମାନଙ୍କ ପାଇ ନ୍ୟାୟିକ ବ୍ୟବସ୍ଥା ଓ ଆଇନରେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଧାରା ଉପରେ ଆଲୋକପାତ କରିଥିଲେ ଓ ସର୍ବୋପରି ଏହି କାର୍ଯ୍ୟକ୍ରମରେ ସହାୟଯୋଗ ଜି.ଏନ୍.ଏମ୍ ଟ୍ରେନିଙ୍ଗ କଲେଜ ର ଡାଇରେକ୍ଟର, ପ୍ରିନ୍ସିପାଲ ଓ ଛାତ୍ରଛାତ୍ରୀ ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଶ୍ରୀମତି ପଣ୍ଡା ଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛି ଓ

# ମହାମାରୀରୁ ବଲାଙ୍ଗିରକୁ ରକ୍ଷା ପାଇଁ ସମଲେଶ୍ୱରୀଙ୍କ ପୀଠରେ ଛେନାପଣା

ବଲାଙ୍ଗିର(ହି.ସ.):ବାସନ୍ତୀକ ନବରାତ୍ରୀ ଅଷ୍ଟମୀ ତିଥିରେ ରୀତିନୀତି ଅନୁସାରେ ଆଜି ମା’ ସମଲେଶ୍ୱରୀଙ୍କ ପୀଠରେ ଛେନାପଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗିର ସମଲେଶ୍ୱରୀ ମନ୍ଦିର ମୁଖ୍ୟ ପୂଜକ ଟଙ୍କଧର ଦିଶ୍ରୀ ଅକ୍ଷୟ ଆଜିର ପୂଜନ କର୍ମ ତୁଳାଉଥିବା ବେଳେ ହଇଜା, ବସନ୍ତ ଭଳି ମହାମାରୀରୁ ବଲାଙ୍ଗିର ସହରକୁ ରକ୍ଷା କରିବା ପାଇଁ ମା’ଙ୍କଠାରେ ଛେଣାପଣା କରାଯାଇଥିବା କହିଛନ୍ତି । ଏହି ଅବସରରେ ମା’ଙ୍କ ପୀଠରୁ ଭକ୍ତଙ୍କ ଏକ ଆତ୍ମିକ ଶୋଭାଯାତ୍ରା ବାହାରିଥିବା ବେଳେ ବଲାଙ୍ଗିର ସହରର ଚାରି ଦିଗକୁ କିଳା ଯାଇଥିବା ମୁଖ୍ୟ ପୂଜକ ଦିଶ୍ରୀ ପ୍ରକାଶ କରିଛନ୍ତି । ଏହି ଆତ୍ମିକ ଶୋଭାଯାତ୍ରାରେ ବିଜେଡ଼ି ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂହଦେଓ, ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଲିକା ସାହୁଙ୍କ ସହ ବହୁ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦାନ କରିଥିବା ଦେଖିବାକୁ ମିଳିଥିଲା । କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ମଧ୍ୟ ଶୋଭାଯାତ୍ରାରେ ଯୋଗଦାନ କରିଥିଲେ । ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ଭଳି ଚଳିତ ବର୍ଷ ମ୍ଭ ବାସନ୍ତୀ ନବରାତ୍ରୀ ଅଷ୍ଟମୀ ତିଥିରେ ମାନସିକଧାରୀ ମାନେ ନିଜ ନିଜ ମାନସିକ ଅନୁସାରେ ମା’ ସମଲେଶ୍ୱରୀଙ୍କ ଠାରେ ଭୋଗ ଅର୍ପଣ କରିଛନ୍ତି । ଆଜି ବଡି ଭୋର ରୁ ମନ୍ଦିରରେ ମଙ୍ଗଳବାର ଦେବୀଙ୍କ ବାର ଓ ଚୈତ୍ର ମଙ୍ଗଳବାର ଯୋଗୁଁ ଭିଡ ରେ ଯାଇ ମା ଙ୍କ ଦର୍ଶନ କରିବା ସହିତ ଧୂପ ଦୀପ ନୈବେଦ୍ୟ ଅର୍ପଣ କରିଥଲେ।

# ଶ୍ରୀରାମ ନବମୀ ନେଇ ଶୋଭାଯାତ୍ରା



ପାରଳା(ପିପିଏସ):ଆଜି ଶ୍ରୀରାମନବମୀ ତିଥିରେ ପାରଖେମୁଣ୍ଡ ସହରରେ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରିଛି। ଗଜପତି ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଓ ବିଭିନ୍ନ ସଂଗଠନ ତରଫରୁ ହଜାର ହଜାର କର୍ମୀ ଶ୍ରୀରାମଜୟ ଧ୍ୱନିରେ ପାରଳାଖେମୁଣ୍ଡି ସହରରେ ଶୋଭାଯାତ୍ରା କରି ସମଗ୍ର ସହରକୁ ପରିକ୍ରମା କରିଛନ୍ତି। ପାରଳା ସହରରେ ଥିବା ସ୍ୱରସ୍ୱତୀ ଶିଶୁମନ୍ଦିରଠାରୁ ଏହି ଶୋଭାଯାତ୍ରା ବାହାରି ସମଗ୍ର ସହର ପରିକ୍ରମା କରି ପୁଣି ଶିଶୁ ମନ୍ଦିରଠାରେ ପହଞ୍ଚିଥିଲା।

# ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ଭକ୍ତଙ୍କ ୧ ଲକ୍ଷ ଟଙ୍କାର ସହଭାଗିତା



ପାରଳାଖେମୁଣ୍ଡି(ପିପିଏସ): ଗଜପତି ଜିଲ୍ଲା ମହକୁମା ପାରଳାଖେମୁଣ୍ଡି ସହରରେ ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି. ମନ୍ଦିର ନିର୍ମାଣ କାର୍ଯ୍ୟରେ ବହୁ ଭକ୍ତ ସାମିଲ ହୋଇ ବିଭିନ୍ନ ଭାବେ ସହଭାଗିତା ହୋଇଆସୁଛନ୍ତି. ଆଜି ପବିତ୍ର ରାମ ନବମୀ ତିଥିରେ କତଲକଇଠା ଗ୍ରାମ ନିବାସୀ ଭକ୍ତ ବିରଞ୍ଚି ନାରାୟଣ ରଥ ୧ ଲକ୍ଷ ଟଙ୍କାର ଚେକ ପ୍ରଦାନ କରି ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟରେ ସହାଭାଗିତା ହୋଇଛନ୍ତି. ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟରେ ସାମିଲ ଥିବା କମିଟି ତରଫରୁ ଭକ୍ତ ଦୁର୍ଗା ମାଧବ ପାଣିଗ୍ରାହୀ ଏହି ଚେକ ଗ୍ରହଣ କରିବା ସହ ମନ୍ଦିର ନିର୍ମାଣ କାର୍ଯ୍ୟରେ ସହଭାଗୀତା ହୋଇଥିବା ଯୋଗୁଁ ବିରଞ୍ଚି ନାରାୟଣଙ୍କୁ ସାଧୁବାଦ ଜଣାଇଛନ୍ତି।

# କନ୍ଧମାଳ ବନ୍ଦ ଡାକରା ପ୍ରତ୍ୟାହାର କଲା କୁଇ ସମାଜ ସେବା ସମିତି

କନ୍ଧମାଳ(ହି.ସ.): ଘୋଷଣା କରିଥିବା କନ୍ଧମାଳ ଜିଲ୍ଲା ବନ୍ଦ ଡାକରାକୁ କୁଇ ସମାଜ ସେବା ସମିତି ପ୍ରତ୍ୟାହାର କରିଛି । ସାଧାରଣ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦିଆଯାଇଥିବା ପ୍ରାର୍ଥୀଙ୍କ ଆଦିବାସୀ ମାନ୍ୟତା ଉପରେ ଆପତି ଉଠାଇ କୁଇ ସମାଜ ପକ୍ଷରୁ ୧୬ ତାରିଖରେ କନ୍ଧମାଳ ବନ୍ଦ ଡାକରା ଦିଆଯାଇଥିଲା। ପ୍ରକାଶ ଥାଉ କି, କଂଗ୍ରେସ ପକ୍ଷରୁ ବାଲିଗୁଡ଼ାରେ ଦିଆଯାଇଥିବା ପ୍ରାର୍ଥୀ ସୁରଦା ପ୍ରଧାନ ଜଣେ ଅଣ ଆଦିବାସୀ ଏବଂ ଫୁଲବାଣୀ ପ୍ରାର୍ଥୀ ପ୍ରତିଭା କହଁର ଏବଂ ବାଲିଗୁଡାର ବିଜେପି ପ୍ରାର୍ଥୀ କଳ୍ପନା କହଁର ଅଣ ଆଦିବାସୀଙ୍କୁ ବିବାହ କରିଥିବାରୁ ସମାଜ ଦ୍ୱାରା ଗ୍ରହଣୀୟ ନୁହନ୍ତି ବୋଲି କୁଇ ସମାଜ ପକ୍ଷରୁ କୁହାଯାଇଥିଲା, ପାର୍ଥୀଙ୍କୁ ବଦଳାଇବା ପାଇଁ ଦାବି ହୋଇଥିଲା। ସେ ନେଇ କନ୍ଧମାଳ ବନ୍ଦ ଡାକରା ଦିଆଯାଇଥିଲା। ସମାଜର ଦାବିକୁ ସମ୍ମାନ ଦେଇ କଂଗ୍ରେସ ତାର ବାଲିଗୁଡ଼ା ବିଧାୟକ ପ୍ରାର୍ଥୀ ସୁରଦା ପ୍ରଧାନଙ୍କୁ ବଦଳାଇ ଉପେନ୍ଦ୍ର ପ୍ରଧାନଙ୍କୁ ପରିବର୍ତନ କରି ପ୍ରକୃତ ଆଦିବାସୀଙ୍କୁ ଟିକଟ ଦେଇଥିବାରୁ ଦଳକୁ ଧନ୍ୟବାଦ ଜଣାଇଛି କୁଇ ସମାଜ। ଏଥି ସହିତ ଅନ୍ୟ ମାନଙ୍କୁ ସମୟ ଦିଆଯାଇଛି, ତେଣୁ ଆଜିର କନ୍ଧମାଳ ବନ୍ଦ ଡାକରା ପ୍ରତ୍ୟାହାର କରାଯାଇଛି ବୋଲି କୁଇ ସମାଜ ସେବା ସମିତିର ସମ୍ପାଦକ ଅବନୀ କହଁର ସୂଚନା ଦେଇଛନ୍ତି। ରାଜନୈତିକ ଦଳମାନେ ସମାଜର ଦାବିକୁ ସମ୍ପୂର୍ଣ୍ଣ ରୂପେ ମାନି ନନେବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ମ୍ଭ କୁଇ ସମାଜ ସେବା ସମିତି କହିଛି । କୁଇ ସମାଜ ଏକ ଅଣରାଜନୈତିକ ସଙ୍ଗଠନ ବୋଲି ଏହି ପଦକ୍ଷେପ ପଛରେ କୌଣସି ରାଜନୈତିକ ଅଭିସନ୍ଧି ନାହିଁ ବୋଲି ମ୍ଭ କୁଇ ସାମାଜ ସମ୍ପାଦକ ଅବନୀ କହଁର କହିଛନ୍ତି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମ୍ଭରେ ‘ରିଙ୍ଗିଆ ଶାଖା ସଭାପତି ମୁକୁନ୍ଦ କହଁର, ବାଲିଗୁଡା କୁଇକୁଳ ସମାଜ ସଭାପତି ମନୋଜ ମଲ୍ଲିକ, ଯୁବ ସଦସ୍ୟ ଗୋଲୋକ କହଁର ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବନ୍ଦ ଡାକରା ପାଇଁ ସମିତି ପକ୍ଷରୁ ଯେଉଁଭଳି ଗଣମ୍ଭାମକୁ ଆନୁଷ୍ଠାନିକ ଭାବେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଗଲା ଠିକ୍ ସେହିଭଳି ପ୍ରତ୍ୟାହାର ଘୋଷଣା ମ୍ଭ ଆନୁଷ୍ଠାନିକ ଭାବରେ କରାଯିବା ଆବଶ୍ୟକ ବୋଲି ଅନେକ ଗଣମ୍ଭାମ ପ୍ରତିନିଧି ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ଆଡ୍‌ଭାନ୍ସ ଲେଜର ସର୍ଜରୀ ୟୁନିଟ୍ ଉଦ୍‌ଘାଟିତ

ସମ୍ବଲପୁର(ହି.ସ.):ସମ୍ବଲପୁର ବରାଇପାଲି ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍‌ସ୍ଥିତ ବିକାଶ ହସ୍ପିଟାଲରେ ଏକ ଆଡ୍‌ଭାନ୍ସ ଟେକ୍ନୋଲୋଜିଯୁକ୍ତ ଥୁଲିୟମ ସର୍ଜରୀ ୟୁନିଟ୍‌ର ଶୁଭାରମ୍ଭ କରାଯାଇଛି। ଏହା ରୋଗୀଙ୍କ କଷ୍ଟ ଓ ଡିସ୍‌କମ୍ଫର୍ଟକୁ ହ୍ରାସ କରିବା ସହିତ ରୋଗୀଙ୍କ ହସ୍ପିଟାଲ୍‌ରେ ରହଣି ଅବଧିକୁ ମ୍ଭ କମ୍ କରିବ। ଚିରାଚରିତ ଢଙ୍ଗରେ କରାଯାଉଥିବା ସର୍ଜରୀ ଅପେକ୍ଷା ଏହି ଲେଜର୍ ସର୍ଜରୀ ମ୍ଭମରେ ରୋଗୀ ଶୀଘ୍ର ସାଧାରଣ ଅବସ୍ଥାକୁ ଫେରି ସ୍ୱାଭାବିକ ଜୀବନଯାପନ କରିପାରିବ। ରୋଗୀର କମ୍ ବ୍ଲଡ୍ କ୍ଷରଣ ହେବା ସହ କିଡ୍‌ନି ମ୍ଭ ନିରାପଦ ରହିବ। ଅପରେସନ୍ ହୋଇଥିବା ପାର୍ଶ୍ୱରେ କଟା ଦାଗ ବା ଚିହ୍ନ ରହିବ ନାହିଁ। ଏହି ଯନ୍ତ୍ର ଦ୍ୱାରା କିଡ୍‌ନି ଷ୍ଟୋନ୍‌ର ଚିକିତ୍ସା କରାଯାଇପାରିବ। ପରିସ୍ରା ଥଳୀରେ ଥିବା ପଥର, ପରିସ୍ରା ଥଳୀରେ ଥିବା ମାଂସ ପିଣ୍ଡୁଳା, ବଢ଼ିଯାଇଥିବା ପ୍ରୋଷ୍ଟେଟ୍ ଗ୍ରନ୍ଥି ଆଦିର ଚିକିତ୍ସା ହୋଇପାରିବ ବୋଲି ବିକାଶ ହସ୍‌ପିଟାଲ୍‌ର ୟୁରୋଲୋଜି କନ୍‌ସଲ୍‌ଟେଣ୍ଟ୍ ଡଃ ଶୋଭନ ହୋତା କହିଛନ୍ତି। ଏହି ୟୁନିଟ୍ ଉଦ୍‌ଘାଟନ ବେଳେ ବିକାଶ ଗ୍ରୁପ୍‌ର ମେନେଜିଂ ଡାଇରେକ୍ଟର ଶ୍ରୀଯୁକ୍ତ ଜି. ଭାସ୍କର ରାଓ, ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ, ଅରୁଣ ପଟ୍ଟୱାରୀ, ନିର୍ଦ୍ଦେଶକ ଜି. ରାମକ୍ରିଷ୍ଣା, ଡାଇରେକ୍ଟର ଶ୍ରୀମତୀ ଗିତିକା ଚୌଧରୀ, ନିର୍ଦ୍ଦେଶକ ଡଃ ଜି. ବୈଷ୍ଣବୀ, ଡଃ ଶୀର୍ଷକ ଘୋସ, ଡଃ ଶୋଭନ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ବାସନ୍ତୀକ ନବରାତ୍ରି ଅଷ୍ଟମ ଦିନରେ ମା’ଙ୍କ ମହାଗୌରୀ ବେଶ

ବଲାଙ୍ଗିର ୧୬ ଏପ୍ରିଲ ( ହି ସ) : ଚୈତ୍ର ବାସନ୍ତୀକ ନବରାତ୍ରି ର ପବିତ୍ର ମହାଷ୍ଟମୀ ତିଥି । ଆଜି ମା ଦୁର୍ଗା ମହାଗୌରୀ ରୂପରେ ଦର୍ଶନ ଦେଉଛନ୍ତି । ପୌରାଣିକ ମାନ୍ୟତା ଅନୁସାରେ, ଭଗବାନ ଶିବଙ୍କୁ ସ୍ୱାମୀ ରୂପରେ ପାଇବା ପାଇଁ ମା’’ କଠୋର ତପସ୍ୟା କରିଥିଲେ । ସେଥିପାଇଁ ତାଙ୍କ ରଙ୍ଗ ମଳିନ ଅର୍ଥାତ୍ କଳା ପଡ଼ିଯାଇଥିଲା । ସେ ଶାରୀରିକ ଭାବେ ଖୁବ୍ ଦୁର୍ବଳ ହୋଇ ପଡ଼ିଥିଲେ। ଶିବଙ୍କୁ ପ୍ରସନ୍ନ କରିବା ପାଇଁ ମା’’ ନିଜ ସ୍ୱାସ୍ଥ୍ୟ ଓ ସ୍ୱରୂପ ପୁଣି ପ୍ରାପ୍ତ କରିବା ପାଇଁ ପୁଣି ତପସ୍ୟା କରିଥିଲେ।ଏହି ତପସ୍ୟା ଶିବ ଙ୍କ ଆଶୀର୍ବାଦ ରୁ ମା’’ଙ୍କ ଶରୀରରୁ କଳା ରଙ୍ଗ ଚାଲି ଯାଇ ସେ ସଂପୂର୍ଣ୍ଣ ଗୌରବର୍ଣ୍ଣ ସ୍ୱରୂପ ଧାରଣ କରିଥିଲେ ଓ ଗୌରୀ ହୋଇଥିଲେ। ଯାହା ପରଠୁ ମା’’ଙ୍କୁ ଏହି ‘’ମହାଗୌରୀ’’ ରୂପେ ପୂଜା କରାଯାଏ । ଏହି ରୂପରେ ମାଆଙ୍କର ବିଭିନ୍ନ ଅଲୌକିକ ଲୀଳା ରହିଛି । ଶୁମ୍ଭ ଓ ନିଶୁମ୍ଭ ରାକ୍ଷସଙ୍କୁ ସଂହାର କରିବା ପାଇଁ ରଚିଥିବା ଲୀଳା ମ୍ଭରେ ମାଙ୍କ ‘’ମହାଗୌରୀ’’ ରୂପ ଅନ୍ୟତମ। ମା’’ ଦୁର୍ଗାଙ୍କ ଏହି ‘’ମହାଗୌରୀ’’ ସ୍ୱରୂପକୁ ଅନ୍ନପୂର୍ଣ୍ଣା, ଐଶ୍ୱର୍ଯ୍ୟ ପ୍ରଦାୟିନୀ, ଚୈତନ୍ୟମୟୀ ବି କୁହାଯାଏ । ମାନ୍ୟତା ରହିଛି ମାଆଙ୍କୁ ଏହି ରୂପରେ ପୂଜା କରିବାଦ୍ୱାରା ଶାରୀରିକ କ୍ଷମତା ବିକଶିତ ଓ ମାନସିକ ଶାନ୍ତି ବୃଦ୍ଧି ହେବାଦ୍ୱାରା ମନୁଷ୍ୟ ସୁସ୍ଥ ରହିଥାଏ । ବିବାହ ବାଧା ବିଘ୍ନ ଦୂର ହୋଇଥାଏ ଉତ୍ତମ ବର ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ଅଷ୍ଟମ ରୁପରେ ମା ଙ୍କ ଦର୍ଶନ ଓ ପୁଜା ଅର୍ଚ୍ଚନା ପାଇଁ ଏଠାରେ ଦୁର୍ଗା ମନ୍ଦିର ଓ ଦେବୀ ମନ୍ଦିର ମାନଙ୍କ ଗୁଡ଼ିକରେ ବଡି ଭୋର ରୁ ଭକ୍ତ ମାନଙ୍କ ଭିଡ ଦେଖିବାକୁ ମିଳିଛି। ଗୌରୀ ବେଶ ରେ ମାଆ ଉଭା ହୋଇ ଭକ୍ତ ମାନଙ୍କୁ ଆଜି ଦର୍ଶନ ଦେଉଛନ୍ତି ।

# କଣ୍ଟାବାଞ୍ଜି ବିଧାନସଭା ପ୍ରାର୍ଥୀ ହେଲେ ମୁଖ୍ୟମନ୍ତ୍ରୀ



କଣ୍ଟାବାଞ୍ଜି(ପିପିଏସ): ପ୍ରତୀକ୍ଷା ର ଅନ୍ତ ଘଟିଲା, ଅନେକ ଚର୍ଚ୍ଚା ଓ ସମ୍ଭାବନା ଭିତରେ ସସ୍ପେନ୍ସ ର ଅନ୍ତ ଘଟିଲା କ୍ଷ ଆଜି ରାମ ନବମୀ ଉତ୍ସାହ କୁ ଦୁଇଗୁଣ କରିଛନ୍ତି ବିଜେଡି ସଭାପତି ମାନନୀୟ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ । ବିଧାନ ସଭା ୫ମ୍ପଷ ଲିଷ୍ଟରେ ବିଧାନ ସଭା ପ୍ରାର୍ଥୀ ଘୋଷଣାରେ ଦଳ ସୁପ୍ରିମୋଙ୍କ ନାଁ ଘୋଷଣା ରୁ ଦଳିଅ କାର୍ଯ୍ୟକର୍ତ୍ତାରେ ଭାରି ଉତ୍ସାହ ଦେଖିବାକୁ ମିଳିଥିଲା କ୍ଷ ସ୍ଥାନୀୟ ହନୁମାନ ଛକରେ ଦଳ କର୍ମୀ ସହ ଜନତାଙ୍କ ଭାରି ଭିଡ଼ ହୋଇଥିଲା କ୍ଷ ଦୀପାୱାଲୀ ପର୍ବ ବାତାବରଣ ସୃଷ୍ଟି ହୋଇଥିଲା । ଏହି ହର୍ଷ ସମୟରେ ପାଟଣାଗଡ ପୂର୍ବତନ ବିଧାୟକ ଓ ବିଧାୟକ ସରୋଜ ମେହେର ମଧ୍ୟ ଉତ୍ସାହରେ ସାମିଲ ହେବାକୁ ପହଂଚିଥିଲେ, ପୂର୍ବତନ ବିଧାୟକ ଆୟୁବ ଖାନ, ଜିଲ୍ଲା ସାଧାରଣ ସମ୍ପାଦକ ଫିରୋଜ ଖାନ, ଜିଲ୍ଲା ପରିଷଦ ସଦସ୍ୟା ନିରୁପମା ମାଂଝି, କାର୍ଯ୍ୟକର୍ତ୍ତା ଗିରିରାଜ ସିଂହମାଂଝି, ଅମଜାଦ ଖାନ ସହ ହଜାର ହଜାର କର୍ମୀ ସାମିଲ ହୋଇଥିଲେ ଉଲ୍ଲାସ ପର୍ବରେ । ଗୋଟିଏ ସାକ୍ଷାତ୍କାରରେ ପୂର୍ବତନ ବିଧାୟକ ଆୟୁବ ଖାନ କହିଥିଲେ ଯେ ଆଜି ରାମ ନବମୀ ଉତ୍ସାହ ରେ ସମସ୍ତେ ଉତ୍ସାହ ମୁଖରେ ଅଛନ୍ତି, ମାନନୀୟ ମୁଖ୍ୟମନ୍ତ୍ରୀଙ୍କ କଣ୍ଟାବାଞ୍ଜି ଆସନ ରୁ ବିଧାନ ସଭା ପ୍ରାର୍ଥୀ ହୋଇଛନ୍ତି, ସାଢେ ଚାର କୋଟି ଜନତାଙ୍କ ଜନନାୟକ ଅଛନ୍ତି, ଓଡିଶା ର ଭାଗ୍ୟ ବିଧାତା , ତାଙ୍କୁ ବହୁସଂଖ୍ୟାରେ ବହୁମତ ଦେଇ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ନିର୍ବାଚିତ କରିବେ। ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଏକତ୍ରିକରଣ ପାଇଁ ଦଳ ସୁପ୍ରିମୋଙ୍କ ବିଧାନ ସଭା ପ୍ରାଥୀ ଘୋଷଣା ରେ ନିର୍ବାଚନୀ ଲହର ଗୋଟିଏ ଆଡ଼େ ଯାଉଥିବା ଭଳି ଜଣାପଡୁଛି । ଭାରି ବହୁମତର ସମ୍ଭାବନା ଅନୁମାନ କରାଯାଉଛି । ଦଳ ସୁପ୍ରିମୋ ନବୀନ ପଟନାୟକଙ୍କ ଚେହେରା ବିରୋଧି ଦଳ ପାଇଁ ଗୋଟିଏ ବଡ଼ ଚ୍ୟାଲେଞ୍ଜ ହୋଇପାରେ ଚର୍ଚ୍ଚାହେଉଛି ।

# ବରିଷ୍ଠ ନାଗରିକଙ୍କଠାରୁ ଟଙ୍କା ହଡ଼ପ କରୁଥିବା ଯୁବକକୁ ଗିରଫ କଲା ବଲାଙ୍ଗିର ଟାଉନ ପୋଲିସ୍

ବଲାଙ୍ଗିର(ହି ସ) : ବରିଷ୍ଠ ନାଗରିକମାନଙ୍କୁ ଏଟିଏମ୍‌ରୁ ଟଙ୍କା ବାହାର କରିବାରେ ସାହାଯ୍ୟ କରିବା ବାହାନାରେ ଚତୁରତା ସହିତ ଏଟିଏମ୍ କାର୍ଡ ଅଦଳବଦଳ କରି ଚତୁରତାର ସହ ସିନିଅର ସିଟିଜନ୍‌ଙ୍କ ଟଙ୍କା ହଡ଼ପ୍ କରୁଥିବା ଜଣେ ଯୁବକଙ୍କୁ ଗିରଫ୍ କରିବାରେ ସଫଳ ହୋଇଛି ବଲାଙ୍ଗିର ଟାଉନ୍ ପୋଲିସ । ଏ ସଂକ୍ରାନ୍ତରେ ବଲାଙ୍ଗିର ଏସ୍‌ଡ଼ିପିଓ ପ୍ରଦୀପ କୁମାର ସାହୁ ଏକ ଆହୂତ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି । ଦିଆଯାଇଥିବା ସୂଚନା ଅନୁସାରେ ଗତ ଏପ୍ରିଲ ୫ ତାରିଖ ଦିନ ପ୍ରାୟ ୧୨ଟା ସମୟରେ ବଲାଙ୍ଗିର ସହର ରମାଇପଡ଼ା ନିବାସୀ କ୍ଷୀତିଶ ରଂଜନ ମେହେର(୮୩) ଚନ୍ଦ୍ରଶେଖର ନଗର ରେ ଥିବା ଏକ ଏଟିଏମ୍ କାଉଣ୍ଟରକୁ ଟଙ୍କା କାଢ଼ିବା ପାଇଁ ଆସିଥିଲେ । ବୟସ ଅଧିକ କାରଣ ଯୋଗୁଁ ଏଟିଏମ୍‌ରୁ ଟଙ୍କା କାଢ଼ିବାରେ ସେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳକୁ ସେଠାରେ ଥିବା ଜଣେ ଯୁବକ ତାଙ୍କୁ ସାହାଯ୍ୟ କରିବା ବାହାନାରେ ତାଙ୍କର ଏଟିଏମ୍ କାର୍ଡ ଏବଂ ପିନ୍ କୋଡ୍ ମାଗିଥିଲେ ଓ ଯୁବକ ଜଣକ ଚତୁରତାର ସହ ଶ୍ରୀ ମେହେରଙ୍କ ଏଟିଏମ୍ କାର୍ଡକୁ ବଦଳାଇ ତାଙ୍କୁ ନିଜର ଏଟିଏମ୍ କାର୍ଡ ଟି ଦେଇ ଫେରାର ହୋଇ ଯାଇଥିଲେ । ସଂପୃକ୍ତ ଯୁବକ ଜଣକ ଏହାପରେ ବଲାଙ୍ଗିର ସହରର ଭାଗୀରଥି ଛକ ସ୍ଥିତ ଏଟିଏମ୍ କାଉଣ୍ଟର ରୁ ଶ୍ରୀ ମେହେରଙ୍କ ଏଟିଏମ୍ କାର୍ଡ ବ୍ୟବହାର କରି ୪୦ ହଜାର ଟଙ୍କା କାଢ଼ିବା ସହ ତାଙ୍କ ବାଇକ୍‌ରେ ଟିକ୍ରାପଦାରେ ଥିବା ରାମକୃଷ୍ଣ ପେଟ୍ରୋଲ ପମ୍ପ ରୁ ଏଟିଏମ୍ ବ୍ୟବହାର କରି ୯ ଶହ ଟଙ୍କାର ପେଟ୍ରୋଲ ପକାଇଥିଲେ । କୌଣସି ସୂତ୍ରରୁ ବରିଷ୍ଠ ମେହେର ଠକାମୀ ରେ ପଡ଼ିଥିବା ତାଙ୍କ ଏଟିଏମ୍ ଜାଲିଆତି ସଂପର୍କରେ ଜାଣିବା ପରେ ଗତ ୬ ତାରିଖ ଦିନ ବଲାଙ୍ଗିର ଟାଉନ୍ ଥାନାକୁ ଆସି ଏ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ । ଏହିଭଳି ଏହାପୂର୍ବରୁ ଅନ୍ୟ ତିନି ଚାରୋଟି ଅଭିଯୋଗ ଟାଉନ୍ ଥାନାରେ ପହଂଚିଥିବା ଯୋଗୁଁ ଏହି ମାମଲାକୁ ଗୁରୁତ୍ୱ ସହକାରେ ଗ୍ରହଣ କରିଥିଲା ପୋଲିସ । ଘଟଣାଟି ସମ୍ପର୍କରେ ବଲାଙ୍ଗିର ଏସ୍‌ପି ରିଷିକେଶ ଖିଲାରୀଙ୍କ ଦୃଷ୍ଟିକୁ ଆସିବା ପରେ ତାଙ୍କ ନିର୍ଦ୍ଦେଶରେ ଏକ ସତନ୍ତ୍ର ଟିମ୍ ଗଠନ କରାଯାଇଥିବା ବେଳେ ଖୋଳତାଡ କରି ଅଭିଯୁକ୍ତ ଯୁବକଙ୍କୁ ସମ୍ବଲପୁରରୁ ଗିରଫ୍ କରିଛି ବଲାଙ୍ଗିର ଟାଉନ୍ ପୋଲିସ । ସଂପୃକ୍ତ ଅଭିଯୁକ୍ତ ଜଣକ ହେଲେ ବରଗଡ଼ ସଦର ଥାନା ଅନ୍ତର୍ଗତ ତୋରା ନିବାସୀ ବର୍ତ୍ତମାନ ନିଗମାନନ୍ଦ ବିହାର ବଲାଙ୍ଗିର ର ଜୟ ସରାଫ (୩୩) । ଏହି ଯୁବକଙ୍କ ଶ୍ୱଶୁର ଘର ଟିଟିଲାଗଡ଼ ସହରରେ ହୋଇଥିବା ବେଳେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଏଭଳି ଅନେକ ଘଟଣାରେ ସେ ସଂପୃକ୍ତ ଥିବା ତୁଷୁରା, ଲୋଇସିଂହା, ସଦର ପାଟଣାଗଡ ଓ ଦେଓଗାଁ ଥାନା ରେ ତା ନାମରେ ମାମଲା ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ଏହାପୂର୍ବରୁ ତାଙ୍କ ନାମରେ ବିଭିନ୍ନ ଥାନାରେ ୮ଟି ଏଭଳି ଠକେଇ ମାମଲା ରହିଥିବା କୁହାଯାଇଛି । ଅଭିଯୁକ୍ତ ଜୟ ସରାଫ ଏଭଳି ନିରୀହ ବରିଷ୍ଠ ନାଗରିକ ମାନଙ୍କୁ ଠକି ହାତଉଥିବା ଟଙ୍କାରେ ସୁନା ରୂପା ଅଳଙ୍କାର କିଣି ନିଜ ପାଖରେ ରଖିଥିବା ମଧ ସୂଚନା ଦିଆଯାଇଛି । ଅଭିଯୁକ୍ତଙ୍କ ପାଖରୁ ନଗଦ ୪୧ ହଜାର ୬୮୫ ଟଙ୍କା, ଗୋଟିଏ ସୁନାର ମଙ୍ଗଳସୂତ୍ର, ଗୋଟିଏ ସୁନା ଚେନ୍, ୩ଟି ଏଟିଏମ୍ କାର୍ଡ, ଗୋଟିଏ ବୁଲେଟ୍ ଏବଂ ଅନ୍ୟ ଏକ ବାଇକ୍, ଗୋଟିଏ ମୋବାଇଲ୍ ଫୋନ୍ ସହ ଆହୁରି ଅନେକ ଆପତ୍ତିଜନକ ସାମଗ୍ରୀ ଉଦ୍ଧାର କରିଛି ବଲାଙ୍ଗିର ଟାଉନ ପୋଲିସ ।

# ଡାକ୍ତରଖାନାକୁ ଚିକିତ୍ସିତ ହେବାକୁ ଆସି ଜଣେ ମୃତ

ଚମ୍ପୁଆ(ହି.ସ.): ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆସିଥିବା ଜଣେ ବ୍ୟକ୍ତି ଚିକିତ୍ସିତ ହେବା ପୂର୍ବରୁ ମୃତ୍ୟୁବରଣ କରିଥିବା ଜଣା ପଡିଛି। ମିଳିଥିବା ଖବର ଅନୁସାରେ, ଆଜି ସକାଳ ପ୍ରାୟ ଦଶଟା ସମୟରେ ଜଣେ ବ୍ୟକ୍ତି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସିତ ହେବା ପାଇଁ ଆସି ଥିବାବେଳେ ଡାକ୍ତରଙ୍କ ପରାମର୍ଶ ନେବା ପୂର୍ବରୁ ମୃତ୍ୟୁ ବରଣ କରିଛି। ମୃତ ବ୍ୟକ୍ତିଙ୍କ ନାମ ସକରୁଲା ଖାନ୍ ଘର ରାଜସ୍ଥାନ ଭରତପୁର ଜିଲ୍ଲାର ଜଲାଲପୁର ବୋଲି ଜଣାପଡିଛି। ସେ ଜଣେ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ତେବେ ଆଜି ସେ ରିମୁଲି ନୋ ଏଂଟ୍ରିରେ ଗାଡି ଛାଡି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସିତ ହେବା ପାଇଁ ଆସିଥିବା ବେଳେ ଡାକ୍ତରଖାନା ପରିସରରେ ହଠାତ ପଡି ଯାଇଥିଲେ। ସଙ୍ଗେ ସଙ୍ଗେ ଡାକ୍ତରଖାନା କର୍ମଚାରୀ ଡାକ୍ତରଖାନାରେ ଭର୍ତି କରିଥିଲେ ମ୍ଭ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଜଣା ପଡି ନ ଥିବା ବେଳେ ଖବର ପାଇ ଚମ୍ପୁଆ ପୋଲିସ ଡାକ୍ତରଖାନାରେ ପହଂଚି ମୃତଦେହକୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି।

# ଟିଟିଲାଗଡରେ ବିଜେଡିର କର୍ମୀ ସମ୍ମିଳନୀ



ଟିଟିଲାଗଡ଼(ପିପିଏସ): ଟିଟିଲାଗଡ଼ ବିଜେଡିର ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ସଇଁତଳା ବ୍ଲକ ଅଞ୍ଚଳର ନେତାକର୍ମୀଙ୍କୁ ନେଇ ବିଶାଳ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି କ୍ଷ ସଭାରେ ବିଜେପି ଟିଟିଲାଗଡ଼ ବିଧାୟକ ପ୍ରାର୍ଥୀନି ତଥା ମନ୍ତ୍ରୀ ଟୁକୁନି ସାହୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସାଧାରଣ ଜନତାଙ୍କ ପାଇଁ ରହିଥିବା ସରକାରୀ ଯୋଜନା, ଛାତ୍ର ବୃତ୍ତି, ମହିଳା ଗୋଷ୍ଠି, ଚାଷୀଙ୍କ ପାଇଁ ବିନା ସୁଧରେ ଋଣ ଯୋଜନା ଆଦି ନେଇ ଦଳୀୟ କର୍ମକର୍ତ୍ତା ଲୋକଙ୍କ ପାଖକୁ ଯିବାକୁ କହିଛନ୍ତି କ୍ଷ ସଭାରେ ଦଳୀୟ ପର୍ଯ୍ୟବେକ୍ଷକ ଲୋଟସ ଷଡ଼ଙ୍ଗୀ, ମନ୍ତ୍ରୀଙ୍କ ସଇଁତଲା ବ୍ଲକ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ବ୍ଲକ ସଭାପତି ଟୁନୁ ରାଜପାଳିଆ, ତୁଳସୀ ସାହୁ, ରାଜେଶ ପ୍ରଧାନ, ଜ୍ଞାନରଞ୍ଜନ ସରାଫ, ଦିଲୀପ ରାଜପାଲିଆ, ସଇଁତଲା ସରପଞ୍ଚ ସୁବ୍ରତ ନାଗ, ଟିକ୍ରାପଡ଼ା ଜୋନ ଜିଲା ପରିଷଦ ସଭ୍ୟ ହିମାଞ୍ଚଳ ବୁଡ଼େକ, ବରିଷ୍ଠ ନେତା ଅଖିଳେଶ୍ୱର ରଣା, ରାଜେଶ ବେହେରା, କପିଳ ଭୋଇ, ଦିନେଶ ପ୍ରଧାନ, କାନନ ପଟ୍ଟନାୟକ, ଡୋଳାମଣି ଥପା, ଗଦାଧର ସାହୁ, ଅଶୋକ ମାଝୀ, ବିନେଶ ଗହୀର, ଜ୍ୟୋତିରଞ୍ଜନ ମହାନ୍ତି, ଅଶୋକ ମାଝୀ, ସନ୍ତୋଷ ବେହେରା, ବୈକୁଣ୍ଠ ମାଝୀ, ରାମେଶ୍ୱର ସାହୁ, ପ୍ରେମରାଜ ପାଣ୍ଡେ, ଆଲୋକ ବୁଡ଼େକ, ମାନ୍ଧାତା ବକୁଳ, ସିଦ୍ଧେଶ୍ୱର ମାଝୀ, ଜୟସିଂ ରଣା, ନିଲୁ ମହାନନ୍ଦ, ମୁନୁ ମହାନନ୍ଦ, ହେମନ୍ତ ସାହୁ, ନାରାୟଣ ବଗର୍ତି, ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଏହି ଅବସରରେ ଡୁଙ୍ଗୁରିପାଲି ପେକ୍ସ ସଭାପତି ଲକ୍ଷେଶ୍ୱର ସାହୁ, ବ୍ରହ୍ମା ରଣା, ବିଜେପି ନେତା ସୋମନାଥ ନାଏକ, ଦୀପପାଲ ବଗର୍ତି, ବେଲଗାଁର ବରିଷ୍ଠ ଆଦିବାସୀ ନେତା ତ୍ରିନାଥ ମାଝୀ, ବରିଷ୍ଠ କଂଗ୍ରେସ ନେତା ହିଜକ୍ଷ ନାଗ ପ୍ରମୁଖ ସେମାନଙ୍କ ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଥିଲେ ।

# ଏମପିଭି ୨୭ ଗ୍ରାମରେ ମା’ ବାସନ୍ତୀଙ୍କ ଆଶୀର୍ବାଦ ନେଇ ନିର୍ବାଚନ ପ୍ରଚାର

ମାଲକାନଗିରି(ହି.ସ.): ମାଲକାନଗିରି ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ଏମ.ପି.ଭି.୨୭ ଗ୍ରାମ ଠାରେ ଗତକାଲି ମା ବାସନ୍ତିଙ୍କ ସପ୍ତମି ପୂଜା ଅବସରରେ ମୁଖ୍ୟ ଅତିଥି ରୂପେ ମାଲକାନଗିରି ବିଧାନସଭା ବିଧାୟକ ପ୍ରାର୍ଥୀ ତଥା ସଭାପତି ଜ୍ଲିା ବିଜୁ ଜନତା ଦଳ ମାନସ ମାଡକାମି ଓ କାର୍ଯ୍ୟକାରି ସଭାପତି ଜ୍ଲିା ବିଜୁ ଜନତା ଦଳ ଦୁର୍ଗା ପ୍ରସାଦ ତ୍ରିପାଠୀ ଯୋଗଦାନ କରି ପୂଜା ଅର୍ଚ୍ଚନା କରି ନିର୍ବାଚନି ପ୍ରଚାର କରିବା ସହ ଗ୍ରାମ ବାସୀଙ୍କୁ ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ର ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠା କୁ ଟାଣ କରିବା ସହ ସାଂସଦ ଓ ବିଧାୟକ ପ୍ରାଥୀ ଙ୍କୁ ବିକାଶ ର ଚିହ୍ନ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟ ଯୁକ୍ତ କରିବା ପାଇଁ ଅନୁରୋଧ କରିଥିଲେ । ତେବେ ଏହି ଅବସରରେ ଅନ୍ୟତମ ଅତିଥି ଭାବେ ଉପାଧ୍ୟକ୍ଷ ଜ୍ଲିା ପରିଷଦ ପତିତପାବନ ବୈଦ୍ୟ ,କାଲିମେଳା ବ୍ଲକ ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ,ଜ୍ଲିା ସାଧାରଣ ସମ୍ପାଦକ ଇ. ଭେଙ୍କଟ ରାଓ,ସରପଂଚ ରାମା କବାସୀ,ଗଙ୍ଗା ମାଡ଼ି ,ଅନିଲ ଘରାମି , ରମେନ ମଣ୍ଡଳ,କେ.ରାହୁଲ,ବି.ବିଭୁତି ଭୂଷଣ,ସୁଭାଷ କବାସୀ,ବ୍ରଜେନ ମିସ୍ତ୍ରୀ,ମନୋଜ ପାତ୍ର,ଦେବବ୍ରତ ଙ୍କ ସହ ସମସ୍ତ ଯୁବକ ଗୋଷ୍ଠି ଉପସ୍ଥିତ ଥିଲେ ।

ଯେଉଁ ପ୍ରସ୍ତାବ କାର୍ଯ୍ୟକାରୀ ବୋଲି ସାବ୍ୟସ୍ତ ହେଉଛି, ଅଥଚ ସରକାର କରୁ ନାହାଁନ୍ତି, ତେବେ ସେ ସରକାର ଅପ୍ରିୟ ହୋଇ ଚାଲିଗଲେ ଆଉ ଯେ ସରକାର ଆସିବ ସେ ଉକ୍ତ ପ୍ରସ୍ତାବ ଅନୁସାରେ କାମ କରିବ । ଏହାକୁ ହିଁ କୁହାଯାଏ ଗଠନମୂଳକ ମନୋବୃତ୍ତି ବା ସମାଲୋଚନା ।

(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୧୧୬)

-ଉତ୍କଳ ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର
ତା ୧୮।୦୪।୨୦୨୪ ■ ଗୁରୁବାର

# ବିକଶିତ ଭାରତ ପାଇଁ ପ୍ରତିଶ୍ରୁତି

ଭାରତୀୟ ଜନତା ପାର୍ଟିର ସଂକଳ୍ପପତ୍ର (ନିର୍ବାଚନୀ ଇସ୍ତାହାର) 'ମୋଦି କା ଗ୍ୟାରେଣ୍ଟି'ରେ ଭାରତବର୍ଷ ପାଇଁ ତୃଣମୂଳସ୍ତରରୁ ବିକାଶକୁ ଗୁରୁତ୍ୱ ଦିଆଯାଇଛି । ନିର୍ବାଚନ ଇସ୍ତାହାରରେ ରାଜନୈତିକ ଦଳର ଦୃଷ୍ଟିକୋଣ ଓ ଦୂରଦର୍ଶୀ କାର୍ଯ୍ୟପନ୍ଥାର ପ୍ରତିଫଳନ ହିଁ ହୋଇଥାଏ । କ୍ରମାଗତ ଭାବେ ତୃତୀୟ ଥର ପାଇଁ ଦେଶରେ କ୍ଷମତାକୁ ଆସିଲେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟପନ୍ଥା ଗ୍ରହଣ କ'ଣ ହେବ, ତାହାର ଏକ ସ୍ପଷ୍ଟଚିତ୍ର ସଂକଳ୍ପପତ୍ରରେ ସ୍ପଷ୍ଟ ହୋଇଛି । କଂଗ୍ରେସର ନିର୍ବାଚନୀ ଇସ୍ତାହାର 'ନ୍ୟାୟପତ୍ର'ରେ ୫ ନ୍ୟାୟ ୨୫ ଗ୍ୟାରେଣ୍ଟି କଥା କୁହାଯାଇଥିବା ବେଳେ ବିଜେପିର 'ସଂକଳ୍ପ ପତ୍ର'ରେ ବିକଶିତ ଭାରତ ପାଇଁ ୪ ବର୍ଗ ଯୁବ, ମହିଳା, ପଛୁଆ ବର୍ଗ ଓ କୃଷକଙ୍କୁ ସଶକ୍ତୀକରଣ ପାଇଁ ପ୍ରତିଶ୍ରୁତି ଦିଆଯାଇଛି । ଦେଶର ସମସ୍ତ ଜନସାଧାରଣଙ୍କୁ ନିଜ ନିର୍ବାଚନୀ ଅଭିଯାନର କେନ୍ଦ୍ରରେ ରଖି ସାଂସ୍କୃତିକ ରାଷ୍ଟ୍ରବାଦକୁ ଆଗକୁ ବଢ଼ାଇବା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି ଭାରତୀୟ ଜନତା ଦଳ ।

ଭାରତୀୟ ଜନତା ପାର୍ଟିର ଘୋଷଣାପତ୍ରରେ ଅନେକ ଲୋକହିତକର ପ୍ରତିଶ୍ରୁତିକୁ ଲକ୍ଷ୍ୟ କରାଯାଏ । ୭୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ, ୮୦କୋଟି ପରିବାରକୁ ୫ବର୍ଷ ପର୍ଯ୍ୟନ୍ତ ମାଗଣା ରାସନ, ମୋଦିଙ୍କ ତୃତୀୟ କାର୍ଯ୍ୟକାଳରେ ୩କୋଟି ମହିଳାଙ୍କୁ ଲକ୍ଷପତି ଦିଦି ସୃଷ୍ଟି କରିବାର ଗ୍ୟାରେଣ୍ଟି, ଇଲେକ୍ଟ୍ରିକାଲ୍ ଓ କମର୍ସିଆଲ୍ କ୍ଷେତ୍ରରେ କାର୍ଯ୍ୟରତ ମହିଳାଙ୍କ ପାଇଁ ଶିଶୁଙ୍କ ସହ ବ୍ୟବସ୍ଥା ଥିବା ହଷ୍ଟେଲ ନିର୍ମାଣ, କୃଷକମାନଙ୍କ ହିତକୁ ଦୃଷ୍ଟିରେ ରଖି ଭାରତ କୃଷି ସାଟେଲାଇଟ୍ ବ୍ୟବସ୍ଥା ଆରମ୍ଭ, ଟ୍ରକ୍ ଚାଳକମାନଙ୍କ ପାଇଁ ଜାତୀୟ ରାଜପଥରେ ବିଶ୍ରାମ ଗୃହ ନିର୍ମାଣ ଆଦି ଲକ୍ଷ୍ୟ ରଖିଥିବାର ଘୋଷଣା କରିଛି । ଭାରତକୁ ପ୍ରତିଟି କ୍ଷେତ୍ରରେ ଆଗକୁ ନେବା ପାଇଁ ଏକ ସଂପ୍ରସାରିତ ଦୃଷ୍ଟିକୋଣକୁ ଭିତ୍ତି କରାଯାଇଛି । ଭୋଟରମାନଙ୍କୁ ସେମାନଙ୍କ ବିକାଶର ଆଧାରରେ ପ୍ରଭାବିତ କରିବା ପାଇଁ ଏଥିରେ ପ୍ରୟାସ ଥାଇପାରେ, ମାତ୍ର ଶସ୍ତା ଲୋକପ୍ରିୟତା ଏହାର ଆଧାର ନୁହେଁ ।

ଭାରତୀୟ ଜନତା ପାର୍ଟିର ନିର୍ବାଚନୀ ଘୋଷଣା ପତ୍ରରେ ଏହି ଦଳ 'ଏକ ନେସନ୍ ଏକ ଇଲେକ୍ସନ୍'ର ଗ୍ୟାରେଣ୍ଟି ଦିଆଯିବା ସହ ଦେଶ ହିତ ଦୃଷ୍ଟିରୁ 'ସମାନ ନାଗରିକ ସଂହିତା' ଲାଗୁ କରିବା ପାଇଁ ସମସ୍ତ ପ୍ରକାର ସମ୍ଭାବନାକୁ ବିଚାର କରିବ । ଯୋଗାଯୋଗ କ୍ଷେତ୍ରକୁ ମଧ୍ୟ ଏଥିରେ ଗୁରୁତ୍ୱ ଦିଆଯାଇଛି । ସାରା ଦେଶରେ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି । ଏଥିରେ ବନ୍ଦେ ଭାରତ ସ୍ଲିପର, ବନ୍ଦେ ଭାରତ ମେଟ୍ରୋ, ବନ୍ଦେ ଭାରତ ଚେୟାରକାର୍ ସାମିଲ କରାଯିବ । ଦେଶର ଉତ୍ତର, ଦକ୍ଷିଣ ଓ ପୂର୍ବ କ୍ଷେତ୍ରରେ ଗୋଟିଏ ଗୋଟିଏ ବୁଲେଟ୍ ଟ୍ରେନ୍ ଗତିଶୀଳ ରେଳ କରିଡୋର ନିର୍ମାଣ ହେବ । ବୁଲେଟ୍ ଟ୍ରେନ୍ କରିଡୋର ପାଇଁ ଦଳ ନିଜର ପ୍ରତିବଦ୍ଧତା ଦୋହରାଇଛି । ଆଗାମୀ ୫ବର୍ଷ ୫୦୦୦ କିଲୋମିଟର ନୂଆ ରେଲଟ୍ରାକ୍ ବିଛାଯିବ । ଦେଶର ୨ ଲକ୍ଷରୁ ଅଧିକ ଗ୍ରାମ ପଞ୍ଚାୟତକୁ ଭାରତ ନେଟ୍ ବ୍ରଡ଼ବ୍ୟାଣ୍ଡ ସହ ଯୋଡ଼ିବା ସହ ୫ବର୍ଷରେ ସବୁ ଗ୍ରାମପଞ୍ଚାୟତକୁ ଏହି ସୁଯୋଗ ଦେବା ପାଇଁ ପ୍ରତିଶ୍ରୁତି ରହିଛି । ୨୦୩୬ ମସିହାରେ ଦେଶ ଅଲମ୍ପିକ୍ ଖେଳ ଆୟୋଜନ କରିବାର ସୂଚନା ମଧ୍ୟ ଏଥିରେ ରହିଛି । ଭାରତୀୟ ଜନତା ପାର୍ଟି ଫୋକସ୍‌ରେ ତାମିଲନାଡୁ ରହିଛି । ସେଥିପାଇଁ ପ୍ରାଚୀନ ତାମିଲ ଭାଷାର ବିକାଶ ସହ ଏହାର ସାଂସ୍କୃତିକ ବୈଭବକୁ ବିସ୍ତାର ପାଇଁ ଯୋଜନା କରାଯିବ । ସଂଗ୍ରାମୀ ବିର୍ସା ମୁଣ୍ଡା ୧୫୦ ଜନ୍ମ ଜୟନ୍ତୀକୁ ଜନଜାତୀୟ ଗୌରବ ବର୍ଷ ଭାବେ ପାଳନ କରାଯିବ । ଏ ଦୃଷ୍ଟିରୁ ବିଚାର କଲେ ସଂକଳ୍ପ ପତ୍ର ଯଥା ସମ୍ଭବ ସବୁ ଦିଗକୁ ବିଚାରକୁ ନେଇଛି ।

ଭାରତୀୟ ଜନତା ଦଳ, କଂଗ୍ରେସ ଓ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ମାକ୍ସବାଦୀ) ନିଜ ନିଜ ନିଜ ନିଜ ଘୋଷଣା ପତ୍ରରେ ଅନେକ ପ୍ରତିଶ୍ରୁତି ଦେଇଛନ୍ତି । କଂଗ୍ରେସ ବିଭିନ୍ନ ସରରେ ୩୦ ଲକ୍ଷ ଚାକିରି ପ୍ରଦାନଠାରୁ ୨୦୨୫ ଭିତରେ ମହିଳାମାନଙ୍କ ପାଇଁ କେନ୍ଦ୍ର ସରକାରରେ ୫୦ ପ୍ରତିଶତ ଚାକିରି ଆରକ୍ଷଣ ରଖିବାର ପ୍ରତିଶ୍ରୁତି ଦେଇଛି । ୨୦୨୪ ପର୍ଯ୍ୟନ୍ତ ଶିକ୍ଷା ଋଣ ଛାଡ଼ ପରି ପ୍ରତିଶ୍ରୁତିରେ ଭୋଟରଙ୍କୁ ପ୍ରଭାବିତ କରିବାର ପ୍ରୟାସ ରହିଛି । ଏଥିରେ ମଧ୍ୟ ଜାତିଗତ ଜନଗଣନାକୁ ଗୁରୁତ୍ୱ ଦିଆଯାଇଛି । ସିପିଆଇ(ଏମ୍) ପକ୍ଷରୁ ରାଷ୍ଟ୍ରୀୟ ସୁରକ୍ଷା ଅଧିନିୟମ, ନାଗରିକତା ସଂଶୋଧନ ଅଧିନିୟମ ପରି ଆଇନକୁ ହଟାଇବାକୁ ପ୍ରତିଶ୍ରୁତି ଦିଆଯାଇଛି । ସବୁଠାରୁ ବଡ଼ କଥା ଏହି ଘୋଷଣାପତ୍ରରେ ଜମ୍ମୁ-କଶ୍ମୀରରେ ଅନୁଚ୍ଛେଦ ୩୭୦ ଓ ଅନୁଚ୍ଛେଦ ୩୫ଏକୁ ପୁଣି ଲାଗୁ କରିବା ପରି ଘୋଷଣା କରାଯାଇଛି । ଏହି ଦଳ କ୍ଷମତାକୁ ଆସିଲେ ଭାରତର ପରମାଣୁ ଅସ୍ତ୍ର ଓ ସାମରିକ ବେସ୍‌କୁ ଶେଷ କରିଦିଆଯିବ ବୋଲି କୁହାଯାଇଛି । ଏପରି ପଦକ୍ଷେପ ଦେଶକୁ କେଉଁ ସ୍ଥିତିକୁ ନେଇଯିବ, ଏହାକୁ ଗମ୍ଭୀରତାର ସହ ବିଚାର କରିବାର କଥା । ଏଥିରେ ଭାରତର ବିକାଶ ସାଧିତ ହେବ କି ? ଏହା ମଧ୍ୟ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ❑❑

# ଦୁର୍ଗୁଣ ଉପରେ ବିଜୟ

ଇହଲୋକରେ ମନୁଷ୍ୟ ଅହଂକାର ବଶବର୍ତ୍ତୀ ହୋଇ ପାପ ବା ଅନୈତିକ କର୍ମ କରେ । ଏହାର ଫଳ ତାକୁ ଜନ୍ମ ଜନ୍ମାନ୍ତର ପର୍ଯ୍ୟନ୍ତ ଭୋଗିବାକୁ ପଡ଼େ । ଅହଂକାର ଏକ ରାକ୍ଷସ ପ୍ରବୃତ୍ତ ଅଟେ । ଏହି ପ୍ରବୃତ୍ତି ଯୋଗୁଁ ଅନ୍ୟ ଦୁର୍ଗୁଣ ମଧ୍ୟ ଏକତ୍ର ହୋଇ ମନୁଷ୍ୟକୁ ପୂର୍ଣ୍ଣ ରାକ୍ଷସ କରିଦିଏ । ଶାସ୍ତ୍ରରେ ରାକ୍ଷସର ବର୍ଣ୍ଣନା ସତ୍ୟ, ତ୍ରେତୟା, ଦ୍ୱାପରରେ ହୋଇଛି । ସେତିକି ନୁହେଁ କଳି ଯୁଗ ଅର୍ଥାତ ବର୍ତ୍ତମାନ ଯୁଗରେ ବହୁ ସଂଖ୍ୟାରେ ରାକ୍ଷସ ଦେଖିବାକୁ ମିଳୁଛନ୍ତି । ଏହି ଯୁଗରେ ରାକ୍ଷସ ପ୍ରବୃତ୍ତିକୁ ଚିହ୍ନିବା ପାଇଁ ଗୋସ୍ୱାମୀ ତୁଳସୀଦାସ ରାମଚରିତ ମାନସରେ କହିଛନ୍ତି ହିତ କରିଥିବା ଲୋକଙ୍କୁ ମଧ୍ୟ ରାକ୍ଷସ ଛାଡ଼ନ୍ତି ନାହିଁ, ମଉକା ମିଳିଲେ ତାଙ୍କ ପ୍ରତି ଖରାପ ଆଚରଣ ପ୍ରଦର୍ଶନ କରିଥାନ୍ତି । ଅନ୍ୟର ହାନି ତାଙ୍କ ଦୃଷ୍ଟିରେ ଲାଭ । ରାକ୍ଷସ ପ୍ରବୃତ୍ତିର ଲୋକ ଅନ୍ୟର ଖୁସିରେ କଷ୍ଟ ପାଆନ୍ତି ଏବଂ ଦୁଃଖ ଦେଖି ଖୁସି ହୁଅନ୍ତି । ଏଭଳି ବ୍ୟକ୍ତି ଅନ୍ୟର କାମ ବିଗାଡ଼ିବା ପାଇଁ ନିଜ ଜୀବନକୁ ବାଜି ଲଗାଇଦିଅନ୍ତି । ଅହଂକାର ଯୋଗୁଁ ଈଶ୍ୱରଙ୍କ ବିଧାନ ଉପରେ ବିଶ୍ୱାସ ନକରି ନିଜକୁ ସ୍ୱୟମ୍ଭୁ ମନେକରନ୍ତି ଓ ନିଜ ନିଷ୍ପତ୍ତିକୁ ସର୍ବୋପରି ମନେକରି ଅନ୍ୟ ଉପରେ ଲଦିବାକୁ ଚେଷ୍ଟା କରନ୍ତି । ରାକ୍ଷସଗଣ ନୀତିକୁ ଅନୀତି ମନେକରନ୍ତି । ରାକ୍ଷସ ପ୍ରବୃତ୍ତି ଯୋଗୁଁ ଏମାନଙ୍କ ଆଖପାଖର ପରିବେଶ ବୋଝପୂର୍ଣ୍ଣ ଓ ନକାରାତ୍ମକ ହୋଇଯାଏ । ଏଥିପାଇଁ ପୃଥିବୀ ଈଶ୍ୱରଙ୍କୁ ପ୍ରାର୍ଥନା କରି କହିଛି, ମୋତେ, ପାହାଡ଼, ବୃକ୍ଷ ଓ କୌଣସି ବସ୍ତୁର ଭାର ସେତିକି ଅନୁଭୂତ ହୁଏନାହିଁ, ଯେତିକି ଜଣେ ରାକ୍ଷସ କଷ୍ଟ ଦିଏ । ଉପର ବର୍ଣ୍ଣିତ ଦୁର୍ଗୁଣ ଯଦି କୌଣସି ମନୁଷ୍ୟଠାରେ ଥାଏ, ତେବେ ତାକୁ ଏ ଯୁଗର ରାକ୍ଷସ ମନେକରିବା ଉଚିତ ଏବଂ କର୍ମଫଳର ସିଦ୍ଧାନ୍ତ ଅନୁସାରେ, ଆସନ୍ତା ଜନ୍ମରେ ତାକୁ ଏହି ରାକ୍ଷସ ପ୍ରବୃତ୍ତିର ଫଳ ଭୋଗିବାକୁ ପଡ଼େ । ରାକ୍ଷସ ପ୍ରବୃତ୍ତିର ବ୍ୟକ୍ତି କେବେ ନିଜ ଦୁର୍ଗୁଣ ମାନିବାକୁ ପ୍ରସ୍ତୁତ ହୁଏନାହିଁ । ତେଣୁ ସ୍ୱାଧ୍ୟାୟ ମାଧ୍ୟମରେ ମନୁଷ୍ୟ ନିଜ ଭିତର ଦେଖିବାକୁ ଚେଷ୍ଟା କରିବା ଉଚିତ । ସମ୍ପୂର୍ଣ୍ଣ ନିରପେକ୍ଷ ରୂପେ ସ୍ୱାଧ୍ୟାୟ କରିବା ଉଚିତ, ଏହାଦ୍ୱାରା ବ୍ୟକ୍ତିତ୍ୱର ଅସଲି ସ୍ୱରୂପ ଜଣାପଡ଼ିବ । ରାକ୍ଷସ ପ୍ରବୃତ୍ତି ଥିବା ବ୍ୟକ୍ତି ଧୀରେ ଧୀରେ ତା ଉପରେ ବିଜୟ ପ୍ରାପ୍ତ କରିବା ଉଚିତ ।

**ଡଃ.ଅରୁନ୍ଧତୀ ଦେବୀ**
କଟକ

# ଭୋଟ ବର୍ଜନ ଧମକର ପ୍ରଭାବ କେତେ ?

**ବିଷ୍ଣୁ ପ୍ରସାଦ ଦାସ**

ଭାରତ ବର୍ଷରେ ସାଧାରଣ ନିର୍ବାଚନ ୨୦୨୪ ମସିହା ଏପ୍ରିଲ ମାସ ୧୮ ତାରିଖରୁ ଆରମ୍ଭ ହୋଇ ୦୧ ଜୁନ ପର୍ଯ୍ୟନ୍ତ ସାତୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ନିର୍ବାଚନର ଫଳାଫଳ ୦୪ ଜୁନ୍ ୨୦୨୪ ତାରିଖରେ ଘୋଷଣା କରାଯିବ । ୨୦୧୯ ମସିହାର ନିର୍ବାଚନ ପରେ ଏହା ଦେଶର ସର୍ବ ବୃହତ ନିର୍ବାଚନ ରୂପେ ଇତିହାସ ସୃଷ୍ଟି କରିବ । ଭାରତ ବର୍ଷର ପ୍ରାୟ ୧୪୨ କୋଟି ଜନସଂଖ୍ୟା ମଧ୍ୟରୁ ପ୍ରାୟ ୯୨ କୋଟି ଜନତା ଭୋଟ ଦେବାପାଇଁ ଉପଯୁକ୍ତ ବିବେଚିତ ହୋଇଛନ୍ତି । ବିଗତ ନିର୍ବାଚନ ସମୀକ୍ଷାରୁ ଜଣାପଡେ ଯେ, ସମୁଦାୟ ଭୋଟରଙ୍କ ମଧ୍ୟରୁ ପ୍ରାୟ ୬୦ ରୁ ୭୦ ପ୍ରତିଶତ ଭୋଟ ଦେଇଥାନ୍ତି । ସେ ଯାହାବି ହେଉ ବହୁ ମତରେ ଜିତିଥିବା ଦଳ ଦେଶର ତଥା ରଜ୍ୟର ଶାସନ ଭାର ଗ୍ରହଣ କରି ଜନତାଙ୍କୁ ସୁଶାସନ ଦେବାକୁ ଚେଷ୍ଟିତ ଥାନ୍ତି । ଭଲ ପ୍ରାର୍ଥୀ ଜିତି ବହୁ ମତରେ ଭଲ ସରକାରଟିଏ ଗଠନ ହେଲେ ଦେଶ ତଥା ରାଜ୍ୟ ପାଇଁ ମଙ୍ଗଳ କାରକ ସାବ୍ୟସ୍ତ ହୁଅନ୍ତି କିନ୍ତୁ ଲୋଭ, ସ୍ୱାର୍ଥ ତଥା ଅହମିକା ଗୁଣ ସମ୍ପର୍ଣ୍ଣ ନେତା ମାନେ ଦେଶ ପାଇଁ ଏକ ପ୍ରକାର କଳଙ୍କ କହିଲେ ଅତ୍ୟୁକ୍ତି ହେବ ନାହିଁ । ଗଣତନ୍ତ୍ରର ପ୍ରକୃତ ଅର୍ଥ ହେଉଛି ' ଜନତାଙ୍କ ଦ୍ୱାରା , ଜନତାଙ୍କ ପାଇଁ, ଏବଂ ଜନତାଙ୍କର ସରକାର' କିନ୍ତୁ ଏହି ମର୍ମ ଟିକୁ କେତେଜଣ ବୁଝୁଛନ୍ତି ବା କାର୍ଯ୍ୟକାରୀ କରୁଛନ୍ତି ? କିଛି ସ୍ଥାନରେ ଗଣତନ୍ତ୍ର ବର୍ତ୍ତମାନ ରଣତନ୍ତ୍ରରେ ପରିଣତ ହେବା ସହିତ ବାହୁବଳ, ଅର୍ଥ ବଳ, ଭୟ ଦେଖାଇ ଭୋଟ ନେବା ସହିତ ଅନେକ ସ୍ଥାନରେ ପାରିବାରିକ ରାଜନୀତି ସବୁଠାରୁ ଭୟଙ୍କର ସମସ୍ୟା ସୃଷ୍ଟି କରି ରାଜତନ୍ତ୍ର ପରି ମନେ ହେଉଛି ତାହାଛଡା ଆଉ ଏକ ଭୟଙ୍କର ସମସ୍ୟା ହେଲା ଦଳ ବଦଳ , ଯାହାର ସ୍ୱାର୍ଥରେ ଆଞ୍ଚ ଆସିଲା ସେ ନିଜର ସ୍ୱାଭିମାନ କୁ ଜଳାଞ୍ଜଳି ଦେଇ ଦଳ ବଦଳାଇ ଅନ୍ୟ ଦଳକୁ ଡେଇଁ ପଡିଲା ସେମାନଙ୍କର ଆଶା ଗୋଟିଏ ଟିକେଟ ପାଇବା ଛଡା ଆଉ କିଛି ନୁହେଁ । ସେବାର ପରିଭାଷା ବଦଳି ଯାଇ ବର୍ତ୍ତମାନ ନେବା ହୋଇ ଯାଇଛି ଏପରିକି ଲକ୍ଷାଧିକ ଟଙ୍କା ସରକାରୀ ପେନ୍ସନ୍ ପ୍ରାପ୍ତ ଅଧିକାରୀ ମାନେ ମଧ୍ୟ ନିର୍ବାଚନ ମଇଦାନକୁ ଓଲ୍ହାଇ ପଡିଛନ୍ତି ସେମାନେ ସତେ ଯେମିତି ଉତ୍କଳମଣି ଗୋପବନ୍ଧୁ ଦାସ ମହାଶୟଙ୍କ ପଟ୍ଟ ଶିଷ୍ୟ , ଦେଶ ପାଇଁ ତାଙ୍କ ପ୍ରାଣ ଖାଲି କଇଁ କଇଁ ହୋଇ କାନ୍ଦି ଉଠୁଛି । ଅନେକ ବହୁରୂପୀ ଏଣ୍ଡୁଅ ବର୍ତ୍ତମାନ ନିର୍ବାଚନ ମୈଦାନରେ ଫମ୍ପା ଭାଷଣ ଦେଇ ଦେଶ ତଥା ଜନତାଙ୍କୁ ଲୁଟିବାର ଉପକ୍ରମ କରିବାରେ ଆପ୍ରାଣ ଉଦ୍ୟମ କରି ଚାଲିଛନ୍ତି ତେଣୁ ସାଧୁଜନେ ଏମାନଙ୍କ ଠାରୁ ଦୂରରେ ରୁହନ୍ତୁ ।

ଭାରତ ବର୍ଷରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ସମ୍ପାଦନ ହୋଇଥାଏ , ମଇ ୨୦୨୩ ବିଜ୍ଞପ୍ତି ପ୍ରକାଶନ ଆଧାରରେ ଭାରତ ବର୍ଷରେ ଜାତୀୟ ଦଳ ୬ ଟି, ରାଜ୍ୟ ବା ପ୍ରାଦେଶିକ ଦଳ ୫୪ ଟି ଏବଂ ପଂଜିକୃତ ଅଣସ୍ୱୀକୃତି ପ୍ରାପ୍ତ ଦଳ ୨୫୯୭ ଟି ରହିଛନ୍ତି । ସ୍ୱୀକୃତି ପ୍ରାପ୍ତ ରାଜନୈତିକ ଦଳମାନେ ଭୋଟର ମାନଙ୍କୁ ନାନା ପ୍ରକାର ପ୍ରଲୋଭନ ଦେଖାଇ ନିଜ ସପକ୍ଷରେ ଭୋଟ ହାତେଇ ଥା'ନ୍ତି , ନିର୍ବାଚନ ପୂର୍ବର ପ୍ରତିଶୃତି ବହି ଆକାରରେ ଲିପିବଦ୍ଧ ହୋଇ ପ୍ରଚାର କରାଯାଇ ଥାଏ । ଭୋଟ ଦାତା ମାନେ ଦଳର ପ୍ରତିଶୃତିକୁ ବିଶ୍ୱାସ କରି ଭୋଟ ଦେଇ ଶେଷରେ ଦଳୀୟ ପ୍ରତିଶୃତି ପାଳନ ନ' ହେବାର କ୍ଷୋଭରେ ନିଜ କପାଳରେ ହାତ ବାଡେଇବା ଛଡା ଆଉ କୌଣସି ବିକଳ୍ପ ନ'ଥାଏ । ରାଜନୀତି କରୁଥିବା ନେତା /ଦଳ ଗୁଡିକ ମିଥ୍ୟା ଏବଂ ପ୍ରବଞ୍ଚନାର ଆଶ୍ରୟ ନେଇ କଳେ ବଳେ କୌଶଳେ ଶାସନ କରିବାର ଚେଷ୍ଟାରେ ଥା'ନ୍ତି ଆଉ ଥରେ ଯଦି ଚୌକି ମଜା ପାଇଗଲେ ତେବେ ପ୍ରାୟ ନବେ ପ୍ରତିଶତ ନେତା ମନ୍ତ୍ରୀଙ୍କର ଆଗାମୀ ପାଞ୍ଚ ପିଢ଼ି ପାଇଁ ଚିନ୍ତା ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ, ତାହାଛଡା ବିଭିନ୍ନ ପ୍ରକାର ସରକାରୀ ସୁବିଧା ପେନ୍ସନ୍ ମଧ୍ୟ ପାଇଥାନ୍ତି । ତେଣୁ ଭାରତ ବର୍ଷରେ ରାଜନୀତି ସବୁଠାରୁ ଭଲ ବୃତ୍ତି /ସେବା , ଏଥିପାଇଁ କୌଣସି ଶିକ୍ଷାଗତ ଯୋଗ୍ୟତାର ପ୍ରତିବନ୍ଧକ ନାହିଁ , ଅନ୍ୟ କର୍ମଚାରୀ ମାନଙ୍କ ପରି ଅବସର କାଳୀନ ବୟସ ସୀମା ନାହିଁ ମୃତ୍ୟୁ ପର୍ଯ୍ୟନ୍ତ ରାଜନୀତିରେ ଜଣେ ସକ୍ରିୟ ରହିପାରିବେ । ସେମାନଙ୍କର ବୟସ ଯେତେ ବଢୁଥିବ ମସ୍ତିଷ୍କ ସେତେ ଉର୍ବର / ସକ୍ରିୟ ହେଉଥିବ ଏମାନେ ସୃଷ୍ଟି କର୍ତ୍ତାଙ୍କ ବିରଳ ସୃଷ୍ଟି କୁହାଯାଇ ପାରେ । ସମ୍ବିଧାନକୁ ସଂଶୋଧନ କରି ନେତା ମନ୍ତ୍ରୀ ମାନଙ୍କ ସର୍ବୋଚ୍ଚ ବୟସ ସୀମା କ'ଣ ନିର୍ଦ୍ଧାରଣ କରାଯାଇ ପାରିବ ନାହିଁ ? ଏକାଧିକ ପେନ୍ସନ୍ ପ୍ରକ୍ରିୟାକୁ କ'ଣ ବଦଳାଯାଇ ପାରିବ ନାହିଁ ? ସବୁ ସମ୍ଭବ କିନ୍ତୁ ଏହା ନିଜ ସ୍ୱାର୍ଥ ପାଇଁ କରାଯାଉ ନାହିଁ ।

ସମ୍ପ୍ରତି ନିର୍ବାଚନ ସମୟ ଆସିଗଲେ ବିଭିନ୍ନ ଗୋଷ୍ଠୀଙ୍କ ଦ୍ୱାରା ଭୋଟ ବର୍ଜନର ଧମକ ଦିଆ ଯାଇ ଥାଏ, ଏହାର ପ୍ରଭାବ ନିର୍ବାଚନ ଆୟୋଗଙ୍କ ସହିତ ସରକାର ଏବଂ ଆଶାୟୀ ପ୍ରାର୍ଥୀଙ୍କ ଉପରେ କେତେ ପଡେ ତାହତ ସମସ୍ତେ ଜାଣନ୍ତି । ଭାରତ ପରି ଅନେକ ଗଣତନ୍ତ୍ର ରାଷ୍ଟ୍ରରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସର ନାଗରିକ ମାନେ ଭୋଟ ଦେଇ ନିଜର ମନ ପସନ୍ଦର ପ୍ରାର୍ଥୀଙ୍କୁ ନିର୍ବାଚିତ କରିଥାନ୍ତି । ଭୋଟ ଦେବା ନାଗରିକର କର୍ତ୍ତବ୍ୟ , ଭାରତ ବର୍ଷରେ ଚଳିତ ବର୍ଷ ପ୍ରାୟ ୯୨ କୋଟି ଭୋଟର ଅଛନ୍ତି ସେମାନଙ୍କ ମଧ୍ୟରୁ କେତେ ପ୍ରତିଶତ ଭୋଟ ଦେବାକୁ ଆସୁଛନ୍ତି ତାହା ଖାଲି ଦେଖିବା କଥା । ତେବେ ଭୋଟ ବର୍ଜନ କଣ ଆମର ସବୁ ଅସୁବିଧାକୁ ସମାଧାନ କରିବାର ପ୍ରକୃତ ମାର୍ଗ ? ଯେଉଁମାନେ ଗତ ନିର୍ବାଚନ ସମୟରେ ତାଙ୍କର ମନ ପସନ୍ଦ ପ୍ରାର୍ଥୀ ଚୟନ କରିଥିଲେ ସେମାନେ ପ୍ରାର୍ଥୀଙ୍କ ଠାରୁ କ'ଣ ପାଇବାର ଆଶାରେ ଭୋଟ ଦେଇଥିଲେ ? ପ୍ରାର୍ଥୀ ଯଦି ତାଙ୍କର ପ୍ରତିଜ୍ଞା ପୁରଣ କରି ନ ପାରୁଛନ୍ତି ତେବେ ଜନତା ଚାହିଁଲେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଦର୍ଶା ଯାଇଥିବା ନୋଟା (ନୋଟା) ଚିହ୍ନରେ ଭୋଟ ଦେଇ ପାରିବେ । ତେବେ ଏଥିରେ କୌଣସି ସୁଫଳ ମିଳିବ ନାହିଁ, କ୍ଷମତାସୀନ ଦଳରୁ ଟିକେଟ ପାଇଥିବା ପ୍ରାର୍ଥୀ କଳେ ବଳେ କୌଶଳେ ଅର୍ଥ ବଳ, ବାହୁ ବଳ ତଥା ଅନ୍ୟାନ୍ୟ ପ୍ରଲୋଭନ ଦେଖାଇ ନିଶ୍ଚିତ ରୂପେ ଭୋଟ ପାଇ ଜୟଯୁକ୍ତ ହେବେ । କେହି ନୀତି ରେ ଚାଲୁ ନାହାନ୍ତି , ଭୋଟର ମାନଙ୍କୁ ଆକୃଷ୍ଟ କରିବାକୁ ପ୍ରାର୍ଥୀ ମାନେ ମଦ, ମାଂସ , ଟଙ୍କା , ଲୁଗାପଟା , କ୍ଲବ ଘରକୁ ସାହାଯ୍ୟ , ମନ୍ଦିର ପାଇଁ ଆବଶ୍ୟକ ଅର୍ଥ , ଗୋଡାଣିଆଙ୍କୁ ଠିକାଦାରୀ କାର୍ଯ୍ୟ, ପୋଖରୀ ଖନନ କାର୍ଯ୍ୟ ଇତ୍ୟାଦିର ଲୋଭ ଦେଖାଇ ଭୋଟ ହାତେଇବାର କୌଶଳ ପ୍ରୟୋଗ କରି ଥା'ନ୍ତି । ରାଜନୈତିକ ଦଳ ପାଇଁ ବର୍ତ୍ତମାନ ଗ୍ରାମ୍ୟ ଭାଇଚାରା ଶତ୍ରୁତାର ରୂପ ନେଇଛି , କିଏ କେଉଁ ଦଳ କୁ ଭୋଟ ଦେବ ସେଇଥି ପାଇଁ ଆଜି ଭାଇ ଭାଇ ମଧ୍ୟରେ ହଣା କଟା ଚାଲିଛି । ଭୋଟ ପାଇବା ଲୋକ ଭୋଟ ପାଇ ପାଞ୍ଚବର୍ଷ ଅୟସ କରିବ ଆଉ ତୁମେ ମାନେ ନିଜ ନିଜ ଭିତରେ ହଣା କଟା ହୋଇ କୋର୍ଟ କଚେରୀ ଥାନା ଦୌଡ଼ି ଦୌଡ଼ି ନିଜର କଷ୍ଟ ଅର୍ଜିତ ସଂଚିତ ଅର୍ଥ ଖର୍ଚ୍ଚ ସହିତ ସଜା ମଧ୍ୟ ଭୋଗିବ , କହିଲ ଭାଇ ଭଉଣୀ ମାନେ ଏଥିରେ ଚାଲାକ କିଏ ? ତୁମେମାନେ ନା ଦଳୀୟ ପ୍ରାର୍ଥୀ ? ସମସ୍ତେ ଆଜି ଦୁର୍ନୀତି ଗ୍ରସ୍ତ ତେଣୁ ଭୋଟର ମାନେ ଭୋଟ ବର୍ଜନ ନକରି ନିଜର ଅଧିକାର ସାବ୍ୟସ୍ତ କରନ୍ତୁ ତଥା ନିଜ କ୍ଷେତ୍ରର ର ପ୍ରାର୍ଥୀଙ୍କ ଠାରୁ ନିଜ ଅଂଚଳର ସାର୍ବଜନୀନ ଉନ୍ନତି କାର୍ଯ୍ୟ ପାଇଁ ( ଯେଉଁଥିରେ କି ସମସ୍ତଙ୍କର ଲାଭ ହୋଇ ପାରିବ ) ଲିଖିତ ପ୍ରତିଶୃତି ରଖନ୍ତୁ ତାହାହିଁ ହେବ ଉଚିତ ପଦକ୍ଷେପ । ସରକାର ଆସିବ, ସରକାର ଯିବ, ନିର୍ବାଚନ ମଧ୍ୟ ଆସୁଥିବ କିନ୍ତୁ ଜନତା ଯଦି ନିଜେ ଜାଗ୍ରତ ନହେବେ ତେବେ ଏହିପରି ଦୁଃଖକୁ ଅତି ବେଶୀରେ ପାଞ୍ଚବର୍ଷ ପାଇଁ ମୁଣ୍ଡପାତି ସହି ନେବାର କ୍ଷମତା ରଖିବାକୁ ବାଧ ହେବେ । ସୁଯୋଗ୍ୟ ପ୍ରାର୍ଥୀ ଚୟନ ଏକ ସୁସ୍ଥ ସରକାର ଗଢିବାରେ ସହାୟକ ହେବା ସହିତ ସୁଶାସନ ମଧ୍ୟ ମିଳିବ । ଉତ୍କଳମଣି ଗୋପବନ୍ଧୁ ଦାସ ମହାଶୟଙ୍କ ଦ୍ୱାରା ଲିଖିତ କାବ୍ୟରୁ କିଛି ଅଂଶ ' ମିଶୁ ମୋର ଦେହ ଏ ଦେଶ ମାଟିରେ , ଦେଶବାସୀ ଚାଲି ଯାଆନ୍ତୁ ପିଠିରେ , ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼, ପୁରୁ ତହିଁ ପଡି ମୋର ମାଂସ ହାଡ଼ ' ସେ ସମୟ ହୁଏତ ଆଉ ଆମେ ଦେଖିବା ନାହିଁ କି ସେହିପରି ନିସ୍ୱାର୍ଥପର ଦେଶ ସେବକ ପାଇବା ନାହିଁ । ତେଣୁ 'ଆଲୋ ସଖି ଆପଣା ମହତ ଆପେ ରଖି' ହିସାବରେ ଆମକୁ ଏହି ଜଟିଳ ସ୍ୱାର୍ଥପର ଦୁନିଆରେ ବଞ୍ଚିବାକୁ ହେବ ।

ଝାଞ୍ଜିରୀ ମଙ୍ଗଳା, କଟକ
ମୋ:୯୯୩୭୧୭୪୦୯୭

# କଂଗ୍ରେସ ପାଇଁ ଅଗ୍ନିପରୀକ୍ଷା

**ସୌଭାଗ୍ୟ ରଂଜନ ମହାନ୍ତି**

ସ୍ୱତନ୍ତ୍ର ତେଲେଙ୍ଗାନା ରାଜ୍ୟ ଗଠନ ପରେ ଗତ ୨୦୨୩ ନଭେମ୍ବର ମାସରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ପ୍ରଥମ ଥର ପାଇଁ କଂଗ୍ରେସ କ୍ଷମତା ଦଖଲ କରି ସରକାର ଗଠନ କରିଛି । ଦୀର୍ଘ ଏକ ଦଶନ୍ଧି ତଥା ଲଗାତାର ଦୁଇଥର କ୍ଷମତାରେ ରହିବା ପରେ ସ୍ୱତନ୍ତ୍ର ତେଲେଙ୍ଗାନା ରାଜ୍ୟ ଗଠନର ମୁଖ୍ୟ ପୁରୋଧା ଭାବେ ପରିଚିତ ପୂର୍ବତନ ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱରେ ପରିଚାଳିତ ଭାରତ ରାଷ୍ଟ୍ର ସମିତି(ବିଆରଏସ) ଏବେ ମୁଖ୍ୟ ବିରୋଧି ଦଳ ରହିଛି । ଦକ୍ଷୀଣ ଭାରତୀୟ ରାଜ୍ୟ ତେଲେଙ୍ଗାନାରେ ଏକ ତ୍ରିମୁଖୀ ଲଢେଇରେ କଂଗ୍ରେସ ୩୯ ପ୍ରତିଶତ ଭୋଟ ପାଇଁ କ୍ଷମତା ଦଖଲ କରିଥିବା ବେଳେ ବିଆରଏସ କଂଗ୍ରେସ ଠାରୁ ମାତ୍ର ୨ ପ୍ରତିଶତ କମ ଭୋଟ ପାଇ ଗାଦିଚ୍ୟୁତ ହୋଇଥିଲା । କହିବା ବାହୁଲ୍ୟ ଯେ, ଗତ ୨୦୧୮ ବିଧାନସଭା ନିର୍ବାଚନରେ ମାତ୍ର ୨୫ପ୍ରତିଶତ ଭୋଟ ପାଇ କଂଗ୍ରେସ ମୁଖ୍ୟ ବିରୋଧି ଦଳର ମର୍ଯ୍ୟଦା ହାସଲ କରିଥିଲା । ସେହିପରି ବିଆରଏସ ୨୦୧୮ରେ ୪୭ ପ୍ରତିଶତ ଭୋଟ ପାଇ କ୍ରମାଗତ ଦ୍ୱିତୀୟ ଥର ପାଇଁ କ୍ଷମତାସୀନ ହୋଇଥିବା ବେଳେ ଗତ ୨୦୨୩ ନିର୍ବାଚନରେ ୧୦ପ୍ରତିଶତ ଭୋଟ କମ ପାଇ ଦ୍ୱିତୀୟ ସ୍ଥାନକୁ ଖସିଯାଇଛି । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି, ବିଆରଏସ ବିରୁଦ୍ଧରେ ସରକାରୀ ବିରୋଧି ଭୋଟ ଉଭୟ କଂଗ୍ରେସ ଓ ବିଜେପିକୁ ଯାଇଥିଲା । ସଂଖ୍ୟାଲଘୁ ମୁସଲିମ ବହୁଳ ଅଂଚଳରେ କଂଗ୍ରେସ ସପକ୍ଷରେ ଜନାଦେଶ ଥିବାବେଳେ ଆଦିବାସୀ ବହୁ, ଅଂଚଳରେ ବିଜେପି ଉଲ୍ଲେଖନୀୟ ସଫଳତା ପାଇଥିଲା । ଉଲ୍ଲେଖଯୋଗ୍ୟ ଯେ, ଦକ୍ଷୀଣ ଭାରତୀୟ ରାଜ୍ୟ କର୍ଣ୍ଣାଟକରେ କ୍ଷମତା ଦଖଲ ପରେ କଂଗ୍ରେସର ଏହା ଦ୍ୱିତୀୟ ବିଜୟ ଥିଲା । ତେବେ ଚଳିତ ଲୋକସଭା ନିର୍ବାଚନ ଏବେ କଂଗ୍ରେସ ପାଇଁ ଅଗ୍ନି ପରୀକ୍ଷା ସଦୃଶ ହୋଇଛି ବୋଲି ନିସନ୍ଦେହରେ କୁହାଯାଇପାରେ । ଆମେ ଏଠାରେ ଏସବୁ ଉଲ୍ଲେଖ କରୁଛୁ ଏଇଥିପାଇଁ ଯେ, ଗତ ୨୦୧୮ ବିଧାନସଭା ନିର୍ବାଚନରେ କଂଗ୍ରେସ ଛତିଶଗଡ, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ବିଜେପିକୁ ଗାଦିଚ୍ୟୁତ କରି କ୍ଷମତା ଦଖଲ କରିଥିଲା । କିନ୍ତୁ ବିଧାନସଭା ନିର୍ବାଚନରେ କିଛି ମାସ ବ୍ୟବଧାନରେ ଅନୁଷ୍ଠିତ ୨୦୧୯ ଲୋକସଭା ନିର୍ବାଚନରେ କଂଗ୍ରେସ ଶୋଚନୀୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଜନମତ ବିଜେପି ସପକ୍ଷରେ ଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ, ବିଆରଏସ ସୁପ୍ରିମୋ ଚନ୍ଦ୍ରଶେଖର ରାଓ ବିକାଶମୟ ଶାସନରେ ଅତିଷ୍ଠ ହୋଇପଡିଥିବା ତେଲେଙ୍ଗାନାର ଜନସାଧାରଣଙ୍କ ପାର୍ଟି କଂଗ୍ରେସ ମୁଖ୍ୟମନ୍ତ୍ରୀ ଏ. ରେବନ୍ଥ ରେଡଡୀଙ୍କ ଚାରି ମାସର ଶାସନ ଉଭୟ ସରକାର ଓ ପ୍ରଶାସନରେ ବହୁ ଉପଲବ୍ଧି ଆଣିଦେଇଥିବା କୁହାଯାଏ । ବିଶେଷ କରି ୨୦୧୬ ମସିହାରେ ନିର୍ମିତ ବିଳାଶମୟ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନରେ ଶ୍ରୀ ରେଡଡୀ ନରହି ଅନ୍ୟ ଏକ ବଙ୍ଗଳାରେ ରହୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଉପ-ମୁଖ୍ୟମନ୍ତ୍ରୀ ମାଲୁ ଭାରତୀ ବିକ୍ରମାର୍କ ରହୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନର ନାମକୁ ରେଡଡୀ ସରକାର ପରିବର୍ତ୍ତନ କରି ଜ୍ୟୋଥିରାଓ ଫୁଲେ ପ୍ରଜା ଭବନ ନାମିତ କରିଛନ୍ତି । ଯାହାକି ଜନସାଧାରଣଙ୍କ ପାଇଁ ଏବେ ଏକ ନିଷିଦ୍ଧାଂଚଳ ହୋଇ ରହିନାହିଁ । ସେହିପରି ବହୁ ଆକର୍ଷଣୀୟ ଏବଂ ଲୋଭନୀୟ ପ୍ରତିଶ୍ରୁତି ଦେଇ କ୍ଷମତା ଦଖଲ କରିଥିବା କଂଗ୍ରେସ ଏବେ ବି କେତେକ ନିର୍ବାଚନ ପ୍ରତିଶ୍ରୁତି କାର୍ଯ୍ୟକାରୀ କରିପାରିନାହିଁ । ସାତ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଜାରି ହୋଇଥିବା ଆଦର୍ଶ ଆଚରଣ ବିଧି ଯୋଗୁଁ ପ୍ରତିଶ୍ରୁତି କାର୍ଯ୍ୟକାରୀ କରିପାରିନାହିଁ । ଏଥି ମଧ୍ୟରେ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ ପ୍ରତିଶ୍ରୁତି ଅନ୍ୟତମ । ଯାହାକି ପୂର୍ଣ୍ଣମାତ୍ରାରେ ଲାଗୁ ହୋଇପାରିନାହିଁ । ଅନ୍ୟପକ୍ଷରେ ବିଧାନସଭା ନିର୍ବାଚନରେ ପରାଜୟ ପରେ ବିଆରଏସ ଏକ ପ୍ରକାର ସୁପ୍ତ ଅବସ୍ଥାରେ ରହିଛି । କେବଳ ଏତିକି ନୁହେଁ, ବହୁସଂଖ୍ୟାରେ ତୁଙ୍ଗ ନେତା ଓ କର୍ମୀ ବିଆରଏସ ଛାଡି କଂଗ୍ରେସରେ ଯୋଗଦେଇଛନ୍ତି । ବିଆରଏସ ଛାଡିଥିବା ନେତାମାନଙ୍କ ମଧ୍ୟରେ ରାଜ୍ୟସଭା ସଦସ୍ୟ ତଥା ରାଓଙ୍କ ଏକାନ୍ତ ବିଶ୍ୱସ୍ତ କେଶବ ରାଓ ରହିଛନ୍ତି । ଯାହା ରାଓଙ୍କ ପ୍ରତି ଶକ୍ତ ଧକ୍କା ସଦୃଶ ହୋଇଥିବା କୁହାଯାଏ । ଗତ ଲୋକସଭା ନିର୍ବାଚନରେ ବିଆରଏସ ୪୨ପ୍ରତିଶତ ଭୋଟ ହାର ସହ ୯ଟି ଲୋକସଭା ଆସନରେ ବିଜୟର ଯାହାକି ଏବେ ଦଳ ପାଇଁ ଆଉ ଉତ୍ସାହଜନକ ନଥିବା ସର୍ଭେ ରିପୋର୍ଟ କହେ । ଅନ୍ୟପକ୍ଷରେ ବିଜେପି ୨୦୧୮ରୁ ୨୦୨୩ ମଧ୍ୟରେ ନିଜର ଭୋଟହାର ୭ ପ୍ରତିଶତରୁ ୧୪ ପ୍ରତିଶତକୁ ବୃଦ୍ଧି କରିବାରେ ସମର୍ଥ ହୋଇଛି । ଏହା ନିସନ୍ଦେହ ଯେ, ତେଲେଙ୍ଗାନାରେ ତ୍ରିମୁଖୀ ଲଢେଇ ନିଶ୍ଚିତ ହୋଇଥିବା ବେଳେ ଆସାଦୁଦ୍ଦିନ ଓବାସିସିଙ୍କ ଏଆଇଏମଆଇଏମ ଦଳକୁ ଅଣଦେଖା କରାଯାଇନପାରେ । ଯେଉଁ ସ୍ଥାନରେ ଏଆଇଏମଆଇଏମର ପ୍ରାର୍ଥୀ ଦେଇନାହିଁ, ସେଠାରେ ସମର୍ଥକମାନେ କାହାକୁ ଭୋଟ ଦେବେ, ତାହାକୁ ଅପେକ୍ଷା । ତେଲେଙ୍ଗାନା ନିର୍ବାଚନ ଯେ କଂଗ୍ରେସ ପାଇଁ ଅଗ୍ନପରୀକ୍ଷା, ଏହା ନିସନ୍ଦେହରେ କୁହାଯାଇପାରେ ।

ଭୁବନେଶ୍ୱର
ମୋ:୯୪୩୭୯୯୪୩୭୯

## ସଂପାଦକଙ୍କୁ ପତ୍ର

### ରେଳବାଇ ଆପ୍‌ରେ ସଠିକ୍ ତଥ୍ୟ ଉପଲବ୍ଧ ହେଉ


ମହାଶୟ,

ଭାରତୀୟ ରେଳବାଇ ଦ୍ୱାରା ପରିଚାଳିତ ଟ୍ରେନ୍‌ର ବର୍ତ୍ତମାନ ସ୍ଥିତିକୁ ପରଖିବା ପାଇଁ ଏକ ଆପ୍ଲିକେସନ୍ ହେଉଛି 'ମୋର ରେଳ କେଉଁଠାରେ ଅଛି' । ଏହି ଆପ୍ ର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ଉକ୍ତ ଟ୍ରେନ୍‌ର କୋଚ୍ ସ୍ଥିତି ଏବଂ ପ୍ଲାଟଫର୍ମର ନମ୍ବର ବିଷୟରେ ଅବଗତ କରାଇବା । କିନ୍ତୁ ଉକ୍ତ ଆପ୍ ରେ କୋଚ୍ ସ୍ଥିତି ପରଖିଲା ବେଳେ ଅଧିକାଂଶ ସମୟରେ ଏକ ଚେତାବନୀ ଦୃଷ୍ଟିଗୋଚର ହୋଇଥାଏ 'ନିର୍ଦ୍ଦିଷ୍ଟ ଟ୍ରେନ୍ ପାଇଁ କୋଚ୍ ସ୍ଥିତି ସଠିକ୍ ହୋଇନପାରେ । ଦୟାକରି ଏହାକୁ ଷ୍ଟେସନରେ ଥରେ ଯାଞ୍ଚ କରନ୍ତୁ ।' ପ୍ଲାଟଫର୍ମ ସ୍ଥିତି ମଧ୍ୟ ନିଶ୍ଚିତ ହୋଇନଥାଏ । ଏତଦ୍ ବ୍ୟତୀତ କେତେକ ଷ୍ଟେସନ୍ ରେ ଟ୍ରେନ୍ ଆସିବାର ଅଳ୍ପ କିଛି ସମୟ ପୂର୍ବରୁ ପ୍ଲାଟଫର୍ମ୍ ଏବଂ କୋଚ୍ ସ୍ଥିତି ଘୋଷଣା କରାଯାଇଥାଏ । ଫଳସ୍ୱରୂପ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୁଅନ୍ତି ଏବଂ ଷ୍ଟେସନ୍ ରେ ଅଯଥା ଧାଁଧପଡ଼ ପରିସ୍ଥିତି ସୃଷ୍ଟି ହୋଇଥାଏ । ରେଳବାଇ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ । ବର୍ତ୍ତମାନ ସମୟରେ ଦେଶରେ ରେଳ ଯୋଗାଯୋଗ ବୃଦ୍ଧି ପାଉଥିବା ବେଳେ ଲୋକଙ୍କୁ ଉତ୍ତମ ସେବା ଯୋଗାଇଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ଏଭଳି କ୍ଷେତ୍ରରେ ଯାତ୍ରୀମାନଙ୍କ ସୁରକ୍ଷା ଓ ସୁରକ୍ଷିତ ଯାତ୍ରା ନିମନ୍ତେ ସରକାର ଧ୍ୟାନ ଦେଇ ଆବଶ୍ୟକୀୟ ସୁବିଧା ଯୋଗାଇଦେଲେ ଯାତ୍ରୀମାନେ ଉପକୃତ ହୋଇପାରନ୍ତେ ।

ନବନିତ ପାଣିଗ୍ରାହୀ
ରାୟଗଡା- ୭୬୫୦୦୧

# କମାରଶାଳର କାରିଗର

**ଡାକ୍ତର ରବି ରଞ୍ଜନ ସାହୁ**



ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ପ୍ରାଚୀନ ଓଡ଼ିଆ ଭାଷା ସାହିତ୍ୟକୁ ଆଗକୁ ଆଣିବାରେ ଅନେକ ଯୋଗଜନ୍ମା ସାଧକଙ୍କର ଅବଦାନ ରହିଛି । ସାରଳା ଦାସ ଯେଉଁ ଭାଷା ସାହିତ୍ୟର ରୂପକାର ତା'ର ଶ୍ରୀବୃଦ୍ଧି କରାଇବାରେ ଅନେକ ସାଧକ ଉତ୍ସର୍ଗୀକୃତ ଭାବରେ କାମ କରିଛନ୍ତି । ଓଡ଼ିଆ ଭାଷାକୁ ମୃତ୍ୟୁ ମୁଖରୁ ଉଦ୍ଧାର କରିବା, ପଡ଼ୋଶୀଙ୍କ ଚକ୍ରାନ୍ତରୁ ତାକୁ ବଞ୍ଚାଇବା ଠାରୁ ଆରମ୍ଭ କରି ଓଡ଼ିଆ ଭାଷା ସାହିତ୍ୟକୁ ଏକ ବିକଶିତ ରୂପ ଦେବା ପାଇଁ ଅନେକଙ୍କର ପ୍ରୟାସ ଅନସ୍ୱୀକାର୍ଯ୍ୟ । ଏହିକ୍ରମରେ ଅଧ୍ୟାପକ ଡ଼କ୍ଟର ରତ୍ନାକର ଚଇନିଙ୍କ ଯୋଗଦାନ ଅତୁଳନୀୟ । ସାହିତ୍ୟର ସମସ୍ତ ବିଭାଗରେ ସେ ତାଙ୍କର ଦକ୍ଷତାକୁ ପ୍ରତିପାଦିତ କରି ଓଡ଼ିଆ ଭାଷା ସାହିତ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇ ଚର୍ଚ୍ଚାର ପରିସରକୁ ଆସିଛନ୍ତି । ନାଟକ, କ୍ଷୁଦ୍ରଗଳ୍ପ, ଉପନ୍ୟାସ, ଆଲୋଚନା ଓ ସମାଲୋଚନା ସଂପାଦନା, ଅନୁବାଦ ଆଦିରେ ତାଙ୍କର ଯୋଗଦାନରୁ ସେ ଓଡ଼ିଆ ଭାଷା ସାହିତ୍ୟର ଜଣେ ଅମଳିନ ପ୍ରତିଭା । ଓଡ଼ିଶାର ସର୍ବ ପୁରାତନ ସାହିତ୍ୟ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜର ଦୁଇଥର ସାଧାରଣ ସଂପାଦକ ଓ ସଭାପତି ହୋଇ ସେ ଓଡ଼ିଆ ଭାଷା ସାହିତ୍ୟର ବିକାଶରେ ଯେପରି ଉଦ୍ୟମ କରିଛନ୍ତି ସେହିପରି ଲେଖକ ଲେଖିକାମାନଙ୍କର ସମସ୍ୟାକୁ ସରକାର ତଥା ପ୍ରଶାସନ ନିକଟରେ ଉତ୍ଥାପନ ପୂର୍ବକ ତାର ସମାଧାନ ଦିଗରେ ମଧ୍ୟ ଉଦ୍ୟମ କରିଛନ୍ତି । ମୌଳିକ ରଚନା, ସଂପାଦନା ମାଧ୍ୟମରେ ସେ ଶତାଧିକ ସୃଷ୍ଟି ସର୍ଜନା କରି ଓଡ଼ିଆ ବାଣୀଭଣ୍ଡାରକୁ ଉର୍ବର କରିଥିଲାବେଳେ ଜଣେ ଦକ୍ଷ ସାରସ୍ୱତ ସାଧକର ମୁକୁଟ ଧାରଣ ପୂର୍ବକ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ଡ଼କ୍ଟର ଚଇନିଙ୍କର ଓଡ଼ିଆ ଭାଷା ସାହିତ୍ୟକୁ ଶ୍ରେଷ୍ଠ ଅବଦାନ ନାଟକର ଓଡ଼ିଆ ନାଟ୍ୟ ସାହିତ୍ୟ ଅଧିକ ଗୌରବାନ୍ୱିତ ହୋଇପାରିଛି । ସମସାମୟିକ ନାଟ୍ୟ ଜଗତରେ ସେ ଯେଉଁ ଛାପ ସୃଷ୍ଟି କରିଛନ୍ତି ଏବଂ ଓଡ଼ିଆ ନବ ନାଟ୍ୟ ଧାରା ବା ଆନ୍ଦୋଳନକୁ ଆଗେଇ ନେବାରେ ଯେଉଁ ବୀରତ୍ୱ ଦେଖାଇଛନ୍ତି ତାହା ଖୁବ୍ କମ୍ ସାରସ୍ୱତ ସାଧକଙ୍କଠାରେ ଦୃଷ୍ଟିଗୋଚର ହୋଇଥାଏ । ଏହି କାରଣରୁ ଡ଼କ୍ଟର ଚଇନି ଓଡ଼ିଆ ନବନାଟ୍ୟ ଆନ୍ଦୋଳନର ପୁରୋଧା ଭାବରେ ପରିଗଣିତ । ଯଥାର୍ଥରେ ତାଙ୍କୁ ଆଧୁନିକ ଓଡ଼ିଆ ସାହିତ୍ୟ ଜଗତର ରତ୍ନ କହିଲେ କିଛି ଭୁଲ୍ ହେବ ନାହିଁ । ଶିକ୍ଷା କ୍ଷେତ୍ରରେ ମଧ୍ୟ ତାଙ୍କର ଯୋଗଦାନ ଏବଂ ଗବେଷଣା କାର୍ଯ୍ୟରେ ଦକ୍ଷତା ତାଙ୍କୁ ସ୍ୱତନ୍ତ୍ର ପରିଚିତି ଦିଏ । ଅପ୍ରତିମ ପ୍ରତିଭା ଡ଼କ୍ଟର ରତ୍ନାକର ଚଇନିଙ୍କର ଜନ୍ମ ୧୯୪୫ ମସିହା ଅଗଷ୍ଟ ୨୫ ତାରିଖ ଦିନ କଟକ ଜିଲ୍ଲା ଅନ୍ତର୍ଗତ ସାଲେପୁରର ଅରେଇ ଗ୍ରାମରେ ହୋଇଥିଲା । ପିତା ବ୍ରଜବନ୍ଧୁ ଚଇନି ଓ ମାତା ଶ୍ରୀମତୀ ଦେବୀଙ୍କ ଏହି ସନ୍ତାନ ବିଦ୍ୟା, ବୁଦ୍ଧି ଓ ସାରସ୍ୱତ ସୃଜନଶୀଳନାରେ ପାରଙ୍ଗମ ହେବ ଏହା ଜନ୍ମ ସମୟରୁ ଜଣାପଡ଼ିଥିଲା । ନେମାଳ ହାଇସ୍କୁଲରୁ ମାଟ୍ରିକ ପାସ୍ କରି ସେ ଖ୍ରୀଷ୍ଟ କଲେଜରେ ଅଧ୍ୟୟନ କରିଥିଲେ । ସେଠାରେ ପଢୁଥିଲା ବେଳେ ଅଧ୍ୟାପକ ସାହିତ୍ୟିକ ମନୋଜ ଦାସଙ୍କ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇ ତାଙ୍କୁ ନିଜର ସାରସ୍ୱତ ଜୀବନର ଗୁରୁ ଭାବେ ଗ୍ରହଣ କରିଥିଲେ । ୧୯୭୮ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଭାଷା ସାହିତ୍ୟରେ ଡ଼କ୍ଟରେଟ୍ ଉପାଧି ଲାଭ କରିଥିବା ରତ୍ନାକର ଚଇନି ପୂର୍ବରୁ ଅଧ୍ୟାପନା କାମ ଆରମ୍ଭ କରିଥିଲେ । ବଲାଙ୍ଗୀର ରାଜେନ୍ଦ୍ର କଲେଜ, ଢେଙ୍କାନାଳ କଲେଜ, ରେଭେନ୍ସା ସ୍ୱୟଂଶାସିତ ମହାବିଦ୍ୟାଳୟ, ବିଜେବି କଲେଜ, ବ୍ରହ୍ମପୁରର ଖଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଆଦିରେ ଅଧ୍ୟାପନା କାର୍ଯ୍ୟ କରି ଶେଷରେ କଟକ ଶୈଳବାଳା ମହିଳା ମହାବିଦ୍ୟାଳୟରେ ଓଡ଼ିଆ ବିଭାଗର ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟ କରି ୨୦୦୩ ମସିହାରେ ଅବସର ଗ୍ରହଣ କରିଥିଲେ । ଡ଼କ୍ଟର ଚଇନିଙ୍କର ପ୍ରଥମ ନାଟକ 'ଅସ୍ତରାଗର ଚନ୍ଦ୍ର' ୧୯୬୫ ମସିହାରେ ପ୍ରକାଶିତ ହୋଇଥିଲା । ମାତ୍ର ୨୦ ବର୍ଷ ବୟସରେ ନାଟକ ରତ୍ନାକର ସିଦ୍ଧହସ୍ତ ଡ଼କ୍ଟର ଚଇନିଙ୍କ ପ୍ରତିଭା ସେହିଠାରୁ ଜଣାପଡ଼ିଥିଲା । ୨୪ଟି ନାଟକ, ୧୪ଟି କ୍ଷୁଦ୍ରଗଳ୍ପ ସଂକଳନ, ୫ଟି ଉପନ୍ୟାସ, ୧୩ଟି ଆଲୋଚନା ପୁସ୍ତକ, ୨ଟି ଅନୁବାଦ ଗ୍ରନ୍ଥ ଏହିପରି ଶତାଧିକ ସାହିତ୍ୟ ସୃଷ୍ଟି କରି ଓଡ଼ିଆ ସାହିତ୍ୟର ଭଣ୍ଡାରକୁ ଯେ ଉନ୍ନତ, ଉର୍ବର କରିଛନ୍ତି ତାହା ନୁହେଁ ସାହିତ୍ୟ ମାଧ୍ୟମରେ ଜନଜୀବନରେ ମର୍ମବେଦନାକୁ ଲୋକଲୋଚନରେ ଉତ୍ଥାପନ ପୂର୍ବକ ସେ ଯେ ଜଣେ ବାସ୍ତବବାଦୀ, ଜନବାଦୀ ସାଧକ ଏହା ପ୍ରମାଣିତ କରିଯାଇଛନ୍ତି । ଓଡ଼ିଆ ନାଟକ ଜଗତ ତାଙ୍କ ଦ୍ୱାରା ବିଶେଷ ଭାବେ ଉପକୃତ ହୋଇଥିଲା ବେଳେ ଏହି ସାଧନ ଦ୍ୱାରା ସେ ଲୋକଙ୍କ ସମସ୍ୟାକୁ ଆଗକୁ ଆଣିବା ଏବଂ ସାଧାରଣଙ୍କ କ୍ଷେତ୍ରରେ ଅଧିକ ପ୍ରଭାବଶାଳୀ ହୋଇପାରିଥିଲା । ତାଙ୍କ ସୃଷ୍ଟି 'ଶୂନ୍ୟ ସ୍ୱରୂପ' ଚଳଚ୍ଚିତ୍ର ଭାବେ ଜାତୀୟ ପୁରସ୍କାର ଲାଭ କରିବା ଯେତିକି ଗୌରବର କଥା ସେତିକି ମଧ୍ୟ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଗୌରବଶାଳୀ ଥିଲା । 'ଶେଷ ଶତ୍ରୁ', 'ରାଜହଂସ', 'ସୁନାକଳସ' ପରି ଅନେକ ସାମାଜିକ ସଫଳ ନାଟକ ସୃଜନା କରି ସେ ମଂଚକଳା ଦୃଷ୍ଟରୁ ଜଣେ ସଫଳ ବ୍ୟକ୍ତି । ନିଜେ ଅଭିନୟ କରିବା, ନାଟ୍ୟ ନିର୍ଦ୍ଦେଶନା ଦେବା ଏବଂ ମଞ୍ଚକଳାର ଅନ୍ୟାନ୍ୟ ଦିଗକୁ ଗୁରୁତ୍ୱ ଦେଇ ବାସ୍ତବରେ ସେ ଓଡ଼ିଆ ନାଟ୍ୟ ଆନ୍ଦୋଳନରେ ଏକ ସମୟରେ ସେ ଅଗ୍ରନେତା ଥିଲେ । ଏଣୁ ଅଧିକ ସଂପାଦନା ପୁସ୍ତକ ଏବଂ ୨୦ରୁ ଅଧିକ ଗବେଷଣା ସନ୍ଦର୍ଭ ପ୍ରସ୍ତୁତିରେ ମାର୍ଗଦର୍ଶକ ଥିବା ଡ଼କ୍ଟର ଚଇନି ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ଯେଉଁ ମାଇଲଖୁ□ ପ୍ରତିଷ୍ଠା କରିଯାଇଛନ୍ତି ତାହା ଅତିକ୍ରମ କରିବା କଷ୍ଟକର । ନିଜର ଆର୍ଥିକ ଦୁର୍ବଳ ଅବସ୍ଥାରେ 'ପ୍ରଜାତନ୍ତ୍ର'ରେ ସାମ୍ବାଦିକ ଭାବେ କାମ କରିଥିବା ରତ୍ନାକର ଚଇନି ପରବର୍ତ୍ତୀ କାଳରେ ସାହିତ୍ୟ ଜଗତରେ ତାଙ୍କର ପ୍ରତିଭାକୁ ପୂର୍ଣ୍ଣ ରୂପେ ବିକଶିତ କରି ଯେଉଁ କିର୍ତ୍ତୀ ସୃଷ୍ଟି କରିଛନ୍ତି ତାହା ଅସାମାନ୍ୟ ।

ସେହିପରି ତାଙ୍କର ଅସାଧାରଣ ସାଙ୍ଗଠନିକ ଦକ୍ଷତାରୁ ସେ ଯୁବ ଲେଖକ ସମ୍ମେଳନର ସଂପାଦକ, ଉତ୍କଳ ସାହିତ୍ୟ ସମାଜର ସଂପାଦକ ତଥା ଉତ୍କଳ ସାହିତ୍ୟ ସମାଜର ସଭାପତି ଭାବେ ୨୦୦୧ରୁ ୨୦୦୪ ଓ ୨୦୧୦ରୁ ୨୦୧୩ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଏଥି ସହିତ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଭ୍ୟ, ରାଜ୍ୟ ପାଠାଗାର କମିଟି ସଭ୍ୟ, ରାଜା ରାମମୋହନ ପୁସ୍ତକ ନିର୍ବାଚନ କମିଟି ସଭ୍ୟ, ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟ ସିନେଟ୍ ସଭ୍ୟ ସହିତ ବହୁ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ । ସାରସ୍ୱତ ସାଧକ ଡ଼କ୍ଟର ଚଇନିଙ୍କୁ ରାଜ୍ୟ ତଥା ଜାତୀୟ ସ୍ତରରେ ଅନେକ ସମ୍ମାନ ଓ ପୁରସ୍କାର ମିଳିଛି । ଶ୍ରେଷ୍ଠ ନାଟ୍ୟକାର ପୁରସ୍କାର ୧୯୭୨ ମସିହାରେ ସେ ହାସଲ କରିଥିଲେ ଏକ ଜାତୀୟ ନାଟ୍ୟ ପ୍ରତିଯୋଗିତାରେ ସେହିପରି ୨୦୧୭ରେ ସାହିତ୍ୟ ଭାରତୀ ସମ୍ମାନ, ବିଷୁବ ପୁରସ୍କାର, ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ସମେତ ଅନେକ ସାମାଜିକ, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନରୁ ସମ୍ମାନିତ ହୋଇଛନ୍ତି । ଡ଼କ୍ଟର ଚଇନିଙ୍କ ସାରସ୍ୱତ ସମ୍ଭାରକୁ ନେଇ ଅନେକ ଗବେଷଣା ହୋଇଅଛି । ତାଙ୍କର ମାନବ ସମାଜ ପ୍ରତି ଆବେଗ, ଜୀବନ ଜିଜ୍ଞାସା ତଥା ମାନବୀୟ ଦୃଷ୍ଟିଭଙ୍ଗୀ ବେଶ୍ ପରିବ୍ୟାପ୍ତ ଥିଲା । ଏକ ଉଚ୍ଚକୋଟୀର ନିରଭିମାନୀ, ନିରହଂକାରୀ ଏବଂ ସାଧନାରେ ଅଭିମନ୍ତ୍ରୀତ ବ୍ୟକ୍ତି ଡ଼କ୍ଟର ଚଇନି ବାସ୍ତବରେ ସାଧାରଣ ଜୀବନରେ ମଧ୍ୟ ପ୍ରୟୋଗବାଦୀ ଥିଲେ । ନିଜ ପରିବେଶ ପରିବେଷ୍ଟନୀରେ ଆପଣାର ଛାପ ଛାଡ଼ିଯିବାକୁ ଶିକ୍ଷା, ସାହିତ୍ୟ ସେବାକୁ ଏକ ବଳିଷ୍ଠ ତଥା ମାର୍ମିକ ରୂପ ଦେବାକୁ ତାଙ୍କ ଆତ୍ମଜୀବନୀ "ଜୀବନ କମାରଶାଳ" ବେଶ୍ ପ୍ରଣିଧାନଯୋଗ୍ୟ । ଜୀବନ କମାରଶାଳର କାରିଗର ଭାବରେ ସେ ଯେଉଁ ସୃଜନା କରିଯାଇଛନ୍ତି ତାହା କାଳ କାଳକୁ ତାଙ୍କର କୃତି ଓ କିର୍ତ୍ତୀକୁ ବଖାଣୁଥିବ । ଆଜି ତାଙ୍କର ଅବର୍ତ୍ତମାନରେ ତାଙ୍କ ସମ୍ବେଦନଶୀଳ ଜୀବନଯାତ୍ରାକୁ ଶ୍ରଦ୍ଧା ଏବଂ ସମ୍ମାନ ପୂର୍ବକ ଗ୍ରହଣ କରି ଆଗାମୀ ଦିନରେ ସେହି ସାରସ୍ୱତ ଧାରାର ବିକାଶରେ ଅନୁପ୍ରାଣୀତ ହେବା ଅଧିକ ପ୍ରାସଙ୍ଗିକ ହେବ । ଡ଼କ୍ଟର ରତ୍ନାକର ଚଇନି ନାହାଁନ୍ତି ସତ ମାତ୍ର ତାଙ୍କର ସାରସ୍ୱତ ସୃଷ୍ଟି ତାଙ୍କୁ ଅମର କରିଛି ।

ଚାନ୍ଦିନୀଚୌକ, କଟକ-୨
ମୋ;୯୪୩୭୩-୧୦୧୭୧



# ଆନ୍ଧ୍ର ସୀମାନ୍ତ ଗଜପତିର ଗଙ୍ଗାବାଡ଼ରେ ଶିକ୍ଷାଦାନ ବିପର୍ଯ୍ୟସ୍ତ : ଶିକ୍ଷକଙ୍କ ଅନୁପସ୍ଥିତି ପ୍ରତିବାଦରେ ୪ ଗୋଟି ବିଦ୍ୟାଳୟରେ ତାଲା

ପାରଳାଖେମୁଣ୍ଡି:(ପିପିଏସ୍): ଗଜପତିର ଆନ୍ଧ୍ର ସୀମାନ୍ତ ତଥା ମହେନ୍ଦ୍ରଗିରି ପାଦ ଦେଶରେ ଥିବା ଗଙ୍ଗାବାଡ଼ ପଞ୍ଚାୟତରେ ଶିକ୍ଷକମାନଙ୍କ ବାରମ୍ବାର ଅନୁପସ୍ଥିତି ଯୋଗୁ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ ଭାବେ ବିପଯ୍ୟସ୍ତ ହୋଇପଡିଛି। ଶିକ୍ଷାଦାନରୁ ଶିକ୍ଷକମାନେ ବିରତ ନ ହୋଇ ଠିକ ଭାବେ ବିଦ୍ୟାଳୟରେ ଉପସ୍ଥିତ ରହିବା ପାଇଁ ଅଞ୍ଚଳବାସୀଙ୍କ ବାରମ୍ବାର ବାରମ୍ବାର ଅନୁରୋଧ ପରେ ସୁଦ୍ଧା ଶିକ୍ଷକମାନେ ଲଗାତାର ଭାବେ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିବା ପ୍ରତିବାଦରେ ଗ୍ରାମବାସୀମାନେ ୪ ଗୋଟି ବିଦ୍ୟାଳୟରେ ତାଲା ପକାଇ ଦେଇଥିବା ସୂଚନା ମିଳିଛି. ଏଠାରେ ସୂଚନାଯୋଗ୍ୟଯେ ଗଜପତି ଜିଲ୍ଲା ଗଙ୍ଗାବାଡ଼ ପଞ୍ଚାୟତରେ ଗତକାଲି ଗ୍ରାମବାସୀ ଓ ଅଭିଭାବକମାନେ ସରପଞ୍ଚ ହରିବନ୍ଧୁ କାର୍ଜୀଙ୍କ ନେତୃତ୍ୱରେ ୪ ଗୋଟି ବିଦ୍ୟାଳୟରେ ତାଲା ପକାଇ ଦେଇଛନ୍ତି। ବିଦ୍ୟାଳୟ ଥିବା ଏହି ଚାରିଟି ଗ୍ରାମ ହେଲା ବଡ଼ ପାଚେଡ଼ିଆ, ଶଗଡ଼ିଆ, ଚମ୍ପାପୁର ଓ ମାଣିକପାଟଣା । ଅଭିଭାବକଙ୍କ ଅଭିଯୋଗ ହେଲା, ବିଦ୍ୟାଳୟକୁ ଶିକ୍ଷକମାନେ ଠିକ୍ ସମୟରେ ଆସୁନାହାନ୍ତି, ଦିନଦିନ ଧରି ଅନୁପସ୍ଥିତ ରହୁଛନ୍ତି। ନିଜ ଇଚ୍ଛା ମୁତାବକ ପାଳି କରି ଆସୁଛନ୍ତି ବୋଲି ଗଙ୍ଗାବାଡ଼ ସରପଞ୍ଚ ହରିବନ୍ଧୁ କାର୍ଜୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ଆଧାର କରି ଗତକାଲି ସରପଞ୍ଚ ଶ୍ରୀ କାର୍ଜୀ ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡାଙ୍କୁ ସୂଚନା ଦେଇ କହିଛନ୍ତି ଯେ ଘଟଣା ନେଇ ଅନୁଧ୍ୟାନ କରିବା ପାଇଁ ଏହି ୪ ଗୋଟି ବିଦ୍ୟାଳୟକୁ ଗ୍ରାମବାସୀ ଓ ଅଭିଭାବକମାନଙ୍କ ସହ ପହଞ୍ଚିଥିଲି. ପାଚେଡ଼ିଆ ବିଦ୍ୟାଳୟରେ ୩ ଜଣଙ୍କ ବଦଳରେ ଜଣେ ଶିକ୍ଷକ, ଶଗଡ଼ିଆରେ ୪ ଜଣଙ୍କ ବଦଳରେ ୨ଜଣ ଶିକ୍ଷକ, ଚମ୍ପାପୁର ବିଦ୍ୟାଳୟରେ ୩ ଜଣଙ୍କ ବଦଳରେ ଜଣେ ଶିକ୍ଷକ ଏବଂ ମାଣିକପାଟଣାରେ ୪ ଜଣଙ୍କ ବଦଳରେ ୨ଜଣ ଶିକ୍ଷକ ଆସିଥିବା ଦେଖିବାକୁ ପାଇଥିଲି । କୌଣସି ବିଦ୍ୟାଳୟରେ ଶିକ୍ଷକ-ଶିକ୍ଷୟତ୍ରୀଙ୍କ ପୂର୍ଣ୍ଣ ଉପସ୍ଥିତି ନଥିଲା. ଉପସ୍ଥିତ ଥିବା ଶିକ୍ଷକମାନେ ମିଛ କହି ସେମାନଙ୍କୁ ଘଣ୍ଟ ଘୋଡ଼ାଇବାକୁ ଚେଷ୍ଟା କରିଥିଲେ । ତେଣୁ ଅଭିଭାବକ ଓ ଗ୍ରାମବାସୀଙ୍କ ଦାବି ଅନୁଯାଇ ସମସ୍ତଙ୍କ ସହଯୋଗରେ ସବୁ ବିଦ୍ୟାଳୟରେ ତାଲା ପକାଇ ଯାଇଥିଲା । ଯେଉଁ ଦିନ ପର୍ଯ୍ୟନ୍ତ ବିଦ୍ୟାଳୟକୁ ପୂର୍ଣ୍ଣ ମାତ୍ରାରେ ଶିକ୍ଷକ ଆସିବେ ନାହିଁ, ବିଦ୍ୟାଳୟରେ ତାଲା ଝୁଲିବ ବୋଲି କହିଥିଲେ । ଘଟଣା ଜାଣିବା ପରେ ବ୍ଲକ୍ ଶିକ୍ଷାଧିକାରୀ, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଓ ସିଆରସିସିଙ୍କ ସମେତ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ । ତେବେ, ଜିଲ୍ଲାପାଳ ଆସି ଶିକ୍ଷକମାନେ ନିୟମିତ ଆସିବେ ବୋଲି ପ୍ରତିଶ୍ରୁତି ଦେବା ପରେ ବିଦ୍ୟାଳୟ ଖୋଲିବ ବୋଲି ଅଞ୍ଚଳବାସୀ ଅଡ଼ି ବସିଥିଲେ । ଗଙ୍ଗାବାଡ଼ ପଞ୍ଚାୟତର ୧୦୦ରୁ ଅଧିକ ଛାତ୍ରଛାତ୍ରୀ ବର୍ତମାନ ଛାତ୍ରାବାସର ଅଭାବ ଯୋଗୁଁ ପଡ଼ୋଶୀ ଆନ୍ଧ୍ର ପ୍ରଦେଶର ସାବା, ମଞ୍ଜୁଷା ଓ ପଲାସା ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ନାମଲେଖାଇ ହଷ୍ଟେଲରେ ରହି ପାଠ ପଢୁଛନ୍ତି। ହେଲେ ଓଡିଶାର ଏହି ଅଞ୍ଚଳରେ ଥିବା ସ୍କୁଲ ଗୁଡିକରେ ଶିକ୍ଷକମାନେ ଉପରିସ୍ଥ ଅଧିକାରୀମାନଙ୍କୁ ମାସିକ ପାଉଣାରେ ଆୟତ୍ତ କରି ପାଳି କରି ସ୍କୁଲକୁ ଆସୁଛନ୍ତି। ଯଦ୍ଦ୍ୱାରା ପ୍ରତେକ ଦିନ ବିଦ୍ୟାଳୟ ଗୁଡିକରେ ୫୦ ଭଗରୁ ଉର୍ଦ୍ଧ ଶିକ୍ଷକ ଅନୁପସ୍ଥିତ ରହୁଛନ୍ତି। ସରକାର ପ୍ରାଥମିକ ଶିକ୍ଷା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରୁଥିବାବେଳେ ଶିକ୍ଷକମାନଙ୍କ ଏପରି ମନଭାବ ଯୋଗୁଁ ପ୍ରାଥମିକ ଶିକ୍ଷା ଏଠାରେ ସମ୍ପୂର୍ଣ ଭାବେ ଠପ ହୋଇଯାଇଛି। ତେଣୁ ଏଥିରେ ସମ୍ପୃକ୍ତ ଶିକ୍ଷାଧିକାରୀମାନଙ୍କ ସହ ପାଳି କରି ଅନୁପସ୍ଥିତ ରହୁଥିବା ଶିକ୍ଷକମାନଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।








# ବୃକ୍ଷ ଶୂନ୍ୟ ରାଜରାସ୍ତା: ପଥିକ ହେଉଛନ୍ତି ହୀନସ୍ତା

ନର୍ଲା : ଛତିକୁଡାରୁ ନର୍ଲା ଶିଶୁମନ୍ଦିର ଛକ ଦୀର୍ଘ ୧୪ କିଲୋମିଟର ରାସ୍ତାର ପ୍ରଶସ୍ତି କରଣ କରାଯାଉଛି। ରାସ୍ତାକୁ ଚଉଡା କରିବା କାରଣରୁ ଉଭୟ ପାର୍ଶ୍ୱରେ ଥିବା ବିଶାଳ ଆମ୍ବ, ତେନ୍ତୁଳି,ବର, ପିପ୍ପଳ, କୃଷ୍ଣଚୁଡା, କେନ୍ଦୁ, ଜାମୁକୋଳି, ଚାକୁଣ୍ଡା, ଶାଳ, ପିଆଶାଳ, ମହୁଲ ସମେତ ଛୋଟ ବଡ ସମସ୍ତ ଗଛକୁ କାଟି ସଫା କରାଯାଇଛି। ଏପଟେ ଶିଶୁ ମନ୍ଦିର ଛକରୁ ନର୍ଲା ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଯାଏଁ ପ୍ରାୟ ଦେଢ କିଲୋମିଟର ରାସ୍ତାକୁ ଦୋହରୀକରଣ ଉଦ୍ଦେଶ୍ୟରେ ସମସ୍ତ ଗଛକୁ କାଟି ସଫା କରି ଦିଆଯାଇଛି । ଗଛର ମହତ୍ତ୍ୱ କେତେ ତାହା ସାଧାରଣ ପଥିକଟିଏ ବୁଝି ପାରିବ। ରାସ୍ତାର ପ୍ରଶସ୍ତିକରଣ ଓ ଦୋହରୀକରଣ ପାଇଁ ଗଛ କାଟିବା ଯଥାର୍ଥ ହେଲେ ଡହଡହ ଖରାରେ ପଦଚାରୀ କିମ୍ବା ବାଇକ୍ ସାହାଯ୍ୟରେ ଯାଉଥିବା ମଣିଷ ମାନେ ଆଜିର ଦିନରେ ଭୋଗୁଛନ୍ତି ଦଶା । ଲୋକେ ଜରୁରୀ କାମ ନେଇ ଏପରିକି ସରକାରୀ/ବେସରକାରୀ କର୍ମଚାରୀ, ବ୍ୟବସାୟୀ ମାନେ ନିଜର କର୍ମମୟ ଜୀବନରେ ଦୈନନ୍ଦିନ ଯାତାୟତ କରୁଛନ୍ତି । ପୂର୍ବରୁ ରାଜରାସ୍ତାରେ ଥିବା ଏହି ବୃକ୍ଷର ଛାଇରେ ଯାତ୍ରୀ ମାନେ ଖରାକୁ ସହି ନପାରି ବିଶ୍ରାମ ନେଉଥିଲେ । ବିଶେଷ କରି ନର୍ଲାର ସହର ରାଜରାସ୍ତାରେ ଥିବା ଗଛର ଛାଇ ଲୋକଙ୍କ ଜୀବନ ବଞ୍ଚାଇବାରେ ଯଥେଷ୍ଟ ସହାୟ ହେଉଥିଲା । ହେଲେ ବର୍ତ୍ତମାନ ବିଭିନ୍ନ କାରଣ ନେଇ ନର୍ଲାକୁ ଆସୁଥିବା ଲୋକଙ୍କ ପାଇଁ ନର୍ଲା ସହର ମଝିରେ ସାମାନ୍ୟ ଛାଇ ଟିକେ ନାହିଁ । ଦୁଇଦିନ ଧରି ଖରାର ତେଜ ବଢିବାରେ ଲାଗିଛି । ଆଜି ପୂର୍ବାହ୍ନ ୧୦ଟାରୁ ଏହି ଅଞ୍ଚଳରେ ସୂର୍ଯ୍ୟଦେବ ଅଗ୍ନି ବର୍ଷା କରୁଥିବା ବେଳେ ଛତିକୁଡାରୁ ନର୍ଲା ଆସୁଥିବା ଯାତ୍ରୀଙ୍କ ଅବସ୍ଥା ଶୋଚନୀୟ ହୋଇପଡୁଛି । ଆଗକୁ ନିର୍ବାଚନ ଥିବା କାରଣରୁ ଲୋକଙ୍କ ଯାତାୟତ ଅଧିକ ହେଉଥିବା ବେଳେ ରାସ୍ତାରେ ଯାଉଥିବା ମଣିଷ ପ୍ରଚଣ୍ଡ ଖରାରେ ଅସହାୟ ମନେ କରେ କିମ୍ବା ଚେତାଶୂନ୍ୟ ହୋଇପଡେ ତାହେଲେ ଖରାରେ ହିଁ ପଡିରହିବ। ଏମିତି ଛାଇ ନାହିଁ ଯେଉଁଠି କେହି ଅସହାୟଙ୍କୁ ଉଦ୍ଧାର କରି ରଖିବେ। ପ୍ରଶାସନ ଏହାକୁ ଗୁରୁତର ସହିତ ଗ୍ରହଣ କରି ଛତିକୁଡାରୁ ନର୍ଲା ଯାଏଁ ସ୍ଥାନେସ୍ଥାନେ ଅସ୍ଥାୟୀ ତାଳ ପତ୍ର, ଖର, ନଡା ଛାଉଣୀର ଆଶ୍ରୟସ୍ଥଳୀ ତିଆରି କରିବା ସହିତ ଭରପୁର ମାଠିଆ ପାଣିର ବନ୍ଦୋବସ୍ତ କରିବା ଉଚିତ୍ ବୋଲି ସାଧାରଣରେ ଦାବି ହେଉଛି।

# ବିପଦସଙ୍କୁଳ ଅବସ୍ଥାରେ ଚିନାମାଳିପର୍ଶି ଅଙ୍ଗନୱାଡି ଗୃହ

ପାଟଣା : ପାଟଣା ବ୍ଲକ ଅନ୍ତର୍ଗତ ଚିନାମାଳିପଶି ଅଙ୍ଗନୱାଡି ଗୃହଟି ବିପଦଶଙ୍କୁଳ ହୋଇପଡିଛି। ଦଦରା କାନ୍ଥ ଓ ଛାତର ପ୍ଲାଷ୍ଟର ଖସୁଥିବା ଗୃହରେ ବାଧ ହୋଇ ଦିଦି କୋମଳମତି ଶିଶୁମାନଙ୍କୁ ପାଠ ପଢ଼ାଉଛନ୍ତି । ଚିନାମାଳିପଶି ଗ୍ରାମର ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଏହି ଅଙ୍ଗନୱାଡିଟି ବହୁ ପୁରୁଣା । ଏଠାରେ ଏବେ ୨୮ ଜଣ ଶିଶୁ ପାଠ ପଢୁଛନ୍ତି। ଏହି ଅଙ୍ଗନୱାଡି ଗୃହ ବିପଦଶଙ୍କୁଳ ସ୍ଥିତି ସମ୍ପର୍କରେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇଥିଲେ। ଏହାପରେ ପାଟଣା ବିଡିଓ ଏହି ଅଙ୍ଗନୱାଡି ଗୃହ ସ୍ଥିତି ଦେଖି ଏହାକୁ ଭାଙ୍ଗିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ । ସେହି ଭଙ୍ଗା ଦଦରା ଘରେ ଶିଶୁ ମାନଙ୍କୁ ପାଠ ପଢ଼ାଯାଉଛି । ଏପରିକି ଏହି ଅଙ୍ଗନୱାଡି କେନ୍ଦ୍ରଟି ଉଚ୍ଚ ବିଦ୍ୟାଳୟ ୫-ଟି ସୌନ୍ଦର୍ଯ୍ୟ କରଣକୁ ମଧ୍ୟ ନଷ୍ଟ କରିଛି । ଏହି ପରିପ୍ରେକ୍ଷୀରେ ଏକ ସୁରକ୍ଷିତ, ସୁବିଧାଯୁକ୍ତ ସ୍ଥାନରେ ନୂତନ ଅଙ୍ଗନୱାଡ଼ି ଗୃହ ନିର୍ମାଣ କରାଯିବାସହ ଯଥା ଶୀଘ୍ର ବିପଦଶଙ୍କୁଳ ଗୃହକୁ ଭଙ୍ଗାଯିବା ପାଇଁ ପ୍ରସ୍ତାବ ଦିଆଯାଇଛି ।



# ମକରଧ୍ୱଜ ଶୃଙ୍ଗ ଓ ମକର ଧ୍ୱଜ ଯାତ୍ରା ସମ୍ପର୍ଣ୍ଣ

ସମ୍ବଲପୁର/ଦେବଗଡ଼, (ହି.ସ.) – ପ୍ରକୃତି ଓ ପ୍ରତୀକର ଯାତ୍ରା ମକରଯାତ୍ରାକୁ ସମଗ୍ର ଦେବଗଡ଼ ଜିଲ୍ଲାର ଲୋକମାନେ ବେଶ ନିଆରା ଢଙ୍ଗରେ ପାଳନ କରିଛନ୍ତି । କେଉଁଠି ପୂଜା କରିଥାନ୍ତି ପାହାଡ଼ ଓ ଗୁମ୍ଫାକୁ ତ ପୁଣି କେଉଁଠି ଜଙ୍ଗଲକୁ । ପୁଣି ଆଉ କେଉଁଠି ରାତି ତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଯାଇଛି ଏହି ଉତ୍ସବ । ସହରର ବିଭିନ୍ନ ସାହିର ଛକ ମାନଙ୍କରେ ରାଶି କୁଟି, ଖଜୁରୀପାଲ ଇତ୍ୟାଦି ଶୁଖିଲାଡାଳ ଶିମିଳିକଂଟା ଗଛ ପୋତି ତା ଆଗ ଦିନ ରାତିରୁ ସଜବାଜ କରିଥାନ୍ତି ଏବଂ ସକାଳୁ ଭୋରରୁ ନିଆଁ ଲଗାଇଥାନ୍ତି । ''ମକର ହୁଳ'' ଭାବେ ଏହା ପ୍ରାୟତଃ ପରିଚିତ୍ । ଆବାହମାନ କାଳରୁ ପ୍ରଚଳିତ ପ୍ରଥାନୁଯାୟୀ ସ୍ଥାନୀୟ ଅଧିବାସୀମାନେ ପାହାଡରୁ କାଠ, ବାଉଁଶ, ପତ୍ର ଇତ୍ୟାଦି ସଂଗ୍ରହ କରି ଜୀବିକାର୍ଜନ କରୁଥିଲେ । ଏଣୁ ପାହାଡକୁ ''ବାପା-ମା'' ଅର୍ଥାତ ଶିବ-ପାର୍ବତୀଙ୍କ ସ୍ୱରୂପ ପୂଜା କରୁଥିଲେ । ଯାହାକି ଆଜିଯାଏ ଏହି ପରମ୍ପରା ଚଳି ଆସୁଛି । ମକର ଦିନ ଗିରିଶୃଙ୍ଗରେ ମାନସିକ ଧ୍ୱଜ ଲଗାଯାଉଥିବାରୁ ଏହାକୁ ମକରଧ୍ୱଜ ଶୃଙ୍ଗ ଓ ମକର ଧ୍ୱଜ ଯାତ୍ରା ମଧ କୁହାଯାଏ । ସୂଚନାନୁଯାୟୀ ପ୍ରଧାନପାଟ ପର୍ବତମାଳାର ସୁଉଚ୍ଚ ମକରଧ୍ୱଜା ଶୃଙ୍ଗରେ ତଅଁଳା ସାହି ଶଙ୍କର ମଧୁସୂଦନ କ୍ଲବ ପକ୍ଷରୁ ପତାକା ସ୍ଥାପନ କରାଯିବା ସହ ମକରଯାତ୍ରା ପାଇଁ ପୂଜକ ସୁଦୀପ୍ତ ବେହେରା ଆଜ୍ଞାମାଳ ଆଣିଥିଲେ । ପରେ ପରେ ବିଭିନ୍ନ ସାହିର ମାନସିକଧାରୀମାନେ ମକରଧ୍ୱଜ ଶୃଙ୍ଗରେ ମାନସିକ ଧ୍ୱଜା ବାନ୍ଧିଥିଲେ । ମକରଧ୍ୱଜ ଶୃଙ୍ଗକୁ ଚଢିବା ଏକ କଷ୍ଟକର ଯାତ୍ରା ହୋଇଥିଲେ ମଧ ଶତାଧିକ ମାନସିକଧାରୀ ମାନସିକ ଧ୍ୱଜା ବାନ୍ଧିଥିଲେ । ଯେଉଁମାନେ ଚଢିପାରିବେ ନାହିଁ ସେମାନେ ପୂଜକଙ୍କୁ ମାନସିକ ଧ୍ୱଜା ଓ ଦକ୍ଷିଣା ପ୍ରଦାନ କରିଥିଲେ । ତେବେ ଏହି ଯାତ୍ରା ଓ ଧ୍ୱଜା ବାନ୍ଧିବା ଓ ପର୍ବତ ଗୁମ୍ଫାକୁ ପୂଜା କରିବା ଜିଲ୍ଲାର ବିଭିନ୍ନ ସ୍ଥାନରେ ମକରଯାତ୍ରା ଅନୁଷ୍ଠିତ ହୋଇଥିଲା । ପର୍ବତ ଶୃଙ୍ଗରେ ଶ୍ରଦ୍ଧାଳୁଙ୍କ ପାଇଁ ସ୍ଥାନୀୟ ମକର ଧ୍ୱଜ କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ପାହାଡ଼ ଉପରେ ଅନ୍ନ ପ୍ରସାଦ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା । କମିଟିର ସଭାପତି ଅତିଲ ଖଡ଼ିଆ, ସମ୍ପାଦକ ସୁମନ୍ତ ସଂଖାରୀ, କୋଷାଧକ୍ଷ ରିଙ୍କୁ କେରେକେଟାଙ୍କ ସମେତ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ । ପୌରାଂଚଳର ତଅଁଳା ସାହି ଶଙ୍କର ମଧୁସୂଦନ କ୍ଲବ ପୂଜା କମିଟୀ ସଭାପତି ସୁଶାନ୍ତ ବେହେରା, ସଂପାଦକ ପ୍ରଶାନ୍ତ ବେହେରାଙ୍କ ସମେତ କମିଟୀର ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ । ତଅଁଳା ସାହି ଶଙ୍କର ମଧୁସୂଦନ କ୍ଲବ ପକ୍ଷରୁ ୩ ଦିନ ମକରଯାତ୍ରା ଅନୁଷ୍ଠିତ ହେବ । ସେହିପରି ବାରକୋଟ ବ୍ଲକ ଅନ୍ତର୍ଗତ ଶିରିଗିଡା ଗ୍ରାମରେ ମଧ ଚଳିତ ବର୍ଷ ଆକର୍ଷଣୀୟ ମକର ମେଳା ଉତ୍ସବ ପାଳନ ହୋଇଥିଲା ।

# ଭଡାଘରୁ ୧୫ଜଣ ଯୁବତୀ ଉଦ୍ଧାର

ବାରିପଦା(ହି.ସ): ବାରିପଦା ଭଞ୍ଜପୁର ଥାନା ଅନ୍ତର୍ଗତ ବିଜୟ ରାମଚନ୍ଦ୍ରପୁର ଅଂଚଳରେ ଏକ ଭଡ଼ାଘରୁ ୧୫ ଜଣ ଅଳ୍ପ ବୟସର ଝିଅ ଏବଂ ବିବାହିତା ମହିଳା ମାନଙ୍କୁ ଠାବ କରାଯାଇଛି । ସ୍ଥାନୀୟ ଲୋକେ ସେମାନଙ୍କୁ ପୋଲିସକୁ ହସ୍ତାନ୍ତର କରିଛନ୍ତି । ଏମାନେ ଗଞ୍ଜାମ, ବ୍ରହ୍ମପୁର ଆନ୍ଧ୍ର ସୀମାର ବିଭିନ୍ନ ଅଂଚଳରେ ବୋଲି ଜଣାପଡ଼ିଛି । ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାରାଣ୍ଡି ଘଟଣା ସ୍ଥଳରେ ପହଂଚି ଜିଲ୍ଲାପାଳ ଏବଂ ଆଇଜିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଭଞ୍ଜପୁର ପୋଲିସ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଘଟଣାସ୍ଥଳରେ ପହଂଚିଛନ୍ତି ।

# ଶ୍ରୀରାମ ନବମୀରେ ଗେରୁଆମୟ ହେଲା ରାୟଗଡ଼ା ସହର



ରାୟଗଡା(ପିପିଏସ୍): ରାୟଗଡା ଜିଲ୍ଲାରେ ଶ୍ରୀରାମ ନବମୀ ଧୁମ୍ଧାମରେ ପାଳିତ ହୋଇଛି । ଏହି ଉପଲକ୍ଷେ ପୁରା ସହର ଗେରୁଆ ମୟରେ ସଜ୍ଜିତ ହୋଇଥିଲା । ଜୟ ଶ୍ରୀରାମ ଧ୍ୱନିରେ ପୁରା ସହର କମ୍ପୁଥିବା ବେଳେ ସହରର କୁନି କୁନି ଶିଶୁଙ୍କ ଠାରୁ ଆରମ୍ଭ କରି ଆବାଳ ବୃଦ୍ଧ ବନିତା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି ଉପଲକ୍ଷେ ରାୟଗଡ ସଦର ରାମକୃଷ୍ଣ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କୁନି କୁନି ଛାତ୍ରଛାତ୍ରୀମାନେ ରାମ, ସୀତା, ହନୁମାନ ବେଶରେ ବିଦ୍ୟାଳୟକୁ ଯାଇଥିବା ବେଳେ ସେଠାରେ ରୀତିନୀତି ଅନୁସାରେ କାର୍ଯ୍ୟକ୍ରମ ହୋଇଥିଲା । ଏହା ସହ ରାୟଗଡ ସହର ବିଜେପି ତରଫରୁ ଏକ ରାମନବମୀ ଉପଲକ୍ଷେ ଏକ ବିଶାଳ ରାଲି ସ୍ଥାନୀୟ ରାମମନ୍ଦିର ନିକଟରୁ ବାହାରି ସହର ପରିକ୍ରମା କରିଥିଲା । ଯାହାକି ସହରକୁ ସମ୍ପୁର୍ଣ୍ଣ ଭାବେ ରାମମୟ କରିବା ଭଳି ଦୃଶ୍ୟମାନ ପରିଲକ୍ଷିତ ହୋଇଥିଲା । ଏହି ଅବସରରେ ରାମ ଭକ୍ତ ମାନେ ପ୍ରଭୁ ଶ୍ରୀରାମଙ୍କ ନାମ ସଂକୀର୍ତ୍ତନରେ ମଗ୍ନ ହୋଇଯାଇଥିବା ବେଳେ ସାରା ସହର ଏକ ଆଧାତ୍ମିକ ପରିବେଶରେ ପରିବେଷ୍ଟିତ ହୋଇଥିଲା । ଏହି ଅବସରରେ ବିଭିନ୍ନ ହିନ୍ଦୁ ସଂଗଠନ ଗୁଡ଼ିକ ଦ୍ୱାରା ପଣା ପାଣି ବଣ୍ଟନ କରିଥିବା ବେଳେ ଅନେକ ସ୍ଥାନରେ ଲୋକଙ୍କ ପାଇଁ ମନୋମୁଗ୍ଧକର କାର୍ଯ୍ୟକ୍ରମ ଗୁଡିକ ଅନୁଷ୍ଠିତ କରା ଯାଇଥିଲା ।

# ରୋଗୀ ନେଇ ଯାଉଥିବା କାର୍ ଦୁର୍ଘଟଣାଗ୍ରସ୍ତ, ସମସ୍ତେ ସୁରକ୍ଷିତ

ଘୁ.ଉଦୟଗିରି: କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ରତଙ୍ଗରୁ ବ୍ରହ୍ମପୁର ବଡ଼ମେଡିକାଲକୁ ଚିକିତ୍ସା ନିମନ୍ତେ ଯାଉଥିବା ବେଳେ କଳିଙ୍ଗା ଶଙ୍ଖସାହି (ଜବେଡି) ନିକଟରେ ଭାରସାମ୍ୟ ହରେଇ ଏକ କାର୍ (ଓଡି୦୨ ବିଟି ୨୩୮୭) ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି । ଦୁର୍ଘଟଣା ଫଳରେ କାରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି । ସୌଭାଗ୍ୟବଶତଃ କାରରେ ବସିଥିବା ରୋଗୀ ଓ ସେମାନଙ୍କର ସଂପର୍କୀୟମାନେ ସୁରକ୍ଷିତ ଅଛନ୍ତି । କାର୍‌ରେ ଚାଳକ ସହ ଜଣେ ବୟସ୍କା ବୃଦ୍ଧା, ଗାଡ଼ି ମାଲିକ ଏବଂ ନାତୁଣୀ ବସିଥିଲେ । ସେମାନଙ୍କୁ ଏକ ବୋଲେରୋ ଯୋଗେ



ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । କାରରେ ବସିଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଏବଂ କାହାରିକୁ ବିଶେଷ ଆଘାତ ହୋଇନଥିବା ଗାଡ଼ି ମାଲିକ ସୂଚନା ଦେଇଛନ୍ତି । ସଙ୍ଗେ ସଙ୍ଗେ ଘୁ.ଉଦୟଗିରି ଆଦର୍ଶ ଥାନା ଏସ୍ ଆଇ ରମେଶ ଚନ୍ଦ୍ର ଦାସ ଏବଂ ତାଙ୍କ ଟିମ୍ ପହଞ୍ଚି ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି ।

# ବୈତରଣୀ ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଚମ୍ପୁଆ, (ହି.ସ.): ଚମ୍ପୁଆ ଏନଏସି ଅନ୍ତର୍ଗତ ଚନ୍ଦ୍ରଶେଖରପୁର ଗ୍ରାମ ବୈତରଣୀ ନଦୀରୁ ଏକ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ଜଣକ ମୟୁରଭଞ୍ଜ ଜିଲ୍ଲା ଘାଗରବେଡା ଥାନା ଅନ୍ତର୍ଗତ ନିମେଇଁ ପୋଖରୀ ଗ୍ରାମର ଜୟପାଲ ବିରୁଆଙ୍କ ପୁଅ କମଳାକାନ୍ତ ବିରୁଆ(କୁନା) ବୟସ ୨୫ ବୋଲି ଜଣାପଡିଛି । ଖବର ଅନୁସାରେ କମଳାକାନ୍ତ ଗତକାଲି ନଦୀକୁ ମାଛ ମାରିବାକୁ ଆସି ନଦୀ ପାଣିରେ ବୁଡି ମୃତ୍ୟୁବରଣ କରି ଥିବା କୁହାଯାଉଛି । ତେବେ ସେ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାର ଲୋକେ ଗ୍ରାମର ଆଖ ପାଖ ସାହି ପଡିଶା, ବନ୍ଧୁବାନ୍ଧବ ଘର ଚାରି ଆଡ଼େ ଖୋଜା ଖୋଜି କରି ବିଫଳ ହେବା ପରେ ଚନ୍ଦ୍ରଶେଖର ପୁର ନିକଟ ବୈତରଣୀ ନଦୀ ମଧରେ ଗତକାଲି ବହୁ ଲୋକ ମାଛ ମାରୁଥିବାରୁ ସେ ମଧ ମାଛ ମାରିବାକୁ ଆସିଥିବା ସନ୍ଦେହ କରି ଆଜି ବୈତରଣୀ ନଦୀରେ ଖୋଜା ଖୋଜି କରିବାରୁ ମୃତଦେହକୁ ପାଣି ଭିତରୁ ଠାବ କରିଥିଲେ, ଶବକୁ ପାଇବା ପରେ ପୋଲିସକୁ ଖବର ଦେଇଥିଲେ । ତେବେ ବୈତରଣୀ ନଦୀରେ ମୟୁରଭଞ୍ଜ ପଟକୁ ମୃତଦେହ ରହିଥିବାରୁ ଖବର ପାଇ ଘାଗରବେଡା ପୋଲିସ ଘଟଣା ସ୍ଥଳରେ ପହଂଚି ଶବକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ପାରଳାରେ କଂଗ୍ରେସ ଗ୍ୟାରେଣ୍ଟି ଇସ୍ତାହାର ନେଇ ଲୋକଙ୍କ ନିକଟତର ହେଉଛନ୍ତି ବିଜୟ ପଟ୍ଟନାୟକ



ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ କଂଗ୍ରେସ ବିଧାନସଭା ପ୍ରାର୍ଥୀ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ଦଳୀୟ ଇସ୍ତାହାର ଶୁଭ ଉଦ୍‌ଘାଟନ କରି ଘରେ ପହଞ୍ଚାଇବା ପ୍ରୟାସ ଆରମ୍ଭ କରିଛନ୍ତି । କଂଗ୍ରେସ ଗ୍ୟାରେଣ୍ଟି ସମ୍ପର୍କରେ ଲୋକଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଉଛନ୍ତି ବିଜୟ । ଚୈତ୍ରମାସ ମଙ୍ଗଳବାର ପାରଳାଖେମୁଣ୍ଡି ସହରର ଏବଂ ନିର୍ବାଚନ ମଣ୍ଡଳୀର ଆଖପାଖ ଅଞ୍ଚଳରେ ଥିବା ଗ୍ରାମ ଦେବତୀଙ୍କୁ ବିଜୟ ପଟ୍ଟନାୟକ ପୂଜାର୍ଚ୍ଚନା କରିଛନ୍ତି । ଏହାସହିତ ସମସ୍ତ ଗ୍ରାମ ବୁଲି ଲୋକଙ୍କୁ କଂଗ୍ରେସ ଗ୍ୟାରେଣ୍ଟି ଇସ୍ତାହାର ଉପରେ ବୁଝାଉଥିଲେ । ଗୋଷାଣୀ ବ୍ଲକ୍‌ର ଅଗରଖଣ୍ଡି, ରଖଣ୍ଡି, ମଣ୍ଡଳଦେଇ, ବଡ଼ଗାଁ, ବଡକଟ୍ଟୁରୁ, ଜଙ୍ଗଲ ପାଡୁ, ବିଶି ତାପୁପୁରୁ ଆଦି ଅଞ୍ଚଳ ସହ ଅପରାହ୍ନରେ ପାରଳାଖେମୁଣ୍ଡି ସହରର ସାହିମାନଙ୍କରେ କଂଗ୍ରେସ ଗ୍ୟାରେଣ୍ଟି ଇସ୍ତାହାର ସମ୍ପର୍କରେ ପ୍ରଚାର ପ୍ରସାର କରିଥିଲେ । ଯୁବ କଂଗ୍ରେସ ଦେତା ସୂର୍ଯ୍ୟ ନାରାୟଣ ପାତ୍ର, ଜସ୍ମିନ ସାହିଦ ରାଫି, ମହିଳା କଂଗ୍ରେସ ସଭାନେତ୍ରୀ ରଞ୍ଜିତା ପାଣିଗ୍ରାହୀ, ଅଭିମନ୍ୟୁ ପଣ୍ଡା, ଉପେନ୍ଦ୍ର ବିଶ୍ୱାଳ, ଇନାସ ରାଇତ, ସୁବାଷ ଶବର, ନଗର କଂଗ୍ରେସ୍ ସଭାପତି ବସନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତିରେ ମଇଦାନରେ ରଣନୀତି ନିର୍ଦ୍ଧାରଣ କରିଚାଲିଛନ୍ତି ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ବିଜୟ କୁମାର ପଟ୍ଟନାୟକ ।

# ଟେରାକୋଟାରେ ଭୋଟର ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗିର, (ହି.ସ.)- ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ମତଦାନ ହାର ବଢାଇବାକୁ ପ୍ରଶାସନ ଉଦ୍ୟମ ଚଳାଇଛି । ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଭୋଟରଙ୍କୁ ସଚେତନ କରିବାକୁ ପ୍ରୟାସ ଚାଲିଛି । ସେହି କ୍ରମରେ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ଆବାସ ପାଖରେ ଥିବା ଏସଏଚଜି ଆଉଟ ଲେଟ ଠାରେ ମହିଳା ମାନଙ୍କ ଦ୍ୱାରା ଟେରାକୋଟା ମାଧ୍ୟମରେ ଭୋଟରଙ୍କୁ ସଚେତନ କରାଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଆଉଟଲେଟରେ ଥିବା ପାଣି ମାଠିଆ ମାନଙ୍କୁ ମତଦାତା ନିଶ୍ଚୟ ଭୋଟଦେବାକୁ ବାର୍ତ୍ତା ଲେଖି ପ୍ରଦର୍ଶିତ ଓ ବିକ୍ରୟ କରାଯାଇଛି । ଗ୍ରାହକମାନେ ମଧ ନିର୍ବାଚନ ପର୍ବରେ ସାମିଲ ନିଶ୍ଚୟ ମତସାବ୍ୟସ୍ତ କରିବାକୁ ଆଗ୍ରହ ପ୍ରକାଶ କରି ଏହି ମାଠିଆ କିଣୁଥିବା ଲକ୍ଷ୍ୟ କରାଯାଇଥିଲା । ସକାଳ ୯ଟାରେ ଜିଲ୍ଲା ପରିଷଦର ସିଇଓ ପ୍ରଭାତ ମହାପାତ୍ର, ଓରମାସ ସିଇଓ କମଳେନ୍ଦୁ ପଲ, ମିଶନ ଶକ୍ତି ସଂଯୋଜିକା ସୁମନ ଦ୍ୱିବେଦୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ ସାହୁଙ୍କ ଉପସ୍ଥିତିରେ ମିଶନଶକ୍ତିର ମହିଳାମାନେ ଏହାକୁ ପ୍ରଦର୍ଶନ କରିଥିଲେ । ଜିଲ୍ଲାର ସମସ୍ତ ମତଦାତା ଯେଭଳି ସୁବିଧାରେ ଓ ନିର୍ଭୟରେ ଭୋଟ ଦେଇପାରିବେ ସେନେଇ ବ୍ୟବସ୍ଥା କରାଯାଉଥିବା ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ଜିଲ୍ଲାପରିଷଦ ସିଇଓ ପ୍ରଭାତ ମହାପାତ୍ର କହିଛନ୍ତି ।

# ଡାକ୍ତର ବୀରକିଶୋର ଦେବତାଙ୍କ ବିୟୋଗ

ରାଉରକେଲା(ପିପିଏସ): ରାଉରକେଲାର ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ବୀରକିଶୋର ଦେବତାଙ୍କ ମହାପ୍ରୟାଣ ଘଟିଛି । ଫଳରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନାଯୋଗ୍ୟ ଯେ ଡାକ୍ତର ବୀରକିଶୋର ଦେବତାଙ୍କ ବୁର୍ଲା ମେଡିକାଲ କଲେଜରୁ ଏମବିବିଏସ ଓ କଟକ ମେଡିକାଲ କଲେଜରୁ ଶିଶୁରୋଗରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ । ଶେଷ ସମୟରେ ସେ ତଲେଗାଁ, ପୁନେ ପାଖରେ ତାଙ୍କ ଜ୍ୟେଷ୍ଠ ପୁତ୍ର ପ୍ରଫେସର ବିକାଶ ରଞ୍ଜନ ଦେବତାଙ୍କ ପାଖରେ ଥିଲେ । ପ୍ରାୟ ଛ ମାସ ହେଲା ଡାକ୍ତର ଦେବତା ଅସୁସ୍ଥ ଥିଲେ । ତାଙ୍କ ବୃକକ (କିଡ଼ନୀ) ଠିକ ଭାବରେ କାମ କରୁ ନ ଥିଲା । କିଛିଦିନ ତାଙ୍କର ଡାଏଲିସୀସ ମଧ ଚାଲିଥିଲା । ଡାକ୍ତର ଦେବତା ଜଣେ ଉଚ୍ଚକୋଟୀର ଓ ଲୋକପ୍ରିୟ ଡାକ୍ତର ଭାବରେ ଛେଣ୍ଡରେ ତଥା ରାଉରକେଲାରେ ଜଣାଶୁଣା ଥିଲେ । ମିଷ୍ଟଭାଷୀ, ସରଳ ତଥା ଜଣେ ସ୍ନେହୀ ମଣିଷ ଭାବରେ ତାଙ୍କର ସୁଖ୍ୟାତି ଥିଲା । ତାଙ୍କର ଧର୍ମପତ୍ନୀ



ରୋଟାରୀଆନ ଅର୍ଚ୍ଚନା ଦେବତା ଜଣେ ସମାଜସେବୀ । ଡାକ୍ତର ଦେବତାଙ୍କ ଜ୍ୟେଷ୍ଠ ପୁତ୍ର ଡାକ୍ତର ବିକାଶ ରଞ୍ଜନ ଦେବତା ଜଣେ ମ୍ୟାନେଜମେଣ୍ଟ ପ୍ରାଧାପକ ଭାବରେ ପୁନେରେ କାର୍ଯ୍ୟରତ । କନିଷ୍ଠ ପୁତ୍ର ପ୍ରଦୀପ ଭାସ୍କର ଦେବତା ଜଣେ ଅର୍ଥ ବିଶେଷଜ୍ଞ ଓ ପରାମର୍ଶଦାତା ଭାବରେ ଇଂଲଣ୍ଡରେ ତାଙ୍କ ପରିବାର ସହିତ ରହନ୍ତି । ତାଙ୍କ ସହଧର୍ମିଣୀ ନୀଲମ ମଧ କ୍ୟାମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଜଣେ ଅଧାପିକା । ଡାକ୍ତର ଦେବତାଙ୍କର ଜଣେ ନାତି ଓ ନାତୁଣୀ ଅଛନ୍ତି । ଡାକ୍ତର ଦେବତା ରାଉରକେଲା ଇସ୍ପାତ କାରଖାନାର ସେବାନିବୃତ୍ତ ମହାପ୍ରବନ୍ଧକ ତଥା ରୋଟାରିଆନ ଅଜିତ ପୂଜାରୀଙ୍କ ଭିଣୋଇ ।

# ଲର୍କିପାଲିରେ ସମରେନ୍ଦ୍ରଙ୍କ ପାଇଁ ଭୋଟ ମାଗିଲେ ନରସିଂହ

ବଲାଙ୍ଗୀର, (ହି.ସ.)- ଲୋକେ ଦୁଇ ଦୁଇ ଥର ତାଙ୍କ ବହୁମୂଲ୍ୟ ଭୋଟ ଦେଇ ବଲାଙ୍ଗିରରେ କଂଗ୍ରେସକୁ ଜିତାଇଛନ୍ତି । ଲୋକଙ୍କ ଆଶା ମୁତାବକ, ତାଙ୍କ ଅଭିଯୋଗ ଶୁଣି କାମ କରିବାକୁ ଚେଷ୍ଟା କରିଛୁ । ଅଂଚଳର ପ୍ରତ୍ୟେକ ସମସ୍ୟାକୁ ଜିଲ୍ଲା ପ୍ରଶାସନ ଦ୍ୱାରା ହେଉ କି ବିଧାନସଭାରେ ଉପସ୍ଥାପନା କରି ସମସ୍ୟା ସମାଧାନ କରି ବଲାଙ୍ଗିରର ଏକ ଆଖିଦୃଶିଆ ବିକାଶ କରାଯାଇଛି । ଆଗକୁ ବଲାଙ୍ଗିରରେ ବାକି ଥିବା ବିକାଶକୁ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି ପୌରାଂଚଳ ଅନ୍ତର୍ଗତ ୱାର୍ଡ ନଂ.୧ ର ଲର୍କିପାଲି ଠାରେ ଅନୁଷ୍ଠିତ ଏକ ନିର୍ବାଚନୀ ସଭାରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ବଲାଙ୍ଗିର ବିଧାନସଭା ପ୍ରାର୍ଥୀ ସମରେନ୍ଦ୍ର ମିଶ୍ରଙ୍କ ପାଇଁ ହାତ ଚିହ୍ନରେ ଭୋଟ ନିବେଦନ କରିବା ସମୟରେ ଉପସ୍ଥିତ ଅଂଚଳବାସୀଙ୍କୁ ନିଜ ବକ୍ତବ୍ୟରେ କହିଛନ୍ତି । ନଗର କଂଗ୍ରେସ ସଭାପତି ବୁଲୁ ଦାନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ନିର୍ବାଚନୀ ସଭାରେ ବିଧାୟକ ଶ୍ରୀ ମିଶ୍ର ଲୋକଙ୍କ ଉଦ୍ଦେଶ୍ୟରେ ଆହୁରି ମଧ କହିଛନ୍ତି ଯେ, ପ୍ରତ୍ୟେକ ଲୋକ ଆଗାମୀ ନିର୍ବାଚନରେ ସଚେତନ ହୋଇ ଭୋଟ କେନ୍ଦ୍ରକୁ ଭୋଟ ଦେଇ ଯିବା ଉଚିତ । ମୋର ଅନୁରୋଧ ଭୋଟ ଦେବା ବେଳେ ଲୋକେ ଟିକେ ଚିନ୍ତନ କରିବେ ଯେ, ୨୦୧୪ ପୂର୍ବରୁ ବଲାଙ୍ଗିରର ସ୍ଥିତି କିପରି ଥିଲା ଓ ୨୦୧୪ ପରବର୍ତ୍ତି ବଲାଙ୍ଗିର କେମିତି ଅଛି । ପାନୀୟ ଜଳ, ରୋଡ ରାସ୍ତା, ମେଡିକାଲ କଲେଜ, ଲୋୟର ସୁକତେଲ, ଶିକ୍ଷା ଭିତିଭୂମିରେ ପ୍ରାୟତଃ ଉନ୍ନତି ଆସିଯାଇଛି । ବର୍ତ୍ତମାନ ଆମର ଲକ୍ଷ୍ୟ ଏଠିକାର ଯୁବକମାନଙ୍କୁ କର୍ମସଂସ୍ଥାନ ଯୋଗାଇବା ଏବଂ ଛାତ୍ରମାନଙ୍କୁ ଉତମ ଶିକ୍ଷା ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବା । ଏହା ହୋଇ ପାରିଲେ ସ୍ୱତଃ ପ୍ରବୃତ୍ତ ଭାବେ ଲୋକଙ୍କ ସାମଗ୍ରିକ ଅର୍ଥନୈତିକ ବିକାଶ ନିଶ୍ଚିତ ହେବ । ଲୋକେ ଆଗାମୀ ନିର୍ବାଚନରେ ଏପରି ଜନପ୍ରତିନିଧି ବାଛନ୍ତୁ ଯେଉଁମାନେ କି ଲୋକଙ୍କ ଅଭିଯୋଗ ଶୁଣିବା ଓ ତାର ସମାଧାନ ପାଇଁ ବଲାଙ୍ଗିରରେ ସବୁବେଳେ ଉପଲବ୍ଧ ରହିବେ ବୋଲି ଶ୍ରୀ ମିଶ୍ର କହିଥିଲେ । ଆଜିର ଏହି ସଭାରେ ଅନ୍ୟମାନଙ୍କ ମଧରେ ଅନିକେଶ କୁମ୍ଭାର, ବସନ୍ତ ଛତ୍ରିଆ, ରଘୁମଣି କୁମ୍ଭାର, ରବିନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ମଂଚାସିନ ଥିବା ବେଳେ ଅଂଚଳର ଅନେକ ମହିଳା ପୁରୁଷ ଉପସ୍ଥିତ ଥିଲେ ।

# ଗଜପତିରେ ଫଳଚାଷରେ ଉଚ୍ଚ ସାନ୍ଦ୍ରତା ରୋପଣ ନେଇ ସେଞ୍ଚୁରିୟାନ ଛାତ୍ରୀଙ୍କ ସଚେତନତା



ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହର ଉପକଣ୍ଠରେ ଥିବା ସେଞ୍ଚୁରିୟାନ ଅଧିନସ୍ଥ ସ୍ୱାମୀନାଥନ ଅଫ ଏଗ୍ରିକଲ୍‌ଚରର ଛାତ୍ରୀମାନେ ଫଳ ଚାଷରେ ଉଚ୍ଚ ସାନ୍ଦ୍ରତା ରୋପଣକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୋଷାଣି ବ୍ଲକ ଅନ୍ତର୍ଗତ ପାଟିକୋଟା ଗ୍ରାମର ଚାଷୀଙ୍କୁ ଉଚ୍ଚ ସାନ୍ଦ୍ରତା ରୋପଣ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ । ସାନ୍ଦ୍ରତା ରୋପଣର ଅର୍ଥ ହେଉଛି ଫଳର ଗୁଣକୁ ପ୍ରଭାବିତ ନ କରି ପ୍ରତି ୟୁନିଟରେ ସମାନ ପ୍ରଜାତିର ଉଦ୍ଭିଦ ସଂଖ୍ୟା ବୃଦ୍ଧି କରିବା. ଏହା ଦ୍ୱାରା କ୍ଷେତ ପ୍ରତି ଉତ୍ପାଦନ ଏବଂ ଅମଳ ବୃଦ୍ଧି କରେ, ଏହା ପରିବେଶ ପାଇଁ ଅନୁକୂଳ ରହେ । ଜମି ଏବଂ ସମ୍ବଳର ବ୍ୟବହାର, ଜଳ ଏବଂ ସାର, ଦକ୍ଷ କୀଟ ନାଶ ଶକ ପ୍ରୟୋଗ ଆଦି ସମ୍ପର୍କରେ ଝାଇଥିଲେ । ଏହା ସହ ଉଚ୍ଚସାନ୍ଦ୍ରତା ରୋପଣର ଗର ମୂଳ ଉଦ୍ଦେଶ୍ୟ ହେଉଛି ଫଳ ଗୁଣକୁ ଗୁଣକୁ ପ୍ରଭାବିତ ନ କରି ଶାକାହାରୀ ଏବଂ ଉତ୍ପାଦନ ଅଭିବୃଦ୍ଧିକୁ ସନ୍ତୁଳିତ କରି ଆବଶ୍ୟକ ଉତ୍ପାଦନ ଆବଶ୍ୟକତା ପୂରଣ କରିବା । କୃଷି ବିଦ୍ୟାଳୟର ଛାତ୍ରୀ ଜି. ଶ୍ରୀଲକ୍ଷ୍ମୀ, ଟି. ନବ୍ୟା, ଏଲ.ଐଶ୍ୱର୍ଯ୍ୟ, ଟି. ଶ୍ରାବଣୀ ପ୍ରମୁଖ ଛାତ୍ରୀ ଚେତନତା କାର୍ଯ୍ୟକ୍ରମରେ ସାମିଲ ଥିଲେ ।

# ୪ ହଜାର ଲିଟର ମହୁଲ ପୋଚ ଜବତ

ଜୟପୁର, (ହି.ସ.): ଜୟପୁର ବ୍ଲକ ଅନ୍ତର୍ଗତ ମୁଳାସର କେନାଲ ନିକଟ ଜଙ୍ଗଲରେ ଅବକାରି ଚଢଉ ହୋଇଛି । ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଓ ଇଆଇବି ସ୍କ୍ୱାର୍ଡ ମିଳିତ ଚଢଉ କରିଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ବହୁ ମଦ ଭାଟି ଭାଙ୍ଗିଛି । ଘଟଣାସ୍ଥଳରୁ ୪ ହଜାର ଲିଟର ମହୁଲ ପୋଚ ଓ ୨୪୦ ଲିଟର ମହୁଲ ମଦ ଜବତ କରି ନଷ୍ଟ କରିଛି । ବେଆଇନ ଭାବେ ଚୋରା ମହୁଲ ମଦ ପ୍ରସ୍ତୁତି ଖବର ପାଇ ଜୟପୁର ଅବକାରି ନିରିକ୍ଷକ ଶଶିକାନ୍ତ ଦତ, ଓଆଇସି ନିଳାଦ୍ରି ବାହାରି ମିଶ୍ର, ଇଆଇବି ସ୍କ୍ୱାର୍ଡ ଓଆଇସି ରଶ୍ମି ରଞ୍ଜନ ନାୟକ ପ୍ରମୁଖ ଚଢଉ କରିଥିଲେ । ଚଢ଼ଉ କରି ମଦ ରନ୍ଧା ସରଞ୍ଜାମ, ଡ୍ରମ ଅଦିକୁ ଜବତ କରିଛି ଏହି ଟିମ୍ । ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ଅବକାରି ବିଭାଗ ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଡ. ବିଆର୍ ଆମ୍ବେଦକରଙ୍କ ଜୀବନୀ ଓ ଅବଦାନ ଶୀର୍ଷକ ସ୍ୱତନ୍ତ୍ର ବକ୍ତୃତା

ଜୟପୁର, (ହି.ସ.)- ଭାରତ ରତ୍ନ ବାବାସାହେବ ଡ. ବିଆର୍ ଆମ୍ବେଦକରଙ୍କ ୧୩୪ତମ ଜୟନ୍ତୀ ଅବସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୁନାବେଡ଼ା ପରିସରରେ 'ଡ. ବିଆର୍ ଆମ୍ବେଦକରଙ୍କ ଜୀବନ ଓ ଅବଦାନ' ଶୀର୍ଷକ ଏକ ସ୍ୱତନ୍ତ୍ର ବକ୍ତୃତା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ଓ ଔରଙ୍ଗାବାଦସ୍ଥିତ ଡ. ବାବାସାହେବ ଆମ୍ବେଦକର ମରାଠୱାଡା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବାଲୁ ଆନନ୍ଦ ଚୋପାଡେ ଓ ବିଶ୍ୱଭାରତୀର ଯୁଗ୍ମ ରେଜିଷ୍ଟ୍ରାର ଡ. ପ୍ରଶାନ୍ତ ମେଶ୍ରାମ ପ୍ରମୁଖ ଯୋଗଦେଇ ସାରଗର୍ଭକ ବକ୍ତୃତା ପ୍ରଦାନ କରିଥଲେ । ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହ ସଭାପତିତ୍ୱ ଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧରେ ରେଜିଷ୍ଟ୍ରାର ଓ ଫାଇନାନ୍ସ ଅଫିସର ପ୍ରଫେସର ଏନ୍ ସି ପଣ୍ଡା, ଏକାଡେମିକ୍ ଆଣ୍ଡ୍ ଆଡ୍ମିନିଷ୍ଟ୍ରେସନ୍ ର ଉପଦେଷ୍ଟା ପ୍ରଫେସର ଭିସି ଝା ପ୍ରମୁଖ ଉପସ୍ଥିତ ଥିଲେ । ରାଜଭାଷା ସେଲ୍ ର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ହେମରାଜ ମୀନା ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଫେସର ତ୍ରିପାଠୀ ଡ. ଆମ୍ବେଦକରଙ୍କ ଗଭୀର ଶିକ୍ଷା ଉପରେ ଗୁରୁତ୍ୱାରୋପ କରି ତାଙ୍କୁ ଜଣେ ଦୂରଦର୍ଶୀ ବିଶ୍ୱ ଆଇକନ୍ ଏବଂ ରାଷ୍ଟ୍ରର ପ୍ରକୃତ ସ୍ଥାପକ ଭାବରେ କୃତଜ୍ଞତା ଜଣାଇଥିଲେ । ଡ. ଆମ୍ବେଦକରଙ୍କ ଜୀବନ, ଶିକ୍ଷା ଓ ଅବଦାନ କୁ ଅନୁଧାନ କରିବା ସହ ସାମାଜିକ ଓ ଜାତୀୟ ପ୍ରଗତିରେ ସକ୍ରିୟ ଭାବେ ଯୋଗଦାନ କରିବାକୁ ପ୍ରେରଣା ପାଇବା ପାଇଁ ସେ ବିଶ୍ୱବିଦ୍ୟାଳୟ ସମୁଦାୟଙ୍କୁ ପରାମର୍ଶ ଦେଇଥିଲେ । ଡ. ବିଆର୍ ଆମ୍ବେଦକରଙ୍କ ଅନନ୍ୟ ମହାନତା ଉପରେ ଆଲୋକପାତ କରି ପ୍ରଫେସର ଚୋପାଡେ ଜ୍ଞାନର ପ୍ରତୀକ ଭାବରେ ତାଙ୍କର ମହତ୍ୱ ଉପରେ ବର୍ଣ୍ଣନା କରିଥିଲେ, ବିଶେଷ କରି କଲମ୍ବିଆ ବିଶ୍ୱବିଦ୍ୟାଳୟରେ ତାଙ୍କର ଉଲ୍ଲେଖନୀୟ ଶୈକ୍ଷିକ ଯାତ୍ରାକୁ ଉଲ୍ଲେଖ କରିଥିଲେ । ଜଣେ ଜ୍ଞାନୀ, ସମାଜ ସଂସ୍କାରକ, ଆଇନଜୀବୀ, ଅର୍ଥନୀତିଜ୍ଞ ଏବଂ ମହିଳା ସଶକ୍ତୀକରଣ ସମେତ ବିଭିନ୍ନ ଉଦ୍ଦେଶ୍ୟପାଇଁ ଭାରତର ସମ୍ବିଧାନ ନିର୍ମାତା ଡ. ଆମ୍ବେଦକରଙ୍କ ବହୁମୁଖୀ ପ୍ରତିଭା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଡକ୍ଟର ମେଶ୍ରାମ ଡକ୍ଟର ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ବିଶ୍ୱବ୍ୟାପୀ ପାଳନ କରାଯାଉଥିବା ବିଶ୍ୱସ୍ତରୀୟ ସ୍ୱୀକୃତି ଉପରେ ଆଲୋକପାତ କରିଥିଲେ । ଭାରତୀୟ ସମ୍ବିଧାନ ରଚନାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଠାରୁ ଆରମ୍ଭ କରି ଆଧୁନିକ ଭାରତକୁ ନିର୍ମାଣ କରିବାରେ ପ୍ରମୁଖ ଅନୁଷ୍ଠାନ ଏବଂ ନୀତି ପ୍ରତିଷ୍ଠା ରେ ତାଙ୍କର ପ୍ରୟାସ ପର୍ଯ୍ୟନ୍ତ ସେ ଡ. ଆମ୍ବେଦକରଙ୍କ ବହୁମୁଖୀ ଅବଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଫେସର ଝା ତାଙ୍କ ଆଇନଗତ ଦକ୍ଷତା ଏବଂ ନୀତିଗତ ହସ୍ତକ୍ଷେପ ମାଧ୍ୟମରେ ଆଧୁନିକ ଭାରତ ଗଠନରେ ଡ. ଆମ୍ବେଦକରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଡ. ଆମ୍ବେଦକରଙ୍କ ଦୂରଦୃଷ୍ଟି ଦେଶକୁ ପ୍ରଗତି ଓ ଉତ୍କର୍ଷତା ଦିଗରେ ମାର୍ଗଦର୍ଶନ କରୁଛି ବୋଲି ସେ କହିଥିଲେ । ପ୍ରଫେସର ପଣ୍ଡା ଡ. ଆମ୍ବେଦକରଙ୍କୁ ଭାରତର ଜଣେ ସମ୍ମାନଜନକ ଋଷିଙ୍କ ସହ ତୁଳନା କରି ସାମାଜିକ ଉନ୍ନତି ଓ ପ୍ରଗତି ପ୍ରତି ତାଙ୍କର ଅତୁଟ ସମର୍ପଣ ଉପରେ ଆଲୋକପାତ କରିବା ସହ ପ୍ରାଚୀନ ଶାସ୍ତ୍ରର ଶିକ୍ଷା ସହିତ ସମାନତା ଆଙ୍କିଥିଲେ । କାର୍ଯ୍ୟକ୍ରମକୁ ପ୍ରଫେସର ମୀନା ସଂଯୋଜନା କରି ସମସ୍ତ ଅଂଶଗ୍ରହଣକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଅଧାପକ, ଅଧିକାରୀ, ଛାତ୍ରଛାତ୍ରୀ ଏବଂ ଗବେଷକମାନେ ଏହି ବକ୍ତୃତାରେ ଯୋଗଦେଇ ଡ. ବିଆର୍ ଆମ୍ବେଦକରଙ୍କ ସ୍ଥାୟୀ ପରମ୍ପରାପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣେଇଛନ୍ତି ।

# ଜାମୁଦଲକରେ ଏକ ଦିବସୀୟ ରାତ୍ରିକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଚମ୍ପୁଆ, (ହି.ସ.) : ଚମ୍ପୁଆ ବ୍ଲକ ଅନ୍ତର୍ଗତ ଜାମୁଦଲକ ଠାରେ ରାତ୍ରିକାଳୀନ ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି । ଜାମୁଦଲକ ବୈତରଣୀ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଥିବା ଏହି ଟୁର୍ଣ୍ଣାମେଣ୍ଟ ରେ ଦୂର ଦୁରାନ୍ତରୁ ଆସିଥିବା ଆଠଟି ଦଳ ଅଂଶ ଗ୍ରହଣ କରିଥିଲେ । ସର୍ବଶେଷରେ ଗମ୍ଭାରୀଆ କ୍ରିକେଟ କ୍ଲବ ସହିତ ଚମ୍ପୁଆ (୧୧) କ୍ରିକେଟ କ୍ଲବ ଫାଇନାଲ ଖେଳିଥିବା ବେଳେ ଚମ୍ପୁଆ ଦଳ ଚମ୍ପିୟାନ ହୋଇ ଟ୍ରଫି ହାସଲ କରିବାରେ ସଫଳ ହୋଇଥିଲେ । ଏହି ଖେଳରେ ମୁଖ୍ୟଅତିଥିଭାବେ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ ଯୋଗ ଦେଇ ଥିବାବେଳେ ସମ୍ମାନିତ ଅତିଥିଭାବେ ଆଇନଜୀବି ରମେଶ ଚନ୍ଦ୍ର ପ୍ରଧାନ, ପୂର୍ବତନ ଚମ୍ପୁଆ ବ୍ଲକ ଚ୍ୟାରମେନ ସିଦ୍ଧାର୍ଥ ସିଂହ ପ୍ରମୁଖ ଯୋଗ ଦେଇ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଗ୍ରାମାଂଚଳରେ କିପରି ଖେଳର ବିକାଶ ହୋଇ ପାରିବ ସେ ସମ୍ପର୍କରେ ନିଜ ନିଜ ଅଭିଭାଷଣ ମାଧ୍ୟମରେ ଆଲୋକ ପାତ କରିଥିଲେ । କ୍ଲବ ପକ୍ଷରୁ ପିଲାଙ୍କ ମଧରେ ଖେଳ ପ୍ରତି ଆଗ୍ରହ ସୃଷ୍ଟି କରିବା ଦିଗରେ କରା ଯାଇଥିବା ପ୍ରଚେଷ୍ଟା ପାଇଁ ଅତିଥି ଏବଂ ସମସ୍ତ ଗ୍ରାମବାସୀଙ୍କ ପକ୍ଷରୁ କମିଟି ସଦସ୍ୟ ମାନଙ୍କୁ ସାଧୁବାଦ ଦିଆ ଯାଇଛି । ଖେଳ ଦେଖିବା ପାଇଁ ଜାମୁଦଲକ ସମେତ ଆଖ ପାଖ ଅଂଚଳ ରୁ ବହୁ ସଂଖ୍ୟାରେ ଖେଳ ପ୍ରେମୀ ଉପସ୍ଥିତ ରହି ଖେଳର ମଜା ନେଇ ଥିବା ଦେଖିବାକୁ ମିଳିଛି ।

# ଜୋସ୍ ବଟଲରଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ କୋଲକାତା ନାଇଟ୍ ରାଇଡର୍ସଙ୍କୁ ପରାସ୍ତ କଲା ରାଜସ୍ଥାନ ରୟାଲ୍ସ



କୋଲକାତା: ସୁନୀଲ ନାରାୟଣ (୫୬ ବଲ୍‌ରୁ ୧୦୯ ରନ୍)ଙ୍କ ଶତକକୁ ଫିକା କରିଦେଲା ଜୋସ୍ ବଟଲରଙ୍କ ଶତକ (୬୦ ବଲ୍‌ରୁ ୧୦୭)। ଏଥି ସହ ଘରୋଇ କୋଲକାତା ନାଇଟ୍ ରାଇଡର୍ସଙ୍କୁ ରୋମାଞ୍ଚକ ଭାବେ ୨ ଓ୍ୱିକେଟ୍‌ରେ ପରାସ୍ତ କରି ରାଜସ୍ଥାନ ରୟାଲ୍ସ ଶୀର୍ଷସ୍ଥାନ ଦୃଢ଼ କରିଛି। ସପ୍ତମ ମ୍ୟାଚ୍‌ରୁ ସଂଜୁ ସାମ୍‌ସନଙ୍କ ଦଳ ଷଷ୍ଠ ବିଜୟ ହାସଲ କରିଥିବା ବେଳେ କୋଲକାତା ଅଳ୍ପକେ ଶୀର୍ଷକୁ ଉଠିବାରୁ ବଞ୍ଚିତ ହୋଇଛି। ତଥାପି କୋଲକାତା ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି। କୋଲକାତାର ୨୨୩ ରନ୍‌କୁ ପିଛା କରି ୧୩ ଓଭର ବେଳକୁ ୧୨୧/୬ରେ ସଂଘର୍ଷ କରିଥିଲା। କିନ୍ତୁ ରୋଭ୍‌ମାନ ପାଓ୍ୱେଲ ୧୩ ବଲ୍‌ରୁ ୨୬ ରନ୍ ଆଦାୟ କରିବା ପରେ ଅବଶିଷ୍ଟ କାମକୁ ଚତୁରତାର ସହ ଶେଷ କରିଥିଲେ ଇଂଲିସ୍ ବ୍ୟାଟର ଜୋସ ବଟ୍‌ଲର। ରନ୍ ପାଇଁ ସଂଘର୍ଷ କରୁଥିବା ଏହି ଶାନ୍ତ ସ୍ୱଭାବର ଖେଳାଳି ୩୬ ବଲ୍‌ରୁ ୫୦ ଟପିଥିଲେ ମଧ୍ୟ ପରବର୍ତ୍ତୀ ୫୦ ରନ୍ ପାଇଁ ମାତ୍ର ୧୯ ବଲ୍ ଖେଳିଥିଲେ। ଏଥି ସହ ୯ ନମ୍ବର ବ୍ୟାଟର ଆଓ୍ୱେସ ଖାନ୍ (୦)ଙ୍କୁ ବଲ୍ ଖେଳିବାକୁ ନ ଦେଇ ନବମ ଓ୍ୱିକେଟ୍ ପାଇଁ ଶେଷ ୧୫ ବଲ୍‌ରୁ ୩୮ ରନ୍ ଯୋଡ଼ି ବିଜୟ ଛଡ଼ାଇ ଆଣିଥିଲେ। ଶେଷ ଓଭର ବୋଲିଂ କରିଥିବା ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ଛକା ମାରି ଶତକ ପୂର୍ଣ୍ଣ କରିବା ସହ ଶେଷ ବଲରୁ ଏକ ରନ୍ ସଂଗ୍ରହ କରି ବଟଲର ମ୍ୟାଚ୍‌କୁ ଶେଷ କରିଥିଲେ। ଯଶସ୍ୱୀ ଜୟସ୍ୱାଲ, ରିୟାନ ପରାଗଙ୍କ ସହ ସଂଜୁ ସାମ୍‌ସନ୍ ଭଲ ଆରମ୍ଭ କରିଥିଲେ ମଧ୍ୟ ଲମ୍ବା ଖେଳିପାରି ନଥିଲେ। ପାଓ୍ୱେଲ ଓ ବଟଲର୍‌ଙ୍କ ପାଳି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ବଟ୍‌ଲର ଚଳିତ ସିଜନ୍‌ରେ ଦ୍ୱିତୀୟ ଶତକ ସହ ମୋଟ ଉପରେ ସପ୍ତମ ଶତକ ମାରି ଆଇପିଏଲ୍ ଅଗ୍ରଣୀ ତାଲିକାରେ ଦ୍ୱିତୀୟକୁ ଉଠିଛନ୍ତି। ସେ କ୍ରିସ୍ ଗେଲ୍ (୬)ଙ୍କୁ ଅତିକ୍ରମ କରିଥିବାବେଳେ ଏବେ ଶୀର୍ଷରେ ଥିବା ବିରାଟ କୋହଲି (୮)ଙ୍କ ପଛରେ ପହଞ୍ଚିଯାଇଛନ୍ତି। ମଙ୍ଗଳବାର ରାଜସ୍ଥାନ ଟସ୍ ଜିତି କୋଲକାତାକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ୨୧ ରନ୍‌ରେ କୋଲକାତାର ଗତ ବିଜୟର ନାୟକ ଫିଲ୍ ସଲ୍ଟ (୧୦)କୁ ଆଉଟ୍ କରି ଚମତ୍କାର ଆରମ୍ଭ ବି କରିଥିଲା। ଏହା ପରେ କିନ୍ତୁ ଶତକ ହାସଲକାରୀ ସୁନୀଲ ନାରାୟଣ ଓ ଅଙ୍ଗକ୍ରିସ୍ ରଘୁବଂଶୀ (୩୦) ରାଜସ୍ଥାନ ବୋଲରଙ୍କୁ ନିର୍ଧୁମ ଛେଚି ଦ୍ୱିତୀୟ ଓ୍ୱିକେଟ୍‌ରେ ଦ୍ରୁତ ୮୫ ରନ୍ ଯୋଡ଼ି ନେଇଥିଲେ। ଫଳରେ ରଘୁବଂଶୀଙ୍କୁ କୁଲଦୀପ ସେନ୍ ପୁରୁଖା ସ୍ପିନର ଆର ଅଶ୍ୱିନଙ୍କ ହାତରେ କ୍ୟାଚ୍ କରାଇ ଯୋଡ଼ି ଭାଙ୍ଗିବା ପୂର୍ବରୁ କୋଲକାତା ତିନି ଅଙ୍କ ଟପି ସାରିଥିଲା। ରଘୁବଂଶୀ ପ୍ୟାଭିଲିୟନ ଫେରିବା ପରେ ନାରାୟଣ ନାଟକୀୟ ଭାବେ ଗିୟର ବଦଳାଇ ଛକା, ଚୌକା ବର୍ଷା କରିଥିଲେ। ଏପରିକି ପ୍ରତିଯୋଗିତାର ଅଗ୍ରଣୀ ଓ୍ୱିକେଟ୍ ସଂଗ୍ରହକାରୀ ୟୁଜବେନ୍ଦ୍ର ଚହଲଙ୍କୁ ନିର୍ଧୁମ ଛେଚିଥିଲେ। ତାଙ୍କ ଚତୁର୍ଥ ଓଭରରୁ ୨୩ ରନ୍ ଅମଳ କରି ପ୍ରତୀକ୍ଷିତ ଶତକ ଛୁଇଁଥିଲେ। ଏହା ମଧ୍ୟ ୮୪ ମ୍ୟାଚ୍ ପରେ ଇଡେନ୍ ଗାର୍ଡେନ୍ସରେ କେଣସି କୋଲକାତା ବ୍ୟାଟରଙ୍କ ପ୍ରଥମ ଶତକ ଥିଲା। ନିଜ ୪୯ ବଲ୍ ଶତକ ଭିତରେ ୩୫ ବର୍ଷୀୟ ନାରାୟଣ ଅବିଶ୍ୱସନୀୟ ଭାବେ ୧୧ ଚୌକା ଓ ୬ ଛକା ମାରି ଚଳିତ ଆଇପିଏଲ୍‌ର ଶ୍ରେଷ୍ଠ ବୋଲିଂ ବାହିନୀ ଥିବା ରାଜସ୍ଥାନ ରୟାଲ୍ସକୁ ନୟାନ୍ତ କରିଥିଲେ। ସେ ମଧ୍ୟ ଆଇପିଏଲ୍‌ରେ ଶତକ ସହ ୫ ଓ୍ୱିକେଟ୍ ସଫଳତାରେ ପ୍ରଥମ ଖେଳାଳି ହୋଇଥିଲେ। ଅଷ୍ଟାଦଶ ଓଭରରେ ଟ୍ରେଣ୍ଟ ବୋଲ୍ଟ ତାଙ୍କୁ ବୋଲ୍ଡ କରିବା ପୂର୍ବରୁ କୋଲକାତା ସ୍କୋର୍‌କୁ ନାରାୟଣ ୨୦୦ ରନ୍‌ର ନିକଟତର କରାଇସାରିଥିଲେ। ଶେଷରେ କୋଲକାତା ୬ ଓ୍ୱିକେଟ୍ ହରାଇ ୨୨୩ ରନ୍ କରି ନେଇଥିଲା। ଚଳିତ ଆଇପିଏଲ୍‌ରେ ରାଜସ୍ଥାନ ବିପକ୍ଷରେ ପ୍ରଥମ ଦଳ ଭାବେ କୋଲକାତା ୨୦୦+ ସ୍କୋରକରିଥିଲା। – ସଂକ୍ଷିପ୍ତ ସ୍କୋର୍ – କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ ୨୨୩/୬ (ସୁନୀଲ ନାରାୟଣ-୧୦୯, ଅଙ୍ଗ୍ରିସ ରଘବଂଶୀ-୩୦, ରିଙ୍କୁ ସିଂହ-୨୦ଅ, ଆଓ୍ୱେସ ଖାନ୍-୨/୩୫, କୁଲଦୀପ ସେନ୍-୨/୪୬, ଟ୍ରେଣ୍ଟ ବୋଲ୍ଟ-୧/୩୧, ୟୁଜବେନ୍ଦ୍ର ଚହଲ-୧/୫୪)। ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୨୨୪/୮ (ଜୋସ୍ ବଟ୍‌ଲର-୧୦୭ଅ, ରିୟାନ୍ ପରାଗ-୩୪, ରୋଭ୍‌ମାନ ପାଓ୍ୱେଲ-୨୬, ବରୁଣ ଚକ୍ରବର୍ତ୍ତୀ-୨/୨୭, ସୁନୀଲ ନାରାୟଣ-୨/୩୦, ହର୍ଷିତ ରାଣା-୨/୪୫, ବୈଭବ ଅରୋଡ଼ା-୧/୪୫)।

# ସନ୍ନ୍ୟାସ ନେଇଥିବା ସତ୍ତ୍ୱେ ବିଶ୍ୱକପ୍ ଖେଳିପାରନ୍ତି ସୁନୀଲ ନାରିନ୍



ନୂଆଦିଲ୍ଲୀ: ଚଳିତ ବର୍ଷ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ଖେଳିପାରନ୍ତି ସୁନୀଲ ନାରିନ୍। ସେ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ଘୋଷଣା କରିଥିଲେ ହେଁ ତାଙ୍କୁ ଫେରାଇ ଆଣିବାକୁ ଚେଷ୍ଟା ଜାରି ରହିଥିବା ଓ୍ୱେଷ୍ଟଇଣ୍ଡିଜ ଅଧିନାୟକ ରୋଭମ୍ୟାନ୍ ପାଓ୍ୱେଲ କହିଛନ୍ତି। ହେଲେ କୋଲକାତା ନାଇଟ୍ ରାଇଡର୍ସର ଏହି ଷ୍ଟାର ଖେଳାଳି ଏଯାବତ ସମସ୍ତଙ୍କ ଫୋନ୍(ଯେଉଁମାନେ କଥା ହେବାକୁ ଚାହୁଁଛନ୍ତି) ବ୍ଲକ କରିଦେଇଛନ୍ତି। ଆସନ୍ତା ମାସରେ ୩୬ ବର୍ଷର ହେବାକୁ ଯାଉଥିବା ନାରିନ୍ ବିଶ୍ୱର ଫ୍ରାଞ୍ଚାଇଜ୍ ଟି୨୦ ଲିଗ୍‌ରେ ଧ୍ୟାନ କେନ୍ଦ୍ରିତ କରିବାକୁ ଗତ ବର୍ଷ ନଭେମ୍ବରରେ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ଘୋଷଣା କରିଥିଲେ। ସେ ଅଗଷ୍ଟ ୨୦୧୯ରେ ଶେଷ ଥର ଲାଗି ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ହେଲେ ଚଳିତ ଆଇପିଏଲ୍‌ରେ ଉଭୟ ବୋଲିଂ ଏବଂ ବ୍ୟାଟିଂରେ ସେ ଜବରଦସ୍ତ ଫର୍ମରେ ଅଛନ୍ତି। ଏହାକୁ ଦେଖି ଜୁନ୍‌ରେ ଓ୍ୱେଷ୍ଟଇଣ୍ଡିଜ ଏବଂ ଆମେରିକାରେ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ଖେଳିବା ଲାଗି ମନାଇବାକୁ ଚେଷ୍ଟା କରାଯାଉଛି। ସେ ନିଜର ସନ୍ନ୍ୟାସ ନେବାର ନିଷ୍ପତ୍ତି ବଦଳାନ୍ତୁ ବୋଲି ସମସ୍ତେ ଚାହୁଁଥିବା ଅଧିନାୟକ ପାଓ୍ୱେଲ୍ କହିଛନ୍ତି।

# ଟି-୨୦ ବିଶ୍ୱକପ୍‌ରେ ସ୍ଥାନ ପାଇବେ ହାର୍ଦ୍ଦିକ ପାଣ୍ଡ୍ୟା !



ମୁମ୍ବାଇ: ଭାରତୀୟ ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଚମକ ଚଳିତ ଆଇପିଏଲରେ ଦେଖିବାକୁ ମିଳୁ ନଥିଲା ବେଳେ ସମସ୍ୟା ଆଉ ଟିକିଏ ବଢ଼ି ଯାଇଛି। ବର୍ତ୍ତମାନ ସୁଦ୍ଧା ହାର୍ଦ୍ଦିକ ୬ ଟି ମ୍ୟାଚ୍ ରେ ୨୬.୨୦ ହାରରେ ୧୩୧ ରନ୍ ସ୍କୋର କରିଛନ୍ତି। ସେହିପରି ଶେଷ ୪ ମ୍ୟାଚରେ ସେ କ୍ୱଚିତ୍ ବୋଲିଂ କରିଛନ୍ତି, ଏବଂ ପ୍ରାୟ ସମସ୍ତ ମ୍ୟାଚରେ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି। ତେବେ ଆଗକୁ ଟି୨୦ ବିଶ୍ୱକପ ଅନୁଷ୍ଠିତ ହେବାକୁ ଥିବାବେଳେ ଦଳରେ ସ୍ଥାନ ପାଇବାକୁ ହେଲେ ପାଣ୍ଡ୍ୟାଙ୍କୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି। ଇଣ୍ଡିଆନ ଏକ୍ସପ୍ରେସନରେ ଏକ ରିପୋର୍ଟ ଅନୁଯାୟୀ, ଭାରତ ଗତ ସପ୍ତାହରେ ମୁମ୍ବାଇର କୋଚ ରାହୁଲ ଦ୍ରାବିଡ ଏବଂ ଅଧିନାୟକ ରୋହିତ ଶର୍ମା ଏବଂ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ହାର୍ଦ୍ଦିକଙ୍କ ଚୟନ କଥା ମଧ୍ୟ ଉଠିଥିଲା, ଯେଉଁଥିରେ ହାର୍ଦ୍ଦିକଙ୍କୁ ନିୟମିତ ବୋଲିଂ କରିବା ଉପରେ ଆଲୋଚନା ହୋଇଥିଲା। ଚଳିତ ସିଜିନରେ ହାର୍ଦ୍ଦିକ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ବୋଲିଂ କରିଥିଲେ ମଧ୍ୟ ଏକ ସକରାତ୍ମକ ଛାପ ଛାଡ଼ିବାକୁ ଅସମର୍ଥ ହୋଇଥିଲେ। ପାଓ୍ୱାରପ୍ଲେ ଓଭରରେ ୪ ଓଭରରେ ସେ ୪୪ କରିଛନ୍ତି ଏବଂ ଶେଷ ଓଭରରେ ୬ ଓଭରରେ ୬୨ ରନ ବ୍ୟୟ କରିଛନ୍ତି। ସେହିଭଳି ଶେଷ ଓଭରରେ ବୋଲିଂ କରି ଗୋଟିଏ ଓଭରରେ ୨୬ ରନ ବ୍ୟୟ କରିଛନ୍ତି। ଅନ୍ୟପଟେ ଭାରତୀୟ ଦଳରେ ହାର୍ଦ୍ଦିକଙ୍କ ସ୍ଥାନ ପାଇଁ, ଶିବମ୍ ଦୁବେଙ୍କ ନାଁ ତାଲିକାର ପ୍ରଥମ ସ୍ଥାନରେ ରହିଛି। କିନ୍ତୁ, ଚେନ୍ନାଇ ସୁପର କିଙ୍ଗସ୍ ଷ୍ଟାର ସହିତ ଏକ ସମସ୍ୟା ମଧ୍ୟ ରହିଛି, ଯେ ସେ କେବଳ ସେମାନଙ୍କ ପାଇଁ ଇମ୍ପାକ୍ଟ ଖେଳାଳୀ ଭାବରେ ଖେଳନ୍ତି। ଦୁବେ ହେଉଛନ୍ତି ଏକ ଉଚ୍ଚ-ସ୍ତରୀୟ ଅଲରାଉଣ୍ଡର କିନ୍ତୁ ଏହି ସିଜିନରେ ସେ ଚେନ୍ନାଇ ପାଇଁ ବୋଲିଂ କରି ନାହାନ୍ତି। ଏହାବ୍ୟତୀତ ସେ ଚେନ୍ନାଇ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଚଳିତ ସିଜିନରେ ଖେଳିଲେଣି। ବିଶେଷ କରି ତାଙ୍କର ବଡ଼ ହିଟିଂ କ୍ଷମତା ଦଳ ପାଇଁ ବେଶ ଉପଯୋଗୀ ଅଟେ। ଯଦି ସେ ଟି୨୦ ବିଶ୍ୱକପ୍ ପାଇଁ ଚୟନ ହୁଅନ୍ତି, ତେବେ ସେ ଏକ ପାର୍ଟ ଟାଇମ୍ ବୋଲର ଭାବରେ ବ୍ୟବହୃତ ହେବାର ସମ୍ଭାବନା ଅଛି ଏବଂ ଏକ ପୂର୍ଣ୍ଣ-ଗୋଲାକାର ଭାବରେ ନୁହେଁ, ଯିଏ ଦଳ ପାଇଁ ୪ ଓଭର ବୋଲିଂ କରିପାରିବେ।

# ଗ୍ରୀସ୍‌ରେ ଅଲିମ୍ପିକ୍ସ ମଶାଲ ପ୍ରଜ୍ୱଳିତ





ଆନସିଏଣ୍ଟ ଅଲିମ୍ପିଆ: ଆସନ୍ତା ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ଉପଲକ୍ଷେ ପ୍ରଜ୍ୱଳିତ ହୋଇଛି ଅଲିମ୍ପିକ୍ସ ମଶାଲ। ମଙ୍ଗଳବାର ଦକ୍ଷିଣ ଗ୍ରୀସ୍‌ର ଏଥେନ୍ସରେ ଥିବା ପୁରାତନ ଗେମ୍ସ ଭେନ୍ୟୁରେ ପ୍ରତିକୂଳ ପାଗ ସତ୍ତ୍ୱେ ଅଲିମ୍ପିକ୍ସ ମଶାଲରେ ଅଗ୍ନି ସଂଯୋଗ କରାଯାଇଛି। ପ୍ରାଚୀନ ଗ୍ରୀସ୍‌ର ସୂର୍ଯ୍ୟ ଦେବତା ତଥା ଆପୋଲୋଙ୍କ ଅନୁପସ୍ଥିତିରେ ମଶାଲରେ ଅଗ୍ନି ସଂଯୋଗ କରାଯାଇଥିଲା। ଆକାଶ ମେଘାଚ୍ଛନ୍ନ ଥିବାରୁ ପାରମ୍ପରିକ ଢଙ୍ଗରେ ଏହି ପ୍ରକ୍ରିୟା ସମ୍ଭବ ହୋଇ ନ ଥିଲା। ଜଣେ ଅଭିନେତ୍ରୀ ପୂଜକଙ୍କ ପୋଷାକରେ ଆପୋଲୋଙ୍କୁ ପୂଜା କରିବା ପରେ ହିଁ ଅଗ୍ନି ସଂଯୋଗ ହୋଇଥାଏ। ତେବେ ଆକାଶ ମେଘାଚ୍ଛନ୍ନ ଥିବାରୁ ବିକଳ୍ପ ବ୍ୟବସ୍ଥା ଆପଣାଇଥିଲେ ଆୟୋଜକ। ସାଧାରଣତଃ ଅଗ୍ନି ଏକ ମାଟିପାତ୍ରରେ ରଖାଯାଇଥାଏ। ସୂର୍ଯ୍ୟକିରଣ ଏକ ଦର୍ପଣରୁ ପ୍ରତିଫଳିତ ହୋଇ ଏହି ପାତ୍ର ଉପରେ ପଡିବା ପରେ ଏହାକୁ ମଶାଲରେ ସଂଯୋଗ କରାଯାଏ। ତେବେ ସୂର୍ଯ୍ୟ ଦୃଶ୍ୟମାନ ହୋଇ ନ ଥିବା କାରଣରୁ ସିଧାସଳଖ ମଶାଲରେ ଅଗ୍ନି ସଞ୍ଜୋଗ କରାଯାଇଥିଲା। ତେବେ ଏହି ଅଗ୍ନି ସଂଯୋଗ କାର୍ଯ୍ୟକ୍ରମର କିଛି ମିନିଟ ପରେ ପାଗ ସୁଧୁରିବା ସହ ସୂର୍ଯ୍ୟ ଦୃଶ୍ୟମାନ ହୋଇଥିଲେ। ପ୍ୟାରିସ ଅଲିମ୍ପିକ୍ସ ଆସନ୍ତା ଜୁଲାଇ ୨୬ରୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଗ୍ରୀସ୍‌ରୁ ବାହାରିଥିବା ଅଲମ୍ପିକ୍ସ ମଶାଲ ଶୋଭାଯାତ୍ରା ୩୧୦୦ ମାଇଲ ବା ୫୦୦୦ କି.ମି. ଯାତ୍ରା କରିବା ପରେ ଏପ୍ରିଲ ୨୬ରେ ଏଥେନ୍ସରେ ପ୍ୟାରିସ ଆୟୋଜକଙ୍କୁ ହସ୍ତାନ୍ତର କରାଯିବ। ଆନ୍‌ସିଏଣ୍ଟ ଅଲିମ୍ପିଆରେ ଏହି ଘଟଣା ଆମକୁ ଅତୀତ ଓ ଭବିଷ୍ୟତ ସମ୍ପର୍କରେ ଅବଗତ କରାଉଛି ବୋଲି କହିଛନ୍ତି ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ମୁଖ୍ୟ ଥୋମାସ୍‌ବାକ୍। ବର୍ତ୍ତମାନ ସମଗ୍ର ବିଶ୍ୱ ଯୁଦ୍ଧର ବିଭୀଷିକାରେ ଆତଙ୍କିତ ହେଉଥିବା ବେଳେ ଘୃଣା ଓ ନକାରାତ୍ମକତାରେ ଲୋକମାନେ ହତୋତ୍ସାହିତ ହୋଇପଡିଛନ୍ତି। ଏହି ମଶାଲ ଯାତ୍ରା ଲୋକଙ୍କ ମନରେ ଏକ ସକାରାତ୍ମକ ଭାବନା ସୃଷ୍ଟି କରିବ ବୋଲି କହିଛନ୍ତି ବାକ୍। ଖ୍ରୀଷ୍ଟପୂର୍ବ ୭୭୬ରୁ ୩୯୩ ଖ୍ରୀଷ୍ଟାବ୍ଦ ଯାଏ ଆନ୍‌ସିଏଣ୍ଟ ଅଲିମ୍ପିଆରେ ଅଲିମ୍ପିକ୍ସ ଗେମ୍ ଆୟୋଜିତ ହୋଇଥିଲା। ମଙ୍ଗଳବାର କାର୍ଯ୍ୟକ୍ରମରେ ସମଗ୍ର ବିଶ୍ୱର ହଜାର ହଜାର ଲୋକ ଏହି କାର୍ଯ୍ୟକ୍ରମ ଦେଖିବାକୁ ଉପସ୍ଥିତ ଥିଲେ। ୨୦୨୧ ଟୋକିଓ ଅଲିମ୍ପିକ୍ସରେସ୍ୱର୍ଣ୍ଣ ବିଜେତା ଗ୍ରୀସ୍ ରୋୟର ଷ୍ଟେଫାନୋସ ଡୋସକୋସ ପ୍ରଥମ ବାହକ ଭାବରେ ଅଲିମ୍ପିକ୍ସ ମଶାଲ ଧରିବାର ଗୌରବ ଅର୍ଜନ କରିଥିଲେ। ଏଥେନ୍ସର ଐତିହାସିକ ଫ୍ରେଞ୍ଚ ବାରନ୍ ପିଅର ଡି କୁବେର୍ଟିନ୍ ପର୍ଯ୍ୟନ୍ତ ସେ ମଶାଲ ବାହକ ହୋଇଥିଲେ। ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ୩ ପଦକ ବିଜୟିନୀ ଫ୍ରାନ୍ସର ଲୌରେ ମାନାଉଡୋଉ ଦ୍ୱିତୀୟ ଆଥଲେଟ ଭାବରେ ମଶାଲ ଧରିଥିଲେ। ପରେ ୟୁରୋପିଆନ୍ ୟୁନିୟନ ଅଧିକାରୀ ମାର୍ଗାରିଟିସ୍ ଶିନାସଙ୍କୁ ଏହା ହସ୍ତାନ୍ତର କରାଯାଇଥିଲା। ଏହି ମଶାଲଟି ଏଥେନ୍ସରୁ ପୋର୍ଟ ଅଫ୍ ପିରାଉସ୍ ଯାତ୍ରା କରିବା ପରେ ୧୮୯୬ରେ ନିର୍ମିତ ଜାହାଜରେ ଏହାକୁ ପ୍ୟାରିସ୍ ନିଆଯିବ। ମେ ୮ ତାରିଖରେ ଏହା ପ୍ୟାରିସ୍‌ରେ ପହଞ୍ଚିବା ଲକ୍ଷ୍ୟ ରଖାଯାଇଛି।

# ଆରସିବିକୁ ବିସିସିଆଇ ବିକ୍ରି କରିଦେଉ:ମହେଶ ଭୂପତି





ନୂଆଦିଲ୍ଲୀ: ଆଇପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ଦୟନୀୟ ପ୍ରଦର୍ଶନ ଯୋଗୁ କୋଟିକୋଟି ପ୍ରଶଂସକ ଓ ସମର୍ଥକ ନିରାଶ ହୋଇଛନ୍ତି। ତେଣୁ ଏହି ଦଳକୁ ଆଉ କାହାକୁ ବିକ୍ରି କରିଦେବାକୁ ଭାରତୀୟ ଟେନିସ୍ କିଂବଦନ୍ତି ମହେଶ ଭୂପତି ବିସିସିଆଇକୁ ପରାମର୍ଶ ଦେଇଛନ୍ତି। ସୋମବାର ଏକ ଐତିହାସିକ ମୁକାବିଲାରେ ସନରାଇଜର୍ସ ହାଇଦ୍ରାବାଦ ନିକଟରୁ ଆର୍‌ସିବି ୨୫ ରନ୍‌ରେ ପରାସ୍ତ ହୋଇଥିଲା। ଏହି ପରାଜୟ ପରେ ଦଳୀୟ ଖେଳାଳିମାନଙ୍କ ଉପରେ ଗବେଷଣା ଓ ଆକଳନ କରିବା ଆରମ୍ଭ ହୋଇଯାଇଛି। ସମସ୍ତ ୧୦ ଫ୍ରାଞ୍ଚାଇଜ୍‌ଙ୍କ ମଧ୍ୟରେ ଆର୍‌ସିବିର ସବୁଠୁ ଦୁର୍ବଳ ବୋଲିଂ ଆକ୍ରମଣ ହେଉଛି ଓ ଦଳର ପ୍ରମୁଖ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ବାହାରେ ବସିବାକୁ ପଡୁଛି। ଏବେ ଧୀରେଧୀରେ ପ୍ରଶଂସକଙ୍କ ଆକ୍ରୋଶ ଦଳର ମାଲିକଙ୍କ ଉପରକୁ ଆସିଲାଣି। ଗତବର୍ଷ ଡିସେମ୍ବରରେ ଖେଳାଳି ନିଲାମ ବେଳେ ବୁଦ୍ଧିମତ୍ତାର ପ୍ରୟୋଗ କରାଯାଇ ନଥିବା ଅଭିଯୋଗ ହୋଇଛି। ଏଥିରେ ମର୍ମାହତ ହୋଇ ଭୂପତି ସାମାଜିକ ଗଣମାଧ୍ୟମରେ ଖେଳ, ଆଇପିଏଲ୍ ଓ ପ୍ରଶଂସକଙ୍କ ହିତ ଦୃଷ୍ଟିରୁ ବିସିସିଆଇ ଏହି ଦଳକୁ କେଣସି ଏକ ନୂଆ ମାଲିକଙ୍କୁ ବିକ୍ରି କରିଦେବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟ ଫ୍ରାଞ୍ଚାଇଜ୍‌ମାନେ ଯେପରି କ୍ରୀଡ଼ା ଭିତ୍ତିକ ଦଳ ଗଠନ କରିପାରିଛନ୍ତି, ନୂଆ ମାଲିକ ଏହି ଦଳକୁ ଠିକ୍ ସେମିତି ଗଢ଼ିପାରିବେ ବୋଲି ଭୂପତି ଆଶା ରଖିଛନ୍ତି।

# ଗୁଜରାଟ ମାତ୍ର ୮୯ ରନରେ ଅଲଆଉଟ୍, ଦିଲ୍ଲୀ ଆଗରେ ୯୦ ରନର ଲକ୍ଷ୍ୟ



ଅହମଦାବାଦ: ଆଇପିଏଲରେ ଲଜ୍ଜାଜନକ ପ୍ରଦର୍ଶନ କରିଛି ଗୁଜରାଟ ଟାଇଟନ୍ସ। ଦଳ ମାତ୍ର ୮୯ ରନରେ ଅଲଆଉଟ୍ ହୋଇଯାଇଛି। ଏହାକୁ ଆଇପିଏଲ ଇତିହାସରେ ଗୁଜରାଟର ସବୁଠାରୁ କମ ସ୍କୋର କୁହାଯାଉଛି। ଏହା ଫଳରେ ଦିଲ୍ଲୀ କ୍ୟାପିଟାଲ୍ସ ଆଗରେ ୯୦ ରନର ଲକ୍ଷ୍ୟ ରହିଛି। ଏହି ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଆରମ୍ଭରୁ ନିୟମିତ ବ୍ୟବଧାନରେ ଓ୍ୱିକେଟ ହରାଇଚାଲିଥିଲା। ଦଳୀୟ ସ୍କୋର ମାତ୍ର ୧୧ ରନ ହୋଇଥିବାବେଳେ ଅଧିନାୟକ ଶୁଭମନ ଗିଲ ମାତ୍ର ୮ ରନ କରି ଆଉଟ ହୋଇଥିଲେ। ସେହିପରି ଓପନର ରିଦ୍ଧିମାନ ଶାହା ମାତ୍ର ୨ ରନ କରି ଆଉଟ ହୋଇଥିଲେ। ଡେଭିଡ ମିଲର ମାତ୍ର ୨ ରନ, ସାଇ ସୁଦର୍ଶନ ୧୨ ରନ, ରାହୁଲ ତେଓ୍ୱାତିଆ ୧୦, ଅଭିନବ ମନୋହର ୮ ରନ, ଶାହରୁଖ ଖାଁ ୦ କରିଥିଲେ। କେବଳ ରସିଦ ଖାଁ କିଛି ସମୟ କ୍ରିଜରେ ତିଷ୍ଠି ୩୧ ରନ କରିବାକୁ ସକ୍ଷମ ହୋଇଥିଲେ। ଗୁଜରାଟ ଦଳ ସଂପୂର୍ଣ୍ଣ ୧୦ ଓଭର ମଧ୍ୟ ଖେଳିପାରିନଥିଲା ଓ ୧୭.୩ ଓଭରରେ ୮୯ ରନ କରି ଅଲଆଉଟ ହୋଇଯାଇଥିଲା। ଦିଲ୍ଲୀ ପକ୍ଷରୁ ମୁକେଶ କୁମାର ୩ଟି ଓ୍ୱିକେଟ ନେଇଥିବାବେଳେ ଟ୍ରିଷ୍ଟେନ ଷ୍ଟବ୍ସ ଓ ଇଶାନ୍ତ ଶର୍ମା ୨ଟି ଲେଖାଏଁ ଓ୍ୱିକେଟ ନେଇଥିଲେ।

# ଶ୍ରେୟସଙ୍କ ଉପରେ ଲକ୍ଷ ଲକ୍ଷ ଜରିମାନା



ନୂଆଦିଲ୍ଲୀ: ରାଜସ୍ଥାନ ରୋୟଲ୍ସ ବିପକ୍ଷ ମ୍ୟାଚରେ ପରାସ୍ତ ହୋଇଛି କୋଲକାତା ନାଇଟ ରାଇଡର୍ସ। ଏହି ମ୍ୟାଚରେ ପରାଜୟ ସହିତ ଦଳକୁ ଲାଗିଛି ଆଉ ଏକ ଶକ୍ତ ଝଟକା। ଦଳର ଅଧିନାୟକ ଶ୍ରେୟସ ଆୟରଙ୍କ ଉପରେ ଲକ୍ଷ ଲକ୍ଷ ଟଙ୍କାର ଜରିମାନା ଲାଗୁ କରିଛି ବିସିସିଆଇ। ସ୍ଲୋ ଓଭର ରେଟ ଅଭିଯୋଗରେ ଶ୍ରେୟସ ଆୟରଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଜରିମାନା ଜାରି କରିଛନ୍ତି ଆଇପିଏଲ ଆୟୋଜକ। ଏହି ସ୍ଲୋ ଓଭର ରେଟ ଯୋଗୁଁ ଦଳକୁ ଶେଷ ଓଭର ମଧ୍ୟ ମହଙ୍ଗା ପଡ଼ିଥିଲା। ସୂଚନା ମୁତାବକ, କେଲାକାତା ନାଇଟ ରାଇଡର୍ସର ଅଧିନାୟକ ଶ୍ରେୟସ ଆୟରଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଜରିମାନା ଲାଗୁ କରାଯାଇଛି। ରାଜସ୍ଥାନ ରୋୟଲ୍ସ ବିପକ୍ଷ ମ୍ୟାଚରେ ସ୍ଲୋ ଓଭର ରେଟ ବୋଲିଂ ଯୋଗୁଁ ଏହି ଜରିମାନାରେ ଦଣ୍ଡିତ ହୋଇଛନ୍ତି ଶ୍ରେୟସ। ତେବେ ନ୍ୟୁନତମ ଓଭର ଗତି ଅପରାଧ ମାମଲାରେ ଚଳିତ ସିଜନରେ ଏହା କୋଲକାତା ପକ୍ଷରୁ ପ୍ରଥମ ଭୁଲ ରହିଥିଲା। ତେଣୁ ଅଧିନାୟକ ଶ୍ରେୟସ ଆୟରଙ୍କ ଉପରେ ୧୨ ଲକ୍ଷଟଙ୍କା ଜରିମାନା ଲାଗୁ ହୋଇଛି। ଅଧିନାୟକ ଶ୍ରେୟସ ମଧ୍ୟ ଏହି ଭୁଲକୁ ସ୍ୱୀକାର କରିଛନ୍ତି, ତେଣୁ ମାମଲାର କୌଣସି ଶୁଣାଣି ହେବ ନାହିଁ। ତେବେ ଏହାପରେ ଶ୍ରେୟସଙ୍କୁ ସତର୍କ ରହିବାକୁ ହେବ। କାରଣ ଆଗାମୀ ମ୍ୟାଚରେ ଏଭଳି ଭୁଲ ହେଲେ, ଏହା ଦଳ ପାଇଁ ମହଙ୍ଗା ପଡ଼ିପାରେ। ଦ୍ୱିତୀୟ ତର ଏହି ଭୁଲ ପାଇଁ ଖେଳାଳିମାନଙ୍କ ଉପରେ ୬-୬ ଲକ୍ଷ ଟଙ୍କା ଜରିମାନା ।ଦାୟ କରାଯିବ ଏବଂ ଅଧିନାୟକଙ୍କ ପାଇଁ ଏହି ଜରିମାନା ୨୪ ଲକ୍ଷକୁ ବୃଦ୍ଧି କରି ଦିଆଯିବ। କୋଲକାତା ନାଇଟ୍ ରାଇଡର୍ସ ମଧ୍ୟ ମ୍ୟାଚ୍ ସମୟରେ ମନ୍ଥର ଓଭର ହାର ପାଇଁ ଦଣ୍ଡିତ ହୋଇଥିଲେ। ରାଜସ୍ଥାନ ବିପକ୍ଷ ଶେଷ ଓଭରରେ କେକେଆର୍ ୩୦ ୟାର୍ଡ ବାହାରେ ଚାରି ଜଣ ଖେଳାଳିଙ୍କୁ ରକିବା ପାଇଁ ଅନୁମତି ପାଇଥିଲେ। ବରୁଣ ଚକ୍ରବର୍ତ୍ତୀ ଶେଷ ଓଭରରେ ବୋଲିଂ କରିଥିଲେ, ଯେଉଁଥିରେ ଜୋସ୍ ବଟଲର ବିଜୟ ଦେବା ପାଇଁ ୯ ରନ୍ ସଂଗ୍ରହ କରିଥିଲେ। ତେବେ ଯଦି ୫ ଜଣ ଖେଳାଳିଙ୍କୁ ବାହାରେ ରଖିବାର ଅନୁମତି ମିଳିଥାନ୍ତା, ତେବେ ଶ୍ରେୟସ ଏହି ଓଭର ପାଇଁ କୌଣସି ପେସ୍ ବୋଲରଙ୍କୁ ଦାୟିତ୍ୱ ଦେଇ ପାରିଥାନ୍ତେ।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583